



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-346 •SUNDAY •14 JUNE 2026 •PAGE-12+4 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩୪୬ •ରବିବାର •୧୪ ଜୁନ୍ ୨୦୨୬ •ପୃଷ୍ଠା-୧୨+୪ (ସିଦୂରା) •ଟ.୭.୦୦


## ଆସାମରେ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

# ୨ ଅଗ୍ନିବୀରଙ୍କ ସମେତ ୫ ସହିଦ

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଆସାମର ଯୋରହାଟ ଏୟାର ବେସଠାରେ ଶନିବାର ଭାରତୀୟ ବାୟୁସେନାର ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି। ବାୟୁସେନାର ଏକ 'ଏଏନ୍-୩୨' ପରିବହନ ବିମାନ ଅବତରଣ କରୁଥିବା ସମୟରେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହି ଦୁଃଖଦ ଘଟଣାରେ ବାୟୁସେନାର ୫ ଜଣ କର୍ମଚାରୀ ପ୍ରାଣ ହରାଇଥିବା ବେଳେ ବିମାନର ସହ-ଚାଳକ ବା କୋ-ପାଇଲଟ୍ ସୌଭାଗ୍ୟବଶତଃ ବଞ୍ଚି ଯାଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଯୋରହାଟ ବାୟୁସେନା ଘାଟି ଭିତରେ ବିମାନଟି ଲ୍ୟାଣ୍ଡ କରିବା ମାତ୍ରେ ହିଁ



**ଶୋକ ପ୍ରକାଶ କଲେ ନବୀନ**

ଏଥିରେ ହଠାତ୍ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଘଟଣାସ୍ଥଳକୁ ଦମକଳ ବାହିନୀ ପଠାଯାଇ ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବାୟୁସେନାର ବରିଷ୍ଠ ଅଧିକାରୀମାନେ ତୁରନ୍ତ ସେଠାରେ ପହଞ୍ଚି ଜରୁରୀକାଳୀନ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଭାରତୀୟ ବାୟୁସେନା ପକ୍ଷରୁ ଏହି ଦୁର୍ଘଟଣାରେ ୫ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ନେଇ ଆଧିକାରିକ ଭାବେ ସ୍ପଷ୍ଟ କରାଯାଇଛି। ସେମାନଙ୍କର ପରିଚୟ ମଧ୍ୟ ପ୍ରକାଶ କରାଯାଇଛି। ଏହି ଦୁର୍ଘଟଣାରେ ବିମାନର କୋ-ପାଇଲଟ୍ ଜୀବିତ ଅଛନ୍ତି ଏବଂ ବର୍ତ୍ତମାନ ▶ପୃଷ୍ଠା-୭



## ଅଶୋଧିତ ତୈଳ ଦରରେ ବୃହତ ହ୍ରାସ

# ପାକିସ୍ତାନରେ କମୁଛି ତେଲ ଦର

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ପଶ୍ଚିମ ଏସିଆରେ ଶାନ୍ତି ଆଶା ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇ ତିନି ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି। ତେଲ ଦରରେ ଏହି ହ୍ରାସ ଭାରତ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି, ଯେ କି ବହୁ ପରିମାଣରେ ଅଶୋଧିତ ତୈଳ ଆମଦାନୀ କରିଥାଏ। ଆଜି କମୋଡିଟି ବଜାରରେ ଅଶୋଧିତ ତୈଳ ମୂଲ୍ୟ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୩.୪୨୦ ଡଲାର ହ୍ରାସ ପାଇ ୮୪.୨୯୦ ଡଲାରକୁ ଖସିଆସିଛି। ଏହି ହ୍ରାସ ବିଶ୍ୱବ୍ୟାପୀ ତୈଳ ଚାହିଦାରେ ହ୍ରାସ ହେତୁ ହୋଇଛି। ଅଶୋଧିତ ତୈଳ ଦରରେ ହ୍ରାସର ଲାଭ କିନ୍ତୁ ଖାଉଟିଙ୍କୁ ମିଳିପାରିନାହିଁ। ବିଶ୍ୱ ବଜାରରେ ମହଙ୍ଗା ଦେଲ ଦର ଯୋଗୁ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବଢ଼ିଚାଲିଥିଲା। ହେଲେ ଏବେ ଦର କମୁଥିବାବେଳେ ତେଲ କମ୍ପାନୀ ନିରବ। ଯଦିଓ ଭାରତରେ ତୈଳ ବିପଣନକାରୀ କମ୍ପାନୀ(ଓଏମ୍‌ସି) ଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ ବୃଦ୍ଧି କରିଚାଲିଛନ୍ତି। ହେଲେ ପାକିସ୍ତାନରେ ଏହାର ବିପରୀତ ଘଟଣା ଘଟୁଛି। ଇତିମଧ୍ୟରେ ପାକିସ୍ତାନରେ କ୍ରମାଗତ ଭାବେ ୫ ଥର ପେଟ୍ରୋଲ-ଡିଜେଲ ମୂଲ୍ୟରେ ହ୍ରାସ ଘଟିଛି। ଅପରପକ୍ଷେ ଭାରତରେ କ୍ରମାଗତ ଭାବେ ୪ ଥର ପେଟ୍ରୋଲ- ▶ପୃଷ୍ଠା-୭



**କ୍ରମାଗତ ୫ ଥର କମିଲା ପେଟ୍ରୋଲ-ଡିଜେଲ ଦର**

**ଭାରତରେ ୪ ଥର ବଢ଼ିଲାଣି**

# ଛୁଇଁ ଦେଇ ଲୁଚିଗଲା ମୌସୁମୀ

## ଉପକୂଳରେ କମ୍ ବର୍ଷା; ବିଳମ୍ବ ହେବ ଚାଷକାର୍ଯ୍ୟ

■ ଭୁବନେଶ୍ୱର, ୧୩।୬ (ସମିସ): ଓଡ଼ିଶାର ଉପକୂଳ ଅଞ୍ଚଳ ଦେଇ ଆନୁଷ୍ଠାନିକ ଭାବେ ମୌସୁମୀ ବାୟୁ ପ୍ରବେଶ କରିଥିବା କଥା ଗତକାଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଘୋଷଣା କରିଥିଲା। କିନ୍ତୁ ସୁଖିଲା ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ କମ୍ ବର୍ଷା ଯୋଗୁଁ ମୌସୁମୀକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଛି। ମୌସୁମୀ ରାଜ୍ୟର ୪ ଟି ଜିଲ୍ଲାକୁ ଆଂଶିକ ଛୁଇଁଥିବା କଥା ଆଇଏମ୍‌ଡି କହିଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକୁ ଏହା ଅଗ୍ରସର ହୋଇପାରିନି। ଓଡ଼ିଶାକୁ ମୌସୁମୀ ଛୁଇଁ ଦେଇ ଲୁଚକାଳି ଖେଳୁଥିବାରୁ ରାଜ୍ୟବାସୀ ମୌସୁମୀକୁ ଚାହିଁ ରହିଛନ୍ତି। ଅନ୍ୟପଟେ ରଜ ପହଞ୍ଚିଯାଇଥିବା ବେଳେ ଏପର୍ଯ୍ୟନ୍ତ ମୌସୁମୀ ସଠିକ୍ ଢଙ୍ଗରେ ନ ପହଞ୍ଚିବା ଓ ବଙ୍ଗୋପସାଗରରେ କୌଣସି ଲଘୁଚାପ ସୃଷ୍ଟି ନ ହେବା ରାଜ୍ୟର ଚାଷ କାର୍ଯ୍ୟ ପ୍ରତି ବିପଦ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶାର ଉପକୂଳ ଅଞ୍ଚଳରେ ଆନୁଷ୍ଠାନିକ ଭାବେ ମୌସୁମୀ ବାୟୁ ପ୍ରବେଶ କରିସାରିଛି। ତେବେ, ସାରା ରାଜ୍ୟରେ ବ୍ୟାପକ ଏବଂ ଚାଷ ପାଇଁ ଉପଯୋଗୀ ବର୍ଷା ହେବାରେ ବିଳମ୍ବ ▶ପୃଷ୍ଠା-୭



## କୃଷି ଅଭିବୃଦ୍ଧି ଶୂନ୍ ଆଶଙ୍କା

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଏଲ୍-ନିନୋକୁ ନେଇ ଚିନ୍ତା ବଢ଼ୁଥିବାବେଳେ ଦେଶର କୃଷି କ୍ଷେତ୍ର ପାଇଁ ଏବେ ବଡ଼ ବିପଦ ଆସିବାକୁ ଯାଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଏଲ୍-ନିନୋ ଭୟରେ ଚାଷୀମାନେ ପୂର୍ବରୁ ଜଳପ୍ରବଣ ଏବଂ ଅଧିକ ଅମଳକାରୀ ଫସଲରୁ କମ୍ ପାଣି ଆବଶ୍ୟକ କରୁଥିବା ଏବଂ କମ୍ ରାଜସ୍ୱ ଦେଉଥିବା ଫସଲ (ଯେପରିକି ବାଜରା, ଯ ଏବଂ ମୁଗ) କୁ ସ୍ଥାନାନ୍ତରିତ ହେବାକୁ ଯୋଜନା କରିଛନ୍ତି। କାରଣ ଅର୍ଥନୀତିଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ, ୨୦୨୬-୨୭ରେ କୃଷି କ୍ଷେତ୍ରର ମୋଟ ଘରୋଇ ଉତ୍ପାଦ (ଜିଡିପି) ସ୍ଥିର ରହିବ କିମ୍ବା ସାମାନ୍ୟ ହ୍ରାସ ପାଇବ। ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ ରିଲେସନ୍ସର ବିଶିଷ୍ଟ ପ୍ରଫେସର ଏବଂ କୃଷି ଖର୍ଚ୍ଚ ଏବଂ ମୂଲ୍ୟ କମିଶନର ପୂର୍ବତନ ଅଧ୍ୟକ୍ଷ ଅଶୋକ ଗୁଲାଟି ଏହାକୁ ନେଇ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, କେତେବେଳେ ଏବଂ କେତେ ବର୍ଷା ହେବ ତାହା ଉପରେ ନିର୍ଭର କରି, କୃଷି ଜିଡିପି ଅଭିବୃଦ୍ଧି ଶୂନ୍ୟ ପାଖାପାଖି କିମ୍ବା ନକାରାତ୍ମକ ହୋଇପାରେ।






## ଚାମେଲିଙ୍କୁ ନେଇ ରାଜନୀତି ସରଗରମ

**ଜେଲରେ ଅସୁସ୍ଥ ହେବାରୁ ପୁଣି ଡାକ୍ତରଖାନାକୁ ଆଣିଲା ପୁଲିସ**

**ସମର୍ଥନରେ ବାହାରିଲେ ପିସିସି ସଭାପତି ଭକ୍ତ ଦାସ**

**ଥାନା ଘେରିଲା କଂଗ୍ରେସ ଓ ବିଜେପି**

■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୩।୬ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି କେନ୍ଦ୍ରାପଡ଼ା ଜିଲ୍ଲାର ରାଜନୈତିକ ପରିବେଶ ସରଗରମ ହୋଇଉଠିଛି। ମହାକାଳପଡ଼ା ବିଡିଓଙ୍କ ଚାମ୍ବରରେ ଘଟଣା ପରେ ରୁଜୁ ହୋଇଥିବା ମାମଲା ଓ ପରବର୍ତ୍ତୀ ସମୟରେ ଚାମେଲି ଓଝାଙ୍କ ଗିରଫକୁ ନେଇ କଂଗ୍ରେସ, ବିଜେଡି, ବିଜେପି ଓ ସିପିଆଇ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପଟେ ▶ପୃଷ୍ଠା-୭

## ଝାରସୁଗୁଡ଼ା ହାର୍ଟ ହସ୍ପିଟାଲ

## ପୁନଃ ଉଦ୍‌ଘାଟନ ପ୍ରୟାସ

■ ଭୁବନେଶ୍ୱର, ୧୩।୬ (ସମିସ): ଝାରସୁଗୁଡ଼ା ସ୍ୱାସ୍ଥ୍ୟ ସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ସ୍ଥାନୀୟ ହାର୍ଟ ହସ୍ପିଟାଲ (ହୃଦ୍‌ରୋଗ ଚିକିତ୍ସାଳୟ)ର ପୁନଃ ଉଦ୍‌ଘାଟନ ପ୍ରୟାସକୁ ନେଇ ଏବେ ସ୍ଥାନୀୟ ରାଜନୀତି ସରଗରମ ହୋଇଛି। ବିଧାୟକଙ୍କ ଦ୍ୱାରା ହସ୍ପିଟାଲର ଦ୍ୱିତୀୟ ସରକାରୀ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏହାକୁ ତୀବ୍ର ବିରୋଧ କରିଛନ୍ତି ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ। ଗତ ୨୦୨୪ ମସିହା ଫେବ୍ରୁଆରୀ ୨୬ ତାରିଖରେ ଏହି ହସ୍ପିଟାଲର ଉଦଘାଟନ ବେଳର ଫଟୋଚିତ୍ର ତଥା ଏହା ପୂର୍ବରୁ ହସ୍ପିଟାଲ ସ୍ଥାପନ ନେଇ ତଥ୍ୟ ପ୍ରମାଣ ଦେଖାଇ ଦୀପାଳି ବିଧାୟକଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଅନ୍ୟର ପରିଶ୍ରମ ଓ ସଂଘର୍ଷକୁ ନିଜର କହି ▶ପୃଷ୍ଠା-୭



**ଟଙ୍କଧରଙ୍କୁ ଘେରିଲେ ଦୀପାଳି**

**ଅନ୍ୟର ପରିଶ୍ରମ ଓ ସଂଘର୍ଷକୁ ନିଜର କହି ବାହାବାହା ନେବାକୁ ଅପଚେଷ୍ଟା କରୁଛନ୍ତି ବିଧାୟକ**

**୨୦୨୪ ଫେବ୍ରୁଆରୀ ୨୬ରେ ନବୀନ କରିଥିଲେ ହସ୍ପିଟାଲ ଉଦ୍‌ଘାଟନ**


15001/67/2627



## ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି ।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0067



# ଜେନେରାଲ ଧୀରଜ ସେଠ୍ ନୂଆ ସେନାମୁଖ୍ୟ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଭାରତୀୟ ସ୍ଥଳସେନାର ନୂତନ ମୁଖ୍ୟ ଭାବେ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ନିଯୁକ୍ତ ହୋଇଛନ୍ତି। ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆସନ୍ତା ଜୁନ୍ ୩୦ ତାରିଖରେ ଅବସର ନେବା ପରେ ସେ ଏହି ସର୍ବୋଚ୍ଚ ପଦବୀର ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନ ସେନା ଉପ-ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ଧୀରଜ ସେଠ୍ ହେଉଛନ୍ତି ଖଡ଼କୱାସଲାସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡେମୀର ଜଣେ ପ୍ରାକ୍ତନ ଛାତ୍ର। ସେ ୧୯୮୬ ମସିହା ଡିସେମ୍ବର ମାସରେ ସେନାର ସାଞ୍ଜୁଆ ବାହିନୀରେ ଯୋଗ ଦେଇଥିଲେ। ପ୍ରାୟ ଚାରି ଦଶନ୍ଧିର ସେନା ସେବା ମଧ୍ୟରେ ସେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ନିରୋଧୀ ବାହିନୀ ଏବଂ ସେନାର ପ୍ରମୁଖ ଆକ୍ରମଣକାରୀ ବାହିନୀ 'ସୁଦର୍ଶନ ଚକ୍ର କୋର୍'ର ନେତୃତ୍ୱ ନେଇଛନ୍ତି। ଏହାସହ ଦିଲ୍ଲୀ ଅଞ୍ଚଳର ମୁଖ୍ୟ ସାମରିକ ଅଧିକାରୀ ଭାବେ ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସେନା କମାଣ୍ଡର ମୁଖ୍ୟ ଭାବେ ସେ କାର୍ଯ୍ୟ କରିବାର ବିରଳ ଗୌରବ ହାସଲ କରିଛନ୍ତି। ସେନାର ଆଧୁନିକୀକରଣ ଏବଂ ନୂତନ ଯୁଦ୍ଧ କୌଶଳ ପ୍ରସ୍ତୁତିରେ ତାଙ୍କର ପ୍ରଭାବଶାଳୀ ଅବଦାନ ରହିଛି।



# ବିମାନ ଶୌଚାଳୟର ସ୍ୱିକର ଭିତରୁ ୪ କୋଟି ଟଙ୍କାର ସୁନା ଜବତ

ଅହମଦାବାଦ୍,୧୩।୬(ଏଜେନ୍ସି): ଗୁଜରାଟର ଅହମ୍ମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ କଷ୍ଟମ୍ସ ଅଧିକାରୀମାନେ ଏକ ବଡ଼ ଧରଣର ସୁନା ଚୋରା ଚାଲାଣର ପର୍ଦ୍ଦାଫାଶ କରିଛନ୍ତି। ଦୁବାଇରୁ ଆସିଥିବା ଇଣ୍ଡିଗୋ ବିମାନ (୬ଇ-୧୪୭୮)ର ଶୌଚାଳୟ ଭିତରୁ ପ୍ରାୟ ୪.୨୬ କୋଟି ଟଙ୍କାର ସୁନା ଜବତ କରାଯାଇଛି। ବିମାନର




ଇଞ୍ଜିନିୟରମାନଙ୍କ ସହାୟତାରେ କଷ୍ଟମ୍ସ ଅଧିକାରୀମାନେ ଯାଞ୍ଚ କରିବା ସମୟରେ, ଶୌଚାଳୟ କାନ୍ଥରେ ଲାଗିଥିବା ଏବଂ ସୂଚନା ଦେବା ପାଇଁ ବ୍ୟବହୃତ ହେଉଥିବା ଏକ ସ୍ୱିକର ବାକ୍ସ ଭିତରୁ କଳା ପ୍ଲାଷ୍ଟିକ୍ ଟେପ୍‌ରେ ଗୁଡ଼ାଯାଇଥିବା ଦୁଇଟି ପାଉଚ୍ ମିଳିଥିଲା। ସେହି ସ୍ୱିକରକୁ ଖୋଲିବା ପରେ ସେଥିରୁ ବିଦେଶୀ ପରିଚୟ ଥିବା ୨୪ଟି ସୁନା ବିସ୍କୁଟ୍ ଉଦ୍ଧାର କରାଯାଇଥିଲା। ଏହି ସମସ୍ତ ସୁନା ୨୪ କ୍ୟାରେଟ୍ ର ଥିଲା, ଯାହାର ଓଜନ ପ୍ରାୟ ୨.୮ କିଲୋଗ୍ରାମ ଏବଂ ଭାରତୀୟ ବଜାରରେ ଏହାର ମୂଲ୍ୟ ୪,୨୬,୮୯,୩୨୫ ଟଙ୍କା ବୋଲି ଜଣାପଡ଼ିଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, କୌଣସି ଘରୋଇ ଯାତ୍ରୀ କିମ୍ବା ବିମାନବନ୍ଦରର କର୍ମଚାରୀଙ୍କ ସହାୟତାରେ ପରେ ଏହି ସୁନାକୁ ବାହାରକୁ ଆଣିବା ପାଇଁ ସେଠାରେ ଲୁଚାଇ ରଖାଯାଇଥିଲା। ତେବେ କଡ଼ା ଚେକିଂ ଭୟରେ ଚୋରା ଚାଲାଣକାରୀ ଏହାକୁ ସେଠାରେ ଛାଡ଼ି ପଳାଇଥିଲା ଏବଂ କେହି ଏହାକୁ ନିଜର ବୋଲି ଦାବି କରିନାହାନ୍ତି। କଷ୍ଟମ୍ସ ଆକ୍ଟ, ୧୯୬୨ ଅଧୀନରେ ଏହି ସୁନାକୁ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ଏଥର କଲବଲ କରିବ ଏଲ୍ ନିନୋ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଜୁନ୍ ୪ ତାରିଖରେ କେରଳ ଛୁଇଁବା ପରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକୁ ମୌସୁମୀ ବାୟୁ ଅଗ୍ରସର ହେଉଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏକ ଚିନ୍ତାଜନକ ପୂର୍ବାନୁମାନ କରିଛି। ମୌସୁମୀ ଋତୁ ମଧ୍ୟରେ 'ଏଲ୍ ନିନୋ' ସ୍ଥିତି ଆହୁରି ଶକ୍ତିଶାଳୀ ହେବାର ସଙ୍କେତ ମିଳିଛି,

**• ମୌସୁମୀ ସମୟରେ ଅଧିକ ଶକ୍ତିଶାଳୀ ହେବ**
**• ସତର୍କ କରାଇଲା ଆଇଏମ୍‌ଡି**



ଯାହା ଚଳିତ ଖରିଫ୍ ଚାଷ ଉପରେ ପ୍ରଭାବ ପକାଇପାରେ। ପାଣିପାଗ ବିଭାଗ ଅନୁଯାୟୀ, ପ୍ରଶାନ୍ତ ମହାସାଗରର ବିଷୁବରେଖୀୟ ଅଞ୍ଚଳରେ ସମୁଦ୍ର ଜଳର ତାପମାତ୍ରା ବୃଦ୍ଧି ପାଉଛି, ଯାହାକୁ 'ଏଲ୍ ନିନୋ' କୁହାଯାଏ। ଭାରତରେ ଦୁର୍ବଳ ମୌସୁମୀ ଏବଂ କମ୍ ବର୍ଷା ସହ ଏହାର ସିଧାସଳଖ ସମ୍ପର୍କ ରହିଛି। ଆଇଏମଡି ର ଏହି ନୂତନ ଆକଳନ ପରେ କୃଷି ମନ୍ତ୍ରାଳୟ ପକ୍ଷରୁ ଚିହ୍ନଟ ହୋଇଥିବା ଦେଶର ସବୁଠାରୁ ସମ୍ବେଦନଶୀଳ ୧୯୭ଟି ଜିଲ୍ଲାରେ ତୁରନ୍ତ ଜରୁରୀକାଳୀନ ବ୍ୟବସ୍ଥା ଗ୍ରହଣ କରିବାକୁ ନୀତି ନିର୍ଦ୍ଧାରକମାନଙ୍କୁ ପରାମର୍ଶ ଦିଆଯାଇଛି। କୃଷି କ୍ଷତିକୁ କମ୍ କରିବା ପାଇଁ ଏହି ଜିଲ୍ଲାଗୁଡ଼ିକରେ କମ୍ ପାଣି ଆବଶ୍ୟକ କରୁଥିବା ଫସଲ ଯେପରିକି ମାଣ୍ଡିଆ , ଚଣା ଓ ଡାଲି ଜାତୀୟ ଶସ୍ୟ ଏବଂ ମରୁଡ଼ି ସହନଶୀଳ ବିହନ କିସମର ବ୍ୟବହାରକୁ ପ୍ରୋତ୍ସାହନ ଦିଆଯିବ। ଏହା ସହିତ ଚାଷୀମାନଙ୍କୁ ପାଣିପାଗ ଆଧାରିତ କୃଷି ପରାମର୍ଶ ଏବଂ ଦକ୍ଷ ଜଳ ପରିଚାଳନା ନୀତି ଆପଣାଇବାକୁ କୁହାଯାଇଛି। ପାଣିପାଗ ବିଭାଗର 'ମୌସୁମୀ ମିଶନ୍ କପଲ୍ଡ ଫୋରକାଷ୍ଟ ସିଷ୍ଟମ'ରୁ ଏହି ପୂର୍ବାନୁମାନ କରାଯାଇଛି ଏବଂ ସରକାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ଭାରତୀୟ ଜାହାଜ ଉପରେ ଆକ୍ରମଣକୁ ଠିକ୍ କହିଲା ଆମେରିକା

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଓମାନ ଉପକୂଳରେ ଆମେରିକୀୟ ନୌସେନାର ଆକ୍ରମଣରେ ୩ଜଣ ଭାରତୀୟ ନାବିକଙ୍କ ମୃତ୍ୟୁକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ କୂଟନୈତିକ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଶନିବାର ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଏହି ଘଟଣା ଉପରେ ଭାରତର ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ଅନ୍ୟପଟେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଆମେରିକା ପକ୍ଷରୁ ହର୍ମୁଜ ପ୍ରଣାଳୀରେ ଲଗାଯାଇଥିବା ବ୍ଲକେଡ୍ ବା ସାମୁଦ୍ରିକ ଅବରୋଧର ଉଲ୍ଲଂଘନକୁ ୱାସିଂଟନ ସହ୍ୟ କରିବ ନାହିଁ ବୋଲି ଜୟଶଙ୍କରଙ୍କୁ ଜଣାଇ ଦେଇଛନ୍ତି। ଇରାନରୁ ବେଆଇନ ଭାବେ ତୈଳ ପରିବହନ ବନ୍ଦ କରିବା ପାଇଁ ସମସ୍ତ ବ୍ୟବସାୟିକ ଜାହାଜ ଆମେରିକୀୟ ନୌସେନାର ନିର୍ଦ୍ଦେଶ ପାଳନ କରିବାକୁ ପଡ଼ିବ ବୋଲି ରୁବିଓ କହିଛନ୍ତି। ହର୍ମୁଜରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବାକୁ ଆମେରିକାର ଏହି ପ୍ରୟାସ ପାଇଁ ଅବରୋଧ ଆବଶ୍ୟକ ବୋଲି ଷ୍ଟେଟ ଡିପାର୍ଟମେଣ୍ଟ ମୁଖପାତ୍ର ଟମି ପିଗଟ୍ କହିଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୧୦ରେ ଓମାନ ଉପକୂଳରେ ପାଲାଉ-ପତାକାଧାରୀ ତୈଳ ଟ୍ୟାଙ୍କର୍ ଏମଟି ସେଟେବେଲୋ ଉପରେ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ଜାହାଜରେ ଥିବା ୨୪ ଜଣ ଭାରତୀୟଙ୍କ ମଧ୍ୟରୁ ୩ଜଣ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ଡେକ୍ କ୍ୟାଡେଟ୍ ଆଦିତ୍ୟ ଶର୍ମା, ଇଞ୍ଜିନ ଫିଟର ଶିବାନନ୍ଦ ଚୌରାସିଆ ଏବଂ ଚିଫ୍ ଇଞ୍ଜିନିୟର ପାଟନାଲା ସୁରେଶ। ଏନେଇ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ସାମାଜିକ ଗଣମାଧ୍ୟମ ଏକ୍ସରେ ବାଣିଜ୍ୟ ଜାହାଜ ଉପରେ ଘାତକ ଆକ୍ରମଣ କଦାପି ଗ୍ରହଣୀୟ ନୁହେଁ ବୋଲି ଉଲ୍ଲେଖ କରିଛନ୍ତି।

# ଅଖିଳେଶଙ୍କ ଝିଅଙ୍କୁ ଟ୍ରୋଲିଂ ପାଇଁ କାର୍ଯ୍ୟାନୁଷ୍ଠାନ ହେବ

ଆଜମଗଡ଼,୧୩।୬(ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଝିଅ ଅଦିତିଙ୍କ ବିରୋଧରେ ସୋସିଆଲ ମିଡିଆରେ କରାଯାଇଥିବା ଆପତ୍ତିଜନକ ଏବଂ ଅପମାନଜନକ ମନ୍ତବ୍ୟକୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଡ଼ା ନିନ୍ଦା କରିଛନ୍ତି। ଶନିବାର ଆଜାମଗଡ଼ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗୀ କହିଛନ୍ତି ଯେ କାହାରି ଝିଅ ବା ଭଉଣୀଙ୍କୁ ଅପମାନିତ କରିବା ଏକ ଅତି ନିନ୍ଦନୀୟ କାର୍ଯ୍ୟ ଏବଂ ଏଥିପାଇଁ ପୁଲିସକୁ ତୁରନ୍ତ ଏଫ୍‌ଆଇଆର୍ ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯୋଗୀ ଆଦିତ୍ୟନାଥ କହିଛନ୍ତି, "ଝିଅ ସମସ୍ତଙ୍କର ଝିଅ। ଆମେ ସେହି ସଂସ୍କାର ସହ ବଡ଼ ହୋଇଛୁ ଯେଉଁଠି ଗାଁ'ର ଝିଅ-ଭଉଣୀ ସମସ୍ତଙ୍କର ଆଦରଣୀୟା। ଆମେ କେବେ ଏଥିରେ ଭେଦଭାବ କରିନାହୁଁ।' ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୯ ତାରିଖରେ ଭରତ କୁମାର ପଟେଲ ନାମକ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ଅଦିତିଙ୍କର ଏକ ବିକୃତ ଫଟୋ ସହ ମିଥ୍ୟା ଓ ଆପତ୍ତିଜନକ ପୋଷ୍ଟ କରିଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଭରତଙ୍କ ସମେତ ତାଙ୍କ ପୋଷ୍ଟରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ନାଗେଶ୍ୱର ସିଂହ ଏବଂ ବିନୋଦ କୁମାର ଯାଦବଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

# ନକଲି ବ୍ରିଗେଡିୟର ଗିରଫ

ଶାହଜାହାନପୁର,୧୩।୬(ଏଜେନ୍ସି):ଉତ୍ତରପ୍ରଦେଶର ଶାହଜାହାନପୁରରେ ସେନାର ଜଣେ ନକଲି ବ୍ରିଗେଡିୟରଙ୍କୁ ଗିରଫ କରାଯାଇଛି। ସାମରିକ ଡାକ୍ତର ହେବାର ସ୍ୱପ୍ନ ପୂରଣ ନହେବାରୁ ଜଣେ ୨୧ ବର୍ଷୀୟ ଯୁବକ ନିଜକୁ ନକଲି ସେନା ଅଧିକାରୀ ସଜାଇ ଦୀର୍ଘ ଦିନ ଧରି ଲୋକଙ୍କୁ ପ୍ରତାରିତ କରୁଥିଲେ। ଗିରଫ ଯୁବକ ଜଣକ ହେଲେ ଆର୍ୟନ ବର୍ମା। ସେ ଚିକିତ୍ସା ବିଜ୍ଞାନ ପ୍ରବେଶିକା ପରୀକ୍ଷାରେ ବାରମ୍ବାର ବିଫଳ ହେବା ପରେ ନିଜ ପରିବାର ଓ ସମାଜ ଆଗରେ ମିଛ କହି ସେନାର ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପୋଷାକ ପିନ୍ଧି ବୁଲୁଥିଲେ। ସେ ନିଜର ଏକ ବିଳାସପୂର୍ଣ୍ଣ ଗାଡ଼ିରେ ସେନା ମୁଖ୍ୟାଳୟର ପତାକା ଏବଂ ସେନା ସଂକେତ ଲଗାଇଥିଲେ। ଏପରିକି ଦୈନିକ ମଜୁରିରେ ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ରଖି ସେମାନଙ୍କୁ ନିଜର ଜାତୀୟ ସୁରକ୍ଷା ଗାର୍ଡ ବୋଲି ପରିଚୟ ଦେଉଥିଲେ। ସନ୍ଦେହ ହେବାରୁ ସେନା ଅଧିକାରୀମାନେ ଏକ କୌଶଳ କରି ତାଙ୍କୁ ଛାତ୍ରମାନଙ୍କର ଏକ ପ୍ରେରଣାଦାୟୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରିଥିଲେ। ସେ ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ କାବୁ କରାଯାଇଥିଲା। ତାଙ୍କ ପାଖରୁ ନକଲି ପରିଚୟ ପତ୍ର, ନକଲି ବନ୍ଧୁକ, ଡାକ୍ତରୀ ଯନ୍ତ୍ର ଏବଂ ନକଲି ମୋହର ଜବତ କରାଯାଇଛି। ଏହି ଘଟଣା ସାମରିକ ସୁରକ୍ଷା କ୍ଷେତ୍ରରେ ସତର୍କତାର ଗୁରୁତ୍ୱକୁ ଦର୍ଶାଉଛି। ବର୍ତ୍ତମାନ ପୁଲିସ ସ୍ଥାନୀୟ ଥାନାରେ ମାମଲା ରୁଜୁ କରି ଏହି ପ୍ରତାରଣାର ପଛରେ ଥିବା ଅନ୍ୟ ସମସ୍ତ ଦିଗ ଉପରେ ଅଧିକ ତଦନ୍ତ ଚଳାଇଛି।

# ଲଣ୍ଡନରେ ଭାରତୀୟ ବଂଶୋଦ୍ଭବଙ୍କୁ ୩୪ ବର୍ଷ ଜେଲ୍‌ଦଣ୍ଡ

ଲଣ୍ଡନ,୧୩।୬(ଏଜେନ୍ସି): ଲଣ୍ଡନରେ ଜଣେ ୨୪ ବର୍ଷୀୟା ଯୁବତୀଙ୍କୁ ଅପହରଣ, ନିର୍ଯାତନା ଏବଂ ଦୁଷ୍କର୍ମ କରିବା ଅଭିଯୋଗରେ ଜଣେ ଭାରତୀୟ ବଂଶୋଦ୍ଭବ ଯୁବକଙ୍କୁ ବ୍ରିଟେନର ଏକ ଅଦାଲତ ୩୪ ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଯୁବକ ଜଣକ ହେଲେ ୩୪ ବର୍ଷୀୟ ଗଗନଦୀପ ସିଂହ। ୨୦୨୪ ମସିହା ଜୁନ୍ ମାସରେ ଥାଇଲ୍ୟାଣ୍ଡରୁ ବ୍ରିଟେନକୁ ଏକ ସନ୍ଦେହଜନକ ସୁଟକେସ୍ ଆଣିବାକୁ ଯୁବତୀ ଜଣକ ମନା କରିଦେଇଥିଲେ। ଏହି କାରଣରୁ ବର୍ମିଂହାମ ବିମାନବନ୍ଦରରେ ପହଞ୍ଚିବା ପରେ କିଛି ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଜୋର ଜବରଦସ୍ତ କାର୍‌ରେ ଅପହରଣ କରି ଲଣ୍ଡନ ନେଇଯାଇଥିଲେ। ସେଠାରେ ଗଗନଦୀପ ଓ ତାର ସହଯୋଗୀମାନେ ଯୁବତୀଙ୍କୁ ଏକ ଘରେ ବନ୍ଦୀ କରି ରଖିବା ସହ ପ୍ରାୟ ଏକ ଦିନରୁ ଅଧିକ ସମୟ ଧରି ପ୍ରବଳ ମାଡ଼ ମାରି, ଚେଙ୍କ ଦେଇ ଏବଂ ଦୁଇଥର ଦୁଷ୍କର୍ମ କରି ଅମାନୁଷିକ ନିର୍ଯାତନା ଦେଇଥିଲେ। ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ଛାଡ଼ି ଦିଆଯାଇଥିଲା। ଭୟରେ ଯୁବତୀ ପୁଲିସକୁ ଜଣାଇବାକୁ ଚାହୁଁନଥିଲେ ମଧ୍ୟ ତାଙ୍କ ମା' ସାହସ ଜୁଟାଇ ଡାକ୍ତରୀ ଚିଠା ଓ ପୋଷାକକୁ ପ୍ରମାଣ ଭାବେ ରଖି ପୁଲିସରେ ଅଭିଯୋଗ କରିଥିଲେ। ଏହି ଘଟଣାର ଦୀର୍ଘ ଶୁଣାଣି ପରେ କୋର୍ଟ ଗଗନଦୀପଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ସେ ୨୮ ବର୍ଷ କାରାଗାରରେ ରହିବେ ଏବଂ ତା'ପରେ ୬ ବର୍ଷ ପର୍ଯ୍ୟନ୍ତ କଠୋର ଆଇନଗତ କଟକଣା ମଧ୍ୟରେ ନଜରବନ୍ଦୀ ହୋଇ ରହିବେ। ଯୁବତୀ ଏବଂ ତାଙ୍କ ମା'ଙ୍କ ଅସୀମ ସାହସ ଯୋଗୁଁ ଆଜି ଜଣେ ଅତି ବିପଜ୍ଜନକ ଅପରାଧୀ ଜେଲ୍ ହାଜତକୁ ଯାଇପାରିଛି ବୋଲି ଲଣ୍ଡନ ମେଟ୍ରୋପଲିଟାନ ପୁଲିସ ପ୍ରକାଶ କରିଛି।

## ଟିଏମ୍‌ସିରେ ବିଦ୍ରୋହ

# ସଂଖ୍ୟା ଯୋଗାଡ଼ରେ ବ୍ୟସ୍ତ ବିଦ୍ରୋହୀ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ଏକ ବଡ଼ ଧରଣର ରାଜନୈତିକ ବିଦ୍ରୋହ

### ବିଜେପି ନେତୃତ୍ୱଙ୍କୁ ଭେଟିଲେ ସୁଦୀପ ଓ ଶତାବ୍ଦୀ



ଦେଖାଦେଇଛି। ଦଳର ଦୁଇ ଜଣ ବରିଷ୍ଠ ତଥା ପ୍ରଭାବଶାଳୀ ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ ଏବଂ ଶତାବ୍ଦୀ ରାୟ ଦିଲ୍ଲୀରେ ପହଞ୍ଚି କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ସହ ସାକ୍ଷାତ କରିଛନ୍ତି। ସୂଚନା ଅନୁଯାୟୀ, ଏହି ବିଦ୍ରୋହୀ ଗୋଷ୍ଠୀରେ ତୃଣମୂଳ କଂଗ୍ରେସର ପ୍ରାୟ ୧୯ ଜଣ ଲୋକସଭା ସାଂସଦ ସାମିଲ ଥିବା ଦାବି କରାଯାଇଛି। ସେମାନେ ଆସନ୍ତା ସୋମବାର ଦିନ ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସଂସଦରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ଏବଂ ପୃଥକ ଗୋଷ୍ଠୀ ଭାବେ ମାନ୍ୟତା ଦେବା ସହ କେନ୍ଦ୍ରର ଶାସକ ମେଣ୍ଟ ସହ ବସିବା ପାଇଁ ଅନୁମତି ମାଗିବା ନେଇ ଏହି ସାକ୍ଷାତକାର ହେବ। ଏହି ଘଟଣା ପଶ୍ଚିମବଙ୍ଗ ସମେତ ଜାତୀୟ ରାଜନୀତିରେ ବଡ଼ ହଲଚଲ ସୃଷ୍ଟି କରିଛି।

## ବିଳମ୍ବିତ ରାତିରେ ଅଭିଷେକଙ୍କ ଘରେ ପୁଲିସ ଚଢ଼ଉ, ପହଞ୍ଚିଲେ ମମତା

କୋଲକାତା,୧୩।୬(ଏଜେନ୍ସି): ଶୁକ୍ରବାର ଏବଂ ଶନିବାର ମଧ୍ୟବର୍ତ୍ତୀ ରାତି ପ୍ରାୟ ୨:୩୦ ସମୟରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କ କୋଲକାତା ବାସଭବନରେ ପଶ୍ଚିମ ମେଦିନାପୁର ପୁଲିସର ଏକ ଟିମ୍ ହଠାତ୍ ଚଢ଼ାଉ କରିଥିଲା। ଏକ ବେଆଇନ ଚାନ୍ଦା ଆଦାୟ ମାମଲାରେ ଅଭିଷେକ ବାନାର୍ଜୀଙ୍କ ବ୍ୟକ୍ତିଗତ ସଚିବ ସୁମିତ ରାୟଙ୍କୁ ଗିରଫ କରିବା ପାଇଁ ପୁଲିସ ଏହି ଚଢ଼ାଉ କରିଥିବା ଜଣାପଡ଼ିଛି। ଅଭିଷେକଙ୍କ ସୁରକ୍ଷାକର୍ମୀ ଓ ପୁଲିସ ମଧ୍ୟରେ ଯୁକ୍ତିତର୍କ ପରେ ପୁଲିସ ଜବରଦସ୍ତି ଘର ଭିତରକୁ ପଶି ସର୍ଚ୍ଚ କରିଥିଲା। ଏହି ଖବର ପାଇବା ମାତ୍ରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ବିଳମ୍ବିତ ରାତିରେ ହିଁ ତାଙ୍କ ପୁତୁରାଙ୍କ ଘରେ ପହଞ୍ଚି ପୁଲିସ ଟିମ୍ ସହ ମୁହାଁମୁହିଁ ହୋଇଥିଲେ। କିଛି ସମୟ ଉତ୍ତେଜନା ପ୍ରକାଶ ପାଇବା ପରେ ପୁଲିସ ଓ ପରେ ମମତା ବାନାର୍ଜୀ ସେଠାରୁ ଫେରିଥିଲେ। ଶନିବାର ସକାଳେ ମଧ୍ୟ ସେଠାରେ ବ୍ୟାପକ ପୁଲିସ ଏବଂ କେନ୍ଦ୍ରୀୟ ବାହିନୀ ମୁତୟନ ଅଛନ୍ତି। ତୃଣମୂଳ କଂଗ୍ରେସ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିବା ସହ ଏହାକୁ 'ରାଜନୈତିକ ପ୍ରତିଶୋଧ' ବୋଲି କହିଛି। ଅନ୍ୟପଟେ, ଅଭିଷେକ ବାନାର୍ଜୀ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ମନ୍ତବ୍ୟ ନଦେଇ ତଦନ୍ତକାରୀ ସଂସ୍ଥାକୁ ପଚାରିବାକୁ କହିଛନ୍ତି। ଏକ କ୍ରିମିନାଲ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି) ମାମଲାରେ ଗୁରୁବାର ଦିନ କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଅଭିଷେକଙ୍କୁ ପ୍ରାୟ ୬ ଘଣ୍ଟା ଜେରା କରାଯାଇଥିଲା। ଏବେ ପୁଣି ଏକ ହେଟ୍ ସ୍ପିଚ୍ ମାମଲାରେ ଜୁନ୍ ୧୬ ରେ ହାଜର ହେବାକୁ ସିଆଇଡି ତାଙ୍କୁ ନୋଟିସ୍ ପଠାଇଛି।

## ଅଭିଷେକଙ୍କୁ କ୍ଷମା କରିଦେଇଛି: କଲ୍ୟାଣ ବାନାର୍ଜୀ



ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବରିଷ୍ଠ ସାଂସଦ କଲ୍ୟାଣ ବାନାର୍ଜୀ ଦଳର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ନିଜର କଠୋର ଆଭିମୁଖ୍ୟକୁ କୋହଳ କରିଛନ୍ତି। କିଛି ଦିନ ପୂର୍ବରୁ ଅଭିଷେକଙ୍କୁ ଅହଂକାରୀ କହିବା ସହ ମମତା ବାନାର୍ଜୀଙ୍କୁ ଦଳରେ ତାଙ୍କ ଏବଂ ନିଜ ପୁତୁରାଙ୍କ ମଧ୍ୟରୁ ଜଣକୁ ବାଛିବା ପାଇଁ ଚେତାବନୀ ଦେଇଥିବା କଲ୍ୟାଣ ଏବେ ନରମ ପଡ଼ିଛନ୍ତି। ଶନିବାର ସେ ଅଭିଷେକଙ୍କୁ ନିଜ "ପୁଅ ଭଳି' ବୋଲି ବର୍ଣ୍ଣନା କରିଛନ୍ତି ଏବଂ ପୁଅର ଭୁଲକୁ କ୍ଷମା କରିବା ଜଣେ ପିତାଙ୍କ କର୍ତ୍ତବ୍ୟ ବୋଲି କହିଛନ୍ତି। ଅନ୍ୟପଟେ, ପଶ୍ଚିମବଙ୍ଗର ରାଜନୈତିକ ସ୍ଥିତିକୁ ନେଇ କଲ୍ୟାଣ ବାନାର୍ଜୀ ଚିନ୍ତା ପ୍ରକଟ କରିଛନ୍ତି ଏବଂ ରାଜ୍ୟରେ ଗଣତନ୍ତ୍ର ବିପଦରେ ଥିବା ଆରୋପ ଲଗାଇଛନ୍ତି। ବିଜେପି'ରେ ସାମିଲ ହେବାକୁ ଯାଉଥିବା ଅସନ୍ତୁଷ୍ଟ ସାଂସଦମାନଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ ବିଜେପି ସେମାନଙ୍କୁ ଗ୍ରହଣ କରିବ ନାହିଁ ଏବଂ ଟିଏମସି, କଂଗ୍ରେସ ସହ ମିଶ୍ରଣ ହେବାର କୌଣସି ସମ୍ଭାବନା ନାହିଁ। ଏହି ରାଜନୈତିକ ହଲଚଲ ମଧ୍ୟରେ ଶନିବାର ଭୋର ସମୟରେ କୋଲକାତାର କାଳୀଘାଟସ୍ଥିତ ଅଭିଷେକ ବାନାର୍ଜୀଙ୍କ ବାସଭବନରେ ପୁଲିସ ଓ ସିଆଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉକୁ ଟିଏମସି ସାଂସଦ ସାଗରିକା ଘୋଷ ରାଜନୈତିକ ପ୍ରତିଶୋଧ ବୋଲି କହିଛନ୍ତି।

# ୨୪ ଘଣ୍ଟା ଭିତରେ ଶାନ୍ତି ଚୁକ୍ତି ?

ୱାସିଂଟନ,୧୩।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଦୀର୍ଘଦିନର ବିବାଦର ଅନ୍ତ ଘଟିବା ନେଇ ଏକ ବଡ଼ ସଙ୍କେତ ମିଳିଛି। ଉଭୟ ଦେଶ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ଆମେରିକାର ଜଣେ ବରିଷ୍ଠ ଅଧିକାରୀ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହି ଚୁକ୍ତି ସଫଳ ହେବା ନେଇ ପୂର୍ବରୁ ଯେଉଁ ଆଶା ଶତକଡ଼ା ୭୫ ଭାଗ ଥିଲା, ତାହା ଏବେ ବୃଦ୍ଧି ପାଇ ଶତକଡ଼ା ୮୦ ରୁ ୮୫ ଭାଗରେ ପହଞ୍ଚିଛି। ଆସନ୍ତା କିଛି ଦିନ ମଧ୍ୟରେ ଏହି ଚୁକ୍ତିର ପ୍ରାରମ୍ଭିକ ରୂପରେଖ ସ୍ୱାକ୍ଷରିତ ହୋଇପାରେ, କିନ୍ତୁ ଏହାକୁ ଚୂଡ଼ାନ୍ତ ରୂପ ଦେବା ଏତେ ସହଜ ନୁହେଁ କାରଣ ଇରାନର ଆଭ୍ୟନ୍ତରୀଣ ନିଷ୍ପତ୍ତି ପ୍ରକ୍ରିୟା ବେଶ୍ ଜଟିଳ। ଆମେରିକା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଶାନ୍ତି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ବେଶ୍ ସ୍ପଷ୍ଟ। ପ୍ରଥମତଃ, ଏହା ଦ୍ୱାରା ଅନ୍ତର୍ଜାତୀୟ ସାମୁଦ୍ରିକ ବାଣିଜ୍ୟ ପଥରେ ଥିବା ଅବରୋଧ ହଟିବ ଏବଂ ଜଳପଥ ପୁଣି ଥରେ ମୁକ୍ତ ହେବ। ଦ୍ୱିତୀୟତଃ, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବ। ତୃତୀୟତଃ, ଇରାନ ପାଖରେ ଥିବା ସମସ୍ତ ସମୃଦ୍ଧ ପରମାଣୁ ସାମଗ୍ରୀକୁ ସେହି ସ୍ଥାନରେ ହିଁ ନଷ୍ଟ କରାଯିବ ଏବଂ ପରେ ତାହାକୁ ଦେଶ ବାହାରକୁ ପଠାଇ ଦିଆଯିବ। ଏହି ଚୁକ୍ତି ସ୍ୱାକ୍ଷର ହେବା ମାତ୍ରେ ହିଁ ଇରାନକୁ କୋଟି କୋଟି ଡଲାରର ଆର୍ଥିକ ଫାଇଦା ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଆମେରିକା ଏହି ଗୁଜବକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି। ପ୍ରଶାସନ ସ୍ପଷ୍ଟ କରିଛି ଯେ କେବଳ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଦେଲେ ଇରାନକୁ କୌଣସି ଅର୍ଥ ମିଳିବ ନାହିଁ। ଇରାନ ଯଦି ନିଜର ପ୍ରତିଶ୍ରୁତି ରକ୍ଷା କରିବ, ପରମାଣୁ ସାମଗ୍ରୀ ହସ୍ତାନ୍ତର କରିବ ଏବଂ ଆଞ୍ଚଳିକ ଶାନ୍ତି ରକ୍ଷା ଦିଗରେ କାର୍ଯ୍ୟ କରିବ, ତେବେ ଯାଇ ତାର ଆଭ୍ୟନ୍ତରୀଣ ଅର୍ଥନୀତି ଉପରୁ କଟକଣା ହଟାଯିବ ଏବଂ ପର୍ଯ୍ୟାୟକ୍ରମେ ଆର୍ଥିକ ସହାୟତା ମିଳିବ। ଏହି ଚୁକ୍ତିକୁ ଏକ ବଡ଼ ରଣନୀତିକ ବିଜୟ କୁହାଯାଉଥିଲେ ମଧ୍ୟ ଏହାକୁ ନେଇ କିଛି ଦ୍ୱନ୍ଦ୍ୱ ରହିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଏହି ପ୍ରସ୍ତାବିତ ଚୁକ୍ତି କେବଳ ୬୦ ଦିନ ପାଇଁ ଏକ ସାମୟିକ ଯୁଦ୍ଧବିରତି ସ୍ଥାପନ କରିବ। ଏହା ପରେ ପରମାଣୁ କାର୍ଯ୍ୟକ୍ରମ ଏବଂ ଇରାନର ଜବତ ହୋଇ ରହିଥିବା ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ପୁଣି ଥରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା କରାଯିବ। ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଦୁଇ ଦେଶ ଶାନ୍ତିର ବେଶ୍ ନିକଟତର ହୋଇଛନ୍ତି, କିନ୍ତୁ ଆମେରିକାର ବର୍ତ୍ତମାନର ଶାସନ ପ୍ରଶାସନ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ନାହିଁ। ଅପରପକ୍ଷରେ, ଇରାନର ମୁଖ୍ୟ ଆଲୋଚନାକାରୀ ସୋସିଆଲ ମିଡିଆରେ ଚେତାବନୀ ଦେଇ ଲେଖିଛନ୍ତି ଯେ, ଯେଉଁ ପ୍ରତିଶ୍ରୁତି ଦିଆଯାଉଛି ତାହା ଅକ୍ଷରଗୁଡ଼ିକରେ ପାଳନ ହେବା ଦରକାର, ଏଥିରେ କୌଣସି ବାହାନା ଚଳିବ ନାହିଁ।



**● ଆମେରିକା ଶତକଡ଼ା ୮୦ ରୁ ୮୫ ଭାଗ ଆଶାବାଦୀ**
**● କିନ୍ତୁ ଇରାନ ରଖିଲା କଠିନ ସର୍ତ୍ତ**

# ଘୋର ଜଳ ସଙ୍କଟରେ ପାକିସ୍ତାନ

ଇସଲାମାବାଦ,୧୩।୬(ଏଜେନ୍ସି): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ଦ୍ୱାରା 'ସିନ୍ଧୁ ଜଳ ଚୁକ୍ତି' (ଇଣ୍ଡସ ୱାଟର ଟ୍ରିଟି) ସ୍ଥଗିତ ରଖାଯିବା ନିଷ୍ପତ୍ତି ପାକିସ୍ତାନ ପାଇଁ ଏକ ବଡ଼ ସଙ୍କଟ ପାଲଟିଛି। ଏହାର ପ୍ରଭାବରେ ପାକିସ୍ତାନର ସିନ୍ଧ ଏବଂ ବେଲୁଚିସ୍ତାନ ପ୍ରଦେଶରେ ଭୟଙ୍କର ଜଳାଭାବ ଦେଖାଦେଇଛି, ଯାହା ଦେଶର ପ୍ରାୟ ଏକ-ତୃତୀୟାଂଶ ଜନସଂଖ୍ୟାକୁ ସିଧାସଳଖ ପ୍ରଭାବିତ କରିଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିକଟରେ ସ୍ପଷ୍ଟ କରିଥିଲେ ଯେ, ଆତଙ୍କବାଦ ଏବଂ ଦ୍ୱିପାକ୍ଷିକ ଚୁକ୍ତି ଏକାଠି ଚାଲିପାରିବ ନାହିଁ। ଭାରତର ଏହି କଠୋର ଆଭିମୁଖ୍ୟ ଯୋଗୁଁ ପାକିସ୍ତାନର କୃଷି ଓ ଅର୍ଥନୀତି ବିପର୍ଯ୍ୟସ୍ତ ହେବାକୁ ବସିଛି। ପାକିସ୍ତାନୀ ଗଣମାଧ୍ୟମ 'ଡନ୍'ର ସୂଚନା ଅନୁଯାୟୀ, ସିନ୍ଧୁ ନଦୀ ଉପରେ



**ସିନ୍ଧ ଓ ବେଲୁଚିସ୍ତାନରେ ସ୍ଥିତି ଗମ୍ଭୀର**

ନିର୍ମିତ ପ୍ରମୁଖ ସୁକ୍କୁର ବ୍ୟାରେଜ୍ ଅଞ୍ଚଳରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହି ବ୍ୟାରେଜ୍ ଅଧୀନରେ ଥିବା ଦାଦୁ କେନାଲ୍‌ରେ ୮୨ ପ୍ରତିଶତ, ଉତ୍ତର-ପଶ୍ଚିମ କେନାଲ୍‌ରେ ୬୪ ପ୍ରତିଶତ ଏବଂ ରାଇସ୍ କେନାଲ୍‌ରେ ୩୮ ପ୍ରତିଶତ ପର୍ଯ୍ୟନ୍ତ ଜଳାଭାବ ଦେଖାଦେଇଛି। ଜଳ ସଙ୍କଟ ଯୋଗୁଁ ଚାଷୀମାନେ ଧାନ ଚାଷ ଆରମ୍ଭ କରିପାରୁ ନାହାନ୍ତି, ଯାହାକି ପାକିସ୍ତାନର ରପ୍ତାନି ବାଣିଜ୍ୟକୁ ବଡ଼ ଝଟ୍‌କା ଦେଇଛି। ଏହି ସଙ୍କଟ ମଧ୍ୟରେ ପାକିସ୍ତାନରେ ଆନ୍ତଃ-ପ୍ରାଦେଶିକ ରାଜନୈତିକ ବିବାଦ ମଧ୍ୟ ତେଜିବାରେ ଲାଗିଛି। ସିନ୍ଧ ପ୍ରଦେଶର ନେତାମାନେ ଅଭିଯୋଗ କରିଛନ୍ତି ଯେ, ପଞ୍ଜାବ ପ୍ରଦେଶ ନିଜ ନିର୍ଦ୍ଧାରିତ କୋଟାଠାରୁ ଅଧିକ ଜଳ ବେଆଇନ ଭାବେ ବ୍ୟବହାର କରୁଛି। ସେମାନେ ଏହାକୁ ପ୍ରଦେଶର 'ଅର୍ଥନୈତିକ ଗଣହତ୍ୟା' ବୋଲି ଅଭିହିତ କରିଛନ୍ତି। ବାହ୍ୟ କୂଟନୈତିକ ଚାପ ଏବଂ ଆଭ୍ୟନ୍ତରୀଣ ଭେଦଭାବ ଯୋଗୁଁ ଆଗାମୀ ଦିନରେ ପାକିସ୍ତାନର ଜଳ ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିବାକୁ ଯାଉଛି।

## ମଲ୍ଟି-ଲେୟର୍ ଡିଏମ୍‌ଡି ଓ ନାଭାଲ ଆଣ୍ଟି-ସିପ୍ ମିସାଇଲର ସଫଳ ପରୀକ୍ଷଣ



ବାଲେଶ୍ୱର,୧୩।୬ (ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ଏକାଧିକ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଯୁକ୍ତିର ସଫଳ ପ୍ରଦର୍ଶନ କରି ଦେଶର ସାମରିକ ଶକ୍ତିକୁ ଆହୁରି ମଜଭୁତ କରିଛି। ଦୂରଗାମୀ ବାଲିଷ୍ଟିକ ମିସାଇଲକୁ ପ୍ରତିହତ କରିବା ପାଇଁ ପରସ୍ପର ସହ ଜଡ଼ିତ ତିନୋଟି ପର୍ଯ୍ୟାୟ ଫ୍ଲାଇଟ୍-ଟେଷ୍ଟ ସଫଳତାର ସହ ସଂପନ୍ନ ହୋଇଛି। ପରୀକ୍ଷଣ ସମୟରେ ଇଣ୍ଟରସେପ୍ଟର୍‌ଗୁଡ଼ିକ ନିଜ ନିଜ ଟାର୍ଗେଟ୍‌କୁ ଆକାଶରେ ଧ୍ୱଂସ କରିଛନ୍ତି। ମଧ୍ୟମ ଦୂରତାରେ ଶତ୍ରୁ ଯୁଦ୍ଧ ଜାହାଜ ଧ୍ୱଂସ କରିବା କ୍ଷମତାର ପ୍ରଥମ ଉଡ଼ାଣ ପରୀକ୍ଷଣ ସଫଳ ହୋଇଛି। ଡିଆରଡିଓ ପକ୍ଷରୁ କୁହାଯାଇଛି ଯେ ଭବିଷ୍ୟତରେ ଆସିବାକୁ ଥିବା ନୂଆନୂଆ ମିସାଇଲ ବିପଦକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି ସିଷ୍ଟମ୍ ପ୍ରସ୍ତୁତ କରାଯାଇଛି। ଏହି ସଫଳ ପରୀକ୍ଷଣ ପରେ ଭାରତ ବିଶ୍ୱର ସେହି ସୀମିତ ଦେଶମାନଙ୍କ ତାଲିକାରେ ସାମିଲ ହୋଇଛି, ଯେଉଁମାନଙ୍କ ପାଖରେ ଆଇସିବିଏମ୍ ଭଳି ମହାଦେଶୀୟ ବାଲିଷ୍ଟିକ ମିସାଇଲକୁ ମଧ୍ୟ ଆକାଶରେ ଧ୍ୱଂସ କରିବାର କ୍ଷମତା ଅଛି। ଏହି ଐତିହାସିକ ସଫଳତା ପାଇଁ ଡିଆରଡିଓର ସମସ୍ତ ବୈଜ୍ଞାନିକ ଓ ସହଯୋଗୀଙ୍କୁ ଦେଶବ୍ୟାପୀ ଶୁଭେଚ୍ଛା ଜଣାଯାଇଛି।

### ଜରିମାନା ଦେଲେନି ବୋଲି

## ୪ ଦିନ ଧରି ୪ ପରିବାର ଗୃହବନ୍ଦୀ



କବିସୂର୍ଯ୍ୟନଗର, ୧୩।୬(ସମିସ): ଜରିମାନା ନ ଦେବାରୁ ୪ ପରିବାରକୁ ୪ ଦିନ ଧରି ଗୃହବନ୍ଦୀ କରିଦେଲେ। ନିଆଁ, ପାଣି ସବୁ ମନା; ଗାଁର କେହି ସେମାନଙ୍କ ସହ ମିଳାମିଶା କଲେ କିମ୍ବା କଥା ହେଲେ, ତାକୁ ବି ବାସନ୍ଦ କରାଯିବ ବୋଲି ଚରମବାଣୀ ଶୁଣାଇଦେଲେ। କବିସୂର୍ଯ୍ୟନଗର ବ୍ଲକ୍ ଅନ୍ତର୍ଗତ କନିଆରି ପଞ୍ଚାୟତ ସକ୍ଷମନ୍ତରାପଲ୍ଲୀ ଗାଁରୁ ସାମାଜିକ ବାସନ୍ଦର ଏଭଳି ଏକ ଚିତ୍ର ପଦାକୁ ଆସିଛି। କିଛି ଶିକ୍ଷିତ ଯୁବକ ସାମାଜିକ ଗଣମାଧ୍ୟମରେ ଏହି ଘଟଣା ପ୍ରଘଟ କରିବା ପରେ ପୁଲିସ୍ ଓ ପ୍ରଶାସନର ନିଦ ଭାଙ୍ଗିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତ ପରିବାରମାନଙ୍କୁ ଗୃହବନ୍ଦୀରୁ ମୁକୁଳାଇଛି।

ସୂଚନାନୁଯାୟୀ, ସକ୍ଷମନ୍ତରାପଲ୍ଲୀ ଗାଁର ଶେଷକୁ ଚାରି ଭାଇ ସୂର୍ଯ୍ୟମଣି ପ୍ରଧାନ, ପ୍ରମୋଦ ପ୍ରଧାନ, ଭଗବାନ ପ୍ରଧାନ ଓ ପର୍ଶୁରାମ ପ୍ରଧାନ ଘର କରି ରହୁଛନ୍ତି। ସେମାନଙ୍କ ଘର କିଛି ସରକାରୀ ଜାଗା ଉପରେ ଥିବାରୁ ଏନେଇ ଗାଁ ସଭା ଡକାଯାଇଥିଲା। ଗାଁ ସଭାରେ ଏହାର ବିଚାର କରାଯାଇ ୪ ପରିବାରକୁ ଜରିମାନାରେ ଦଣ୍ଡିତ କରାଯାଇଥିଲା। ଜରିମାନା ବାବଦ ୧ ଲକ୍ଷ ୬୦ ହଜାର ଟଙ୍କା ଗାଁ କମିଟିରେ ଜମା କରିବାକୁ କୁହାଯାଇଥିଲା। କିନ୍ତୁ, ଏତେଗୁଡ଼ିଏ ଟଙ୍କା ଦେବାରେ ଚାରି ଭାଇ ଅସମର୍ଥ ହେବାରୁ ଗତ ୧୦ ତାରିଖରେ ପୁଣି ଗ୍ରାମସଭା ଡକାଯାଇ ୪ ଭାଇଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ସେହି ଦିନ ବିଳମ୍ବିତ ରାତିରେ, ଗାଁ ଲୋକ ଚାରି ଭାଇଙ୍କ ଯିବାଆସିବା ରାସ୍ତାକୁ ଅସ୍ଥାୟୀ ଭାବେ ବନ୍ଦ କରିଦେଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ବାଲିଛାଇ ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘରକୁ ଯିବା ରାସ୍ତାରେ ଥିବା ଅସ୍ଥାୟୀ ବ୍ୟାରିକେଡ୍ ହଟାଇଥିଲା। ଏ ସଂପର୍କରେ ଗାଁ ସଭାପତି, କମିଟି ଓ ଗାଁ ଲୋକ ଓଲଟା ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ଆମେ ବାସନ୍ଦ କରିନାହୁଁ। ସରକାରୀ ଜମି ହାତେଇଥିବା ବଦଳରେ ସଭାରେ ଅର୍ଥଦଣ୍ଡ ଦେବାକୁ କୁହାଯାଇଥିଲା।

### ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

## ପୁରୁଷ ବନ୍ଧୁଙ୍କୁ ପଚରାଉଚରା, ଡିଜିଟାଲ୍ ପ୍ରମାଣ ଜବତ

ତ୍ରିଶୂଳିଆ, ୧୩।୬ (ସମିସ): ଫକୀରମୋହନ ମେଡିକାଲ କଲେଜ ଡାକ୍ତର ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ତଦନ୍ତ ଗତିଶୀଳ ହୋଇଛି। ଏହି ମାମଲାରେ ତାଙ୍କ ପୁରୁଷବନ୍ଧୁ ଭୀମସେନ ପ୍ରସାଦ ଟୁଡୁଙ୍କୁ ହେପାଜତକୁ ନେଇ ପୁଲିସ ପଚରାଉଚରା କରିଛି।

ସୂଚନା ଅନୁଯାୟୀ, ଚନ୍ଦ୍ରିକାଙ୍କ ମୃତ୍ୟୁ ପରେ ଭୀମସେନ ଫେରାର୍ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ସେ ବିଶୋଇ ଥାନାରେ ଆତ୍ମସମର୍ପଣ କରିବା ପରେ କମିଶନରେଟ୍ ସ୍ପେଶାଲ୍ ସ୍କ୍ୱାଡ୍ ତାଙ୍କୁ ବାରଙ୍ଗ ଥାନାକୁ ନେଇ ପଚରାଉଚରା କରିଛି। ତଦନ୍ତ ସମୟରେ ପୁଲିସ ତାଙ୍କ ନିକଟରୁ ଏକ ମୋବାଇଲ ସହ ଲାପଟପ୍ ଜବତ କରିଛି। ଏହି ଡିଜିଟାଲ୍ ଡିଭାଇସ୍‌ଗୁଡ଼ିକୁ ଫୋରେନ୍ସିକ୍ ବିଶ୍ଳେଷଣ ପାଇଁ ପଠାଯାଇଛି। ଘଟଣା ପୂର୍ବ ଓ ପରବର୍ତ୍ତୀ ଯୋଗାଯୋଗ, ଡିଲିଟ୍ ଡାଟା ଓ କଲ୍ ରେକର୍ଡ ସମ୍ପର୍କିତ ତଥ୍ୟ ଖୋଜାଯାଉଛି। ଏହି ମାମଲାରେ ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଭୀମସେନ ଏବଂ ତାଙ୍କ ନୂତନ ବାନ୍ଧବୀ ସ୍ୱାତୀଦୀପା ରାଉତଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉଭୟ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରି କଠାଯୋଡ଼ି ନଦୀରେ ଫିଙ୍ଗି ଦେଇଛନ୍ତି। ପୁଲିସ୍ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୮ ଏବଂ ୩(୫) ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ କରୁଛି। ତଦନ୍ତର ଅଂଶ ଭାବେ ସମସ୍ତ ଫୋରେନ୍ସିକ୍ ରିପୋର୍ଟ, ଡିଜିଟାଲ୍ ପ୍ରମାଣ ଏବଂ ସାକ୍ଷ୍ୟ ସଂଗ୍ରହ କରାଯାଉଛି। ପୁଲିସ୍ ସୂଚନାନୁଯାୟୀ, ଡାକ୍ତରୀ ପରୀକ୍ଷା ପରେ ଭୀମସେନଙ୍କୁ କୋର୍ଟ ଚାଲାଣ କରାଯିବ ଏବଂ ରିମାଣ୍ଡରେ ନେଇ ଅଧିକ ପଚରାଉଚରା ପାଇଁ ଆବେଦନ କରାଯିବ।

### ଗୋ-ତସ୍କର ଓ ନିଶା ମାଫିଆଙ୍କ ଘରେ ପୁଲିସର ଚଢ଼ଉ

## କୋଟି କୋଟି ଟଙ୍କାର ସମ୍ପତ୍ତି, ଟଙ୍କା, ଅଳଙ୍କାର ଜବତ



ବାରିପଦା/ରାଇରଙ୍ଗପୁର, ୧୩।୬ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଗୋ-ଚାଲାଣ ଓ ନିଶା ମାଫିଆଙ୍କ ଘରେ ପୁଲିସ ଅତର୍କିତ ଚଢ଼ଉ କରି କୋଟିକୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶରେଏହି ଅଭିଯାନରେ ଏକକାଳୀନ ରାଇରଙ୍ଗପୁର, ଝାରପୋଖରିଆ ଓ ବୈଶିଙ୍ଗାକୁ ମିଶାଇ ୩ଟି ଥାନାର ୭ଟି ସ୍ଥାନରେ ଆଜି ଭୋର୍‌ରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ନଗଦ ୧ଲକ୍ଷ ୨୫ ହଜାର ଟଙ୍କା, ୧୫୬ ଗ୍ରାମର ସୁନା ଅଳଙ୍କାର, ପାଖାପାଖି ୧ କେଜି ୩୦୦ ଗ୍ରାମରୁ ଅଧିକ ରୁପା ଅଳଙ୍କାର, ୭ଟି ଚାରିଚକିଆ ଯାନ ସହ ପ୍ରାୟ ଦେଢ଼କୋଟି ଟଙ୍କାର ଆସବାବପତ୍ର ଜବତ ହୋଇଥିଲା। ଏହାସହ ୨କୋଟିରୁ ଅଧିକ ମୂଲ୍ୟର ଘର ଓ ଜମିର କାଗଜପତ୍ର ଠାବ କରିଛି ମୟୂରଭଞ୍ଜ ପୁଲିସ।

ସୂଚନାନୁଯାୟୀ, ବାଲେଶ୍ୱର-ମୟୂରଭଞ୍ଜ ସୀମାବର୍ତ୍ତୀ ଅଞ୍ଚଳର ଗୋ-ତସ୍କରୀରେ ଲିପ୍ତ ୨ ମାଫିଆ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ଏହି ଚଢ଼ଉ ହୋଇଥିଲା। ଗୋବିନ୍ଦରାୟପୁର ଗ୍ରାମର ଆସିକୁର ରେହମାନ ଓରଫ୍ ଫକୀର ଓ ତାଳପଦା ଗ୍ରାମର ମଲ୍ଲିକ ଉସ୍ତାର ଓରଫ ଡାକ୍ତର ଘରେ ଚଢ଼ଉ କରି ପ୍ରାୟ ୩୦ ଗ୍ରାମ ସୁନା, ୩୩୧ ଗ୍ରାମ ରୁପା, ୩ଟି ଜମିର କାଗଜପତ୍ର ସହିତ ୭ଟି ଏଟିଏମ କାର୍ଡ ଜବତ କରାଯାଇଥିଲା। ବେତନଟୀ ଏସଡିପିଓଙ୍କ ସମେତ ୪ ଥାନା ଆଇଆଇସି, ୨ଜଣ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ୨ପ୍ଲାଟୁନ୍ ଫୋର୍ସ ଚଢ଼ଉରେ ସାମିଲ ଥିଲେ।

ସେହିପରି, ଝାରପୋଖରିଆ ଥାନା ଅଧୀନସ୍ଥ ଝାରପୋଖରିଆର ଉତ୍ତମ ଦଣ୍ଡପାଟ ଓ ଶୀର୍ଷାର ଅରୁଣ ପଟ୍ଟନାୟକ ଓ ବରୁଣ ପଟ୍ଟନାୟକଙ୍କ ଘରେ ଚଢ଼ଉ କରାଯାଇ ୧୦୦ଗ୍ରାମ ସୁନା, ପାଖାପାଖି ୫୦୦ଗ୍ରାମ ରୁପା ଅଳଙ୍କାର ସହ ୧ଲକ୍ଷ ୨୦ହଜାର ନଗଦ ଟଙ୍କା, ୧କୋଟି ୨୭ ଲକ୍ଷ ୧୧ ହଜାର ଟଙ୍କା ମୂଲ୍ୟର ୫ଟି ଗାଡ଼ି ଓ ଆସବାବପତ୍ର ସହ ପ୍ରାୟ ୨କୋଟି ମୂଲ୍ୟର ଘର ଓ ଜମି କାଗଜପତ୍ର ଜବତ ହୋଇଥିଲା। ଅପରପକ୍ଷେ, ରାଇରଙ୍ଗପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ବାଦାମପାହାଡ଼ ଥାନା ଅଧୀନ କେନ୍ଦ୍ରେଇ ଗ୍ରାମର ସେକ ଟକରା ଓ ସେକ ତବରେଜଙ୍କ ଘରେ ଚଢ଼ଉ କରି ୫ ହଜାର ନଗଦ ଟଙ୍କା ସହ ୨୭ ଗ୍ରାମ ସୁନା, ୪୨୬ ଗ୍ରାମ ରୁପା ସହିତ ୩ଟି ଗାଡ଼ି ଜବତ କରାଯାଇଛି ବୋଲି ମୟୂରଭଞ୍ଜ ଅତିରିକ୍ତ ଏସପି ଦୀପକ ଗୋଛାୟତ ସୂଚନା ଦେଇଛନ୍ତି। ଏହି ଚଢ଼ଉ ପରେ ଗୋ-ତସ୍କର ଓ ନିଶାମାଫିଆଙ୍କ ମଧ୍ୟରେ ଏକପ୍ରକାର କୋକୁଆଭୟ ସୃଷ୍ଟି ହୋଇଛି। ଏନେଇ ପୃଥକ ମାମଲା ପଞ୍ଜିକୃତ କରାଯାଇ ତଦନ୍ତ ସ୍ୱରୂପ ଲୋକଙ୍କୁ ଚିହ୍ନଟ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଚଢ଼ଉରେ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଗୋ ଓ ନିଶା ତସ୍କରୀ ଲିଙ୍କ୍ ତଥ୍ୟ ଏବଂ ସାମଗ୍ରୀ ଜବତ ହୋଇଛି।

## ହାଇୱାକୁ ପଛରୁ ଧକ୍କା ଦେଇ ବିଏମ୍‌ଡବ୍ଲ୍ୟୁ ଚୂର୍‌ମାର୍



ଭବାନୀପାଟଣା, ୧୩।୬ (ସମିସ): ଭବାନୀପାଟଣା ବାଇପାସ୍ ରାସ୍ତାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଦୁଇଜଣଙ୍କ ଜୀବନ ନେଇଛି। ଏକ ହାଇୱାକୁ

### ଦୁର୍ଘଟଣାରେ ଦୁଇ ମୃତ

ପଛପଟୁ ବିଏମ୍‌ଡବ୍ଲୁ କାର୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ବଲାଙ୍ଗିର ଜିଲ୍ଲା ଟିଟଲାଗଡ଼ ଚାରଭଟାର ହରେକୃଷ୍ଣ ବାଗ(ପିଣ୍ଟୁ) ଓ ଧର୍ମଗଡ଼ ବ୍ଲକ ଖଏରପଦର ଗ୍ରାମର ଗୌତମ ନାଏକ। ଉଭୟ ଭବାନୀପାଟଣା ସହର ରେଳ ଷ୍ଟେସନ୍ ନିକଟରେ ଥିବା ଏକ ଗ୍ୟାରେଜରେ କାମ କରୁଥିଲେ। ବିଳମ୍ବିତ ରାତିରେ ଗ୍ୟାରେଜ୍ ମାଲିକଙ୍କୁ ନ ଜଣାଇ ସେମାନେ ବିଏମ୍‌ଡବ୍ଲ୍ୟୁ କାର୍ ଧରି ବାହାରିଥିଲେ। ସ୍ଥାନୀୟ ବାଏପାସ୍ ରାସ୍ତାରେ ସେମାନେ ଦ୍ରୁତ ଗତିରେ ଯାଉଥିବା ବେଳେ ବାଟରେ ଏକ ହାଇୱାକୁ ପଛପଟୁ ଧକ୍କା ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ, ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦାମୀ ବିଏମ୍‌ଡବ୍ଲ୍ୟୁ କାର୍‌ଟି ପୂରା ଚୂରମାର୍ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ରାତିତମାମ ପରିଶ୍ରମ କରି କାର୍ ଭିତରୁ ଶବ ଦୁଇଟିକୁ ଉଦ୍ଧାର କରିଥିଲେ। ବେପରୁଆ ଗାଡ଼ିଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଆଜି ପୁଲିସ ମୃତଦେହଦ୍ୱୟକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଭବାନୀପାଟଣା ସଦର ପୁଲିସ ତଦନ୍ତ ଜାରି ରଖିଛି।

### ଖେଳୁ ଖେଳୁ ଚାଲିଗଲା ଜୀବନ

## ନାଗ ସାପ କାମୁଡ଼ାରେ ୨ ବର୍ଷର ଶିଶୁ ମୃତ

କଣ୍ଟାବାଞ୍ଜି, ୧୩।୬ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ବରିଆଳି ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଖେଳିବା ବେଳେ ନାଗ ସାପ କାମୁଡ଼ାରେ ଜଣେ ୨ବର୍ଷର କୁନି ପୁଅର ଜୀବନ ଯାଇଛି। ମୃତ ଶିଶୁଟି ହେଲା, ଗାଁର ନରେନ୍ଦ୍ର ମାଝୀଙ୍କ ପୁଅ ଲୋକେଶ୍ୱର ମାଝୀ। ଲୋକେଶ୍ୱର ଘରେ ପରିବାରଲୋକଙ୍କ ସହ ଖେଳୁଥିବା ବେଳେ ହଠାତ୍ ଏକ ନାଗ ସାପ ଘର ଭିତରକୁ ପ୍ରବେଶ କରିଥିଲା। ପରିବାରଲୋକେ ସାପଟିକୁ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ସମୟରେ କୁନି ପୁଅଟି ସାପକୁ ଧରିବାକୁ ଯାଇଥିଲା। ଏହି ସମୟରେ ନାଗ ସାପଟି ତାକୁ କାମୁଡ଼ି ଦେଇଥିବା ପରିବାରଲୋକେ କହିଛନ୍ତି। ସାପ କାମୁଡ଼ିବା ପରେ ଶିଶୁଟିର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାରଲୋକେ ତୁରନ୍ତ ତାକୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଏହି ଅକାଳ ବିୟୋଗ ପରେ ପରିବାରରେ କାନ୍ଦବୋବାଳି ପଡ଼ିଥିଲା। ଏହି ଘଟଣା ନେଇ ସମଗ୍ର ବରିଆଳି ଗାଁରେ ଶୋକର ଛାୟା ଖେଳିଯାଇଛି। ଏଭଳି ଦୁଃଖଦ ଘଟଣାକୁ ପରିବାର ଲୋକେ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି।

## ବିଚାର ବିଳମ୍ବ ଆଧାରରେ ଫୌଜଦାରୀ ମାମଲା ରଦ୍ଦ କରାଯାଇପାରିବ ନାହିଁ

କଟକ, ୧୩।୬ (ସମିସ): କେବଳ ମାମଲା ବିଚାର ପ୍ରକ୍ରିୟା ବିଳମ୍ବ ଘଟିଥିବା ଆଧାରରେ କୌଣସି ଫୌଜଦାରୀ ମାମଲାକୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି ମାମଲାର ବିଚାର ବେଳେ ଅଭିଯୋଗର ଗୁରୁତ୍ୱ, ସାକ୍ଷୀଙ୍କ ସଂଖ୍ୟା ଓ ଅଭିଯୁକ୍ତଙ୍କ ଦ୍ୱାରା ମାମଲା ବିଳମ୍ବିତ ଆଦି କୌଶଳ ଅବଲମ୍ବନ ଭଳି ବିଭିନ୍ନ ଦିଗକୁ ଅଦାଲତ ବିଚାରକୁ ନେବା ଆବଶ୍ୟକ ବୋଲି କହିଛନ୍ତି ହାଇକୋର୍ଟ। ଉମାକାନ୍ତ କରଙ୍କ ପକ୍ଷରୁ ଦାୟର ମାମଲାକୁ ଖାରଜ କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରକାଶ କରିଛନ୍ତି। ମାମଲାର ଶୁଣାଣି ସମୟରେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଅଦାଲତ ମାମଲାକୁ ବିଚାର ପାଇଁ ଗ୍ରହଣ କରିବା (କଗ୍ନିଜାନ୍ସ) ନେବା ପୂର୍ବରୁ ଯଦି କୌଣସି ସରକାରୀ କର୍ମଚାରୀ ଚାକିରିରୁ ଅବସର ନେଇସାରିଛନ୍ତି, ତେବେ ଦୁର୍ନୀତି ନିବାରଣ ଆଇନ ଅଧୀନରେ ତାଙ୍କ ବିରୋଧରେ ମାମଲା ଚଳାଇବା ପାଇଁ ସରକାରଙ୍କ କୌଣସି ପୂର୍ବ ଅନୁମତିର ଆବଶ୍ୟକତା ନାହିଁ।

ମାମଲାରୁ ପ୍ରକାଶ, ୫ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ଜମି ଅଧିଗ୍ରହଣ ସମୟରେ ମିଥ୍ୟା ମୂଲ୍ୟାଙ୍କନ କରି ବେଆଇନ ଭାବେ କ୍ଷତିପୂରଣ ପ୍ରଦାନ କରିଥିବା ଅଭିଯୋଗରେ ଆବେଦନକାରୀ ତଥା ଖଲ୍ଲିକୋଟର ତତ୍କାଳୀନ ତହସିଲଦାର ଉମାକାନ୍ତ କରଙ୍କ ବିରୋଧରେ ଗତ ୨୦୦୫ ମସିହାରେ ଭିଜିଲାନ୍ସ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ସମାପ୍ତ ହେବାରେ ଦୁଇ ଦଶନ୍ଧିରୁ ଅଧିକ ସମୟ ବିଳମ୍ବ ହୋଇଥିବାରୁ ଏହା ସମ୍ବିଧାନର ଧାରା ୨୧ ଅନୁଯାୟୀ ଦ୍ରୁତ ବିଚାରର ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ଦର୍ଶାଇ ଆବେଦନକାରୀ ମାମଲା ରଦ୍ଦ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସହ-ଅଭିଯୁକ୍ତଙ୍କ ଆବେଦନ ଓ ଅନ୍ତରୀଣ ସ୍ଥଗିତାଦେଶ ଯୋଗୁଁ ମାମଲା ଦୀର୍ଘ ଦିନ ଧରି ଅଟକି ରହିଥିଲା। ତେଣୁ, ଏହି ବିଳମ୍ବ ପାଇଁ କେବଳ ଅଭିଯୋଗ ପକ୍ଷ (ପ୍ରସିକ୍ୟୁସନ) ଦାୟୀ ନୁହନ୍ତି ବୋଲି ହାଇକୋର୍ଟ କହିଛନ୍ତି। ଜମି ଅଧିଗ୍ରହଣ ବେଳେ ଜମିରେ ଆମ୍ବ ଗଛ ରହିଥିବା ମିଥ୍ୟା ଦର୍ଶାଇ ସରକାରଙ୍କୁ ୨,୨୯,୨୦୦ ଟଙ୍କାର ଆର୍ଥିକ କ୍ଷତି ପହଞ୍ଚାଇଥିଲେ ଆବେଦନକାରୀ। ଏହି ମାମଲାର ଚାର୍ଜଫ୍ରେମ ସରିବା ସହ ୧୫ଜଣ ସାକ୍ଷୀଙ୍କ ମଧ୍ୟରୁ ୭ଜଣଙ୍କ ସାକ୍ଷ୍ୟ ଗ୍ରହଣ ସରିଛି ଏବଂ ବିଚାର ପ୍ରକ୍ରିୟା ଜାରି ରହିଛି। ସରକାରୀ ପାଣ୍ଠିର ହେରଫେର ଏବଂ ଦୁର୍ନୀତି ଭଳି ଗୁରୁତର ମାମଲାରେ ବିଚାର ପ୍ରକ୍ରିୟା ଅନେକ ଆଗକୁ ବଢ଼ିସାରିଥିବାରୁ, ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିବା ସହ ଆବେଦନକୁ ଖାରଜ କରିଛନ୍ତି।

### ଟିଟିଲାଗଡ଼ ଷ୍ଟେସନ୍‌ରେ ରକ୍ତପାତ

## ବଚସାରୁ ସାଙ୍ଗକୁ ପଥରରେ ଛେଚି ହତ୍ୟା

ଟିଟିଲାଗଡ଼, ୧୩।୬ (ସମିସ): ସାମାନ୍ୟ ବଚସାରୁ ସାଙ୍ଗକୁ ପଥରରେ ଛେଚି ହତ୍ୟା। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଳ ଜଙ୍କସନ୍ ପରିସର ୫ନମ୍ବର ପ୍ଲାଟଫର୍ମ ପାର୍ଶ୍ୱରେ ଆଜି ଏପରି ଏକ ନିର୍ମମ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ, ଝାରସୁଗୁଡ଼ା ଅଞ୍ଚଳର ସୂରଜ କୁମାର। ଟିଟିଲାଗଡ଼ ଜିଆରପି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ରାମ କୁମାର(୩୫)କୁ ଗିରଫ କରିଛି। ରାମର ଘର ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଜାଙ୍ଗିର ଚମ୍ପା ଜିଲ୍ଲା ହାସୋଦ ଥାନା ଅଧୀନ ରଣପୋଟା ଗ୍ରାମରେ।

ରାମ ଓ ସୂରଜ ଟିଟିଲାଗଡ଼ ଷ୍ଟେସନ୍ ପରିସରରେ ରହୁଥିଲେ। କବାଡ଼ିଆ କାରବାର କରି ଗୁଜୁରାଣ ମେଣ୍ଟାଉଥିଲେ। ଉଭୟଙ୍କ ମଧ୍ୟରେ ଭଲ ବନ୍ଧୁତା ମଧ୍ୟ ଥିଲା। ଶୁକ୍ରବାର କିଛି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାମ କୁମାର ଏକ ପଥରରେ ସୂରଜର ମୁଣ୍ଡକୁ ଛେଚି ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ସେ ଆର୍‌ପିଏଫ୍ ନିକଟରେ ଆତ୍ମସମର୍ପଣ କରିଥିଲା। ଘଟଣାକୁ ନେଇ ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ଜରପଡ଼ା ଏଏସ୍‌ଆଇ

### ମାମଲାର ଫାଇନାଲ ରିପୋର୍ଟ ଦେବାକୁ ୮ ହଜାର ଟଙ୍କା ନେଉଥିଲେ



ଅନୁଗୋଳ/ଛେଣ୍ଡିପଦା/ଭୁବନ, ୧୩।୬ (ସମିସ): ଏକ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦେବାକୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଏଏସ୍‌ଆଇ ସୀତା ନାଏକ। ତାଙ୍କଠାରୁ ରାସାୟନିକ ପ୍ରଲେପବୋଳା ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହାସହ ଆୟ ବର୍ହିଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଅଧିକ ଖୋଳତାଡ଼ ଚଳାଇଛି। ଭୁବନ ଥାନା ମାର୍ଥାପୁର ପଞ୍ଚାୟତର ଅଁଳାପାଳ ଗ୍ରାମସ୍ଥିତ ତାଙ୍କ ଶଶୁର କୃଷ୍ଣ ମହାନ୍ତିଙ୍କ ବାସଭବନରେ ଚଢ଼ଉ କରିଛି। ସୀତାଙ୍କ ବାପଘର କଣ୍ଟାବଣିଆ ଥାନା ଅନ୍ତର୍ଗତ କୁରୁଣ୍ଟି ଗ୍ରାମରେ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଏକ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦେବା ପାଇଁ ସୀତା ଅଭିଯୋଗକାରୀଙ୍କୁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ଦେବାକୁ ବାରମ୍ବାର ଚାପ ପକାଇବାରୁ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେଣୁ, ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ, ଆଜି ଅଭିଯୋଗକାରୀଙ୍କଠାରୁ ସୀତା ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ତାଙ୍କୁ କାବୁ କରିଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ସୀତାଙ୍କର ଅଚଳାଚଳ ସମ୍ପତ୍ତି ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଛି।

### ପ୍ରଧାନମନ୍ତ୍ରୀଙ୍କ 'ଉଡାନ୍'ରେ ସାମିଲକୁ ୪ ବର୍ଷ

## ଜମାଦାରପାଲିରୁ କେବେ ଉଡ଼ିବ ବିମାନ?

ସମ୍ବଲପୁର, ୧୩।୬(ସମିସ): ଦେଶର ଅଗମ୍ୟ, ଅପହଞ୍ଚ ଆଞ୍ଚଳିକ ସ୍ଥାନକୁ ଆକାଶ ମାର୍ଗରେ ସଂଯୋଗ ତଥା ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଏବଂ ପର୍ଯ୍ୟଟନ ବୃଦ୍ଧି ସହ ସାଧାରଣ ଲୋକଙ୍କୁ ସୁଲଭ ଦରରେ ବିମାନ ସେନା ଯୋଗାଇବା ପାଇଁ 'ଉଡେ ଦେଶ୍‌କି ଆମ୍ ନାଗରିକ' (ଉଡାନ୍) ଯୋଜନା ଆରମ୍ଭ ହୋଇଛି। 'ଉଡାନ୍' ଯୋଜନା ପଞ୍ଚମ ପର୍ଯ୍ୟାୟ ବା ଉଡାନ୍ ୫.୦ରେ ଗତ ୨୦୨୨ ମସିହା ସେପ୍ଟେମ୍ବର ୮ ତାରିଖରେ ସମ୍ବଲପୁରର ହୀରାକୁଦ (ଜମାଦାରପାଲି) ଏୟାରଷ୍ଟ୍ରିପ୍‌କୁ ସାମିଲ କରାଯାଇଛି। ଏହି ଘୋଷଣାକୁ ପ୍ରାୟ ୪ବର୍ଷ ବିତିଗଲାଣି। କିନ୍ତୁ ଜମାଦାରପାଲି ଏୟାରଷ୍ଟ୍ରିପ୍‌ର ଭିତ୍ତିଭୂମି ବିକାଶ ସକାଶେ କୌଣସି ପଦକ୍ଷେପ ନିଆଯାଇନାହିଁ। ରାଜ୍ୟରେ ଭୁବନେଶ୍ୱର, ଝାରସୁଗୁଡ଼ା, ଜୟପୁର, ରାଉରକେଲା ପରେ ୨୦୨୩ ଅଗଷ୍ଟ ୩୧ ତାରିଖ ଉତ୍‌କେଳାରୁ ଉଡ଼ିଛି ବିମାନ। ବର୍ଷ ପରେ ବର୍ଷ ବିତିଯାଉଥିବା ବେଳେ ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁରକୁ ବିମାନସେବା ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି ଭଳି ପ୍ରତୀତ ହେଉଛି। ଏହାକୁ ନେଇ ସମ୍ବଲପୁରବାସୀଙ୍କ ମଧ୍ୟରେ ନିରାଶାଭାବ ଦେଖାଦେଇଛି।

ସମ୍ବଲପୁର ସହର ଉପକଣ୍ଠସ୍ଥ ଜମାଦାରପାଲି (ହୀରାକୁଦ) ଏୟାରଷ୍ଟ୍ରିପ୍ ୧୯୫୦ ଦଶକରେ ଆରମ୍ଭ ହୋଇଥିବା ବେଳେ ଏଠାରେ ଛୋଟ ବିମାନ ଓ ହେଲିକେପ୍ଟର ଉଡ଼ାଣ ନେବା ସହ ଅବତରଣ କରିଥାଏ। ଏହାର ରନ୍-ୱେ ୧୨ କିଲୋମିଟର ରହିଛି। ଭୁବନେଶ୍ୱରରୁ ଏହି ଏୟାରଷ୍ଟ୍ରିପ୍ ଆକାଶମାର୍ଗରେ ୨୪୦ କିଲୋମିଟର ଥିବା ବେଳେ ଝାରସୁଗୁଡ଼ାରୁ ୩୭ କିଲୋମିଟର ଓ ରାଉରକେଲାରୁ ୧୧୨ କିଲୋମିଟର ରହିଛି। ଏଠାରେ ପାଚେରି ନିର୍ମାଣ ହେବା ସହ ଏକ ବିଶ୍ରାମଗୃହ ମଧ୍ୟ ରହିଛି। ଏହା ରାଜ୍ୟ ପରିବହନ ବିଭାଗ ଅଧୀନରେ ରହିଛି। ପୂର୍ତ୍ତ ବିଭାଗ-୧ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉଛି। ସମ୍ବଲପୁର ସହରରୁ ମାତ୍ର ୧୦ ମିନିଟ ଦୂରତ୍ୱରେ ଜମାଦାରପାଲି ଏୟାରଷ୍ଟ୍ରିପ୍ ଥିବା ବେଳେ ବିଭିନ୍ନ ସମୟରେ ରାଜନେତା ତଥା ବିଦେଶୀ ଅତିଥି ଏଠାରେ ଅବତରଣ କରିଛନ୍ତି। ବର୍ତ୍ତମାନ ଏୟାରଷ୍ଟ୍ରିପ୍‌ଟି ସଙ୍ଗୁନପାଲି ମୌଜାର ୬୧.୦୭ ଏକର ଅଞ୍ଚଳରେ ରହିଛି। ସମ୍ପ୍ରତି ଆଖପାଖର ଜଳ ସମ୍ପଦ ବିଭାଗ ଏବଂ ଶକ୍ତି ଓ ଜଳସେଚନ ବିଭାଗ ଅଧୀନରେ ଥିବା ସମ୍ବଲପୁର ତହସିଲର ୬୬ ଏକର ଜମି ଏୟାରଷ୍ଟ୍ରିପ ସମ୍ପ୍ରସାରଣ ଓ ବିକଶିତ କରିବା ସକାଶେ ବାଣିଜ୍ୟ ଓ ପରିବହନ ବିଭାଗକୁ ହସ୍ତାନ୍ତର କରାଯାଉଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ସମ୍ବଲପୁରରେ ଜାତୀୟ ପ୍ରତିଷ୍ଠାନ ଆଇଆଇଏମ ସମ୍ବଲପୁର ସହ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଉତ୍ତରଖଣ୍ଡ ପୁଲିସ ଆଇଜିଙ୍କ କାର୍ଯ୍ୟାଳୟ, ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ, ଆଞ୍ଚଳିକ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହ ଅନେକ ପଶ୍ଚିମ ଓଡ଼ିଶାସ୍ତରୀୟ ଆଞ୍ଚଳିକ କାର୍ଯ୍ୟାଳୟ ରହିଛି। ଏହାସହ ସୈନିକ ସ୍କୁଲ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଆଦିକୁ ନେଇ ଶିକ୍ଷାର ହବ୍ ତଥା ପଶ୍ଚିମ ଓଡ଼ିଶା ତଥା ଆଖପାଖ ଅଞ୍ଚଳକୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ରହିଛି। ଶିକ୍ଷାକ୍ଷେତ୍ରରେ ଅଭିଜ୍ଞ ଶିକ୍ଷକଙ୍କୁ ରାଜ୍ୟ ବାହାରୁ ଆସି ପାଠପଢ଼ା ପରେ ପୁଣି ଫେରିଯିବା ସକାଶେ ବିମାନସେବା ସହଜସାଧ୍ୟ ହେବ। ସେହିପରି, ଗୁରୁତର ରୋଗୀଙ୍କ ଜୀବନରକ୍ଷା ପାଇଁ କମ୍ ସମୟ ମଧ୍ୟରେ ବାହାରୁ ବିଶେଷଜ୍ଞ ଡାକ୍ତର ଆସି ଚିକିତ୍ସାସେବା ଯୋଗାଇ ଦେଇପାରିବେ। ହୀରାକୁଦ ନଦୀବନ୍ଧ ଏବଂ ଡେବ୍ରିଗଡ଼ ଅଭୟାରଣ୍ୟ ଭଳି ପର୍ଯ୍ୟଟନସ୍ଥଳକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ବୃଦ୍ଧି ପାଇପାରିବ।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

# ମୁତୟନ ହେବେ ୧୫୦ ପ୍ଲାଟୁନ୍ ପୁଲିସ ଫୋର୍ସ

**ରାଇରଙ୍ଗପୁର,୧୩।୬(ସମିସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ୧୯ ଓ ୨୦, ପ୍ରଧାନମନ୍ତ୍ରୀଙ୍କ ୨୦ ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତକୁ ନେଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୫୦ ପ୍ଲାଟୁନ୍‌ରୁ ଅଧିକ ପୁଲିସ ଫୋର୍ସ ମୁତୟନ ହେବେ। ଏନେଇ ସ୍ଥାନୀୟ ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ପ୍ରସ୍ତୁତିକୁ ଅତି ବ୍ୟାପକ ଓ ସୁଦୃଢ଼ କରାଯାଉଛି। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ବ୍ଲୁ-ବୁକ୍ ପ୍ରୋଟୋକଲ ଓ ସମସ୍ତ ପ୍ରାବଧାନ ଅନୁଯାୟୀ ଏହି ହାଇପ୍ରୋଫାଇଲ୍ ଗସ୍ତ ପାଇଁ ପ୍ରସ୍ତୁତି ଚାଲିଛି। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗୁରୁବାର ରାଇରଙ୍ଗପୁର ଗସ୍ତ କରି ତଦାରଖ କରିଛନ୍ତି। ସଭା ସ୍ଥଳ, ଟ୍ରାଫିକ ପରିଚାଳନା, ହେଲିପାଡ଼ ବ୍ୟବସ୍ଥା, ସୁରକ୍ଷା ଓ ସେଫ୍ଟି ବ୍ୟବସ୍ଥା ଭଳି ଭିନ୍ନ ଭିନ୍ନ ଦିଗ ପାଇଁ ସିନିୟର ଅଫିସରଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ସମ୍ପୃକ୍ତ ଅଞ୍ଚଳକୁ 'ନୋ-ଫ୍ଲାଇଂ ଜୋନ୍' ଭାବେ ଘୋଷଣା କରାଯିବ। ଏଥିସହିତ ସେକେଣ୍ଡାରି ଅନଧିକୃତ ଡ୍ରୋନ୍ ସମସ୍ୟାକୁ ପ୍ରତିହତ କରିବା ପାଇଁ ସ୍ୱତନ୍ତ୍ର ଆଣ୍ଟି-ଡ୍ରୋନ୍ ଟିମ୍ ମଧ୍ୟ ନିୟୋଜିତ ରହିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୁଲିସ ଓ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ଥିବା ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ନେଇ ପ୍ରଶାସନିକ ଚଳଚଞ୍ଚଳତା ପ୍ରକାଶ ପାଇଛି। ରାଷ୍ଟ୍ରପତି ଜୁନ ୧୯ ତାରିଖ ଓ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଇରଙ୍ଗପୁରରେ ପହଞ୍ଚିବେ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କ ବାଦାମପାହାଡ଼ ନିକଟସ୍ଥ ଉପରବେଡ଼ା, ପାହାଡ଼ପୁର ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ପୁଅଙ୍କ ସ୍ମୃତିରେ ନିର୍ମିତ ଏସ୍‌ଏଲ୍‌ଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯିବେ। ଏଥିସହିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ। ଏ ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀଙ୍କ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭାବ ବିନିମୟ କରିବାର ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗ୍ରାମ ପରିଦର୍ଶନ କରିବା ପରେ ରାଇରଙ୍ଗପୁରଠାରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ଉପରବେଡ଼ା, ପାହାଡପୁର ଗ୍ରାମ ସମେତ ରାଇରଙ୍ଗପୁର ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ରାଇରଙ୍ଗପୁର ଗସ୍ତରେ ଆସିବେ। ଯାହାକୁ ନେଇ ୧୨ଟି ହେଲିକପ୍ଟର ଆସିବ। ତେଣୁ ହେଲିପ୍ୟାଡ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଗସ୍ତକୁ ଦୃଷ୍ଟିରେ ରଖି ପୂରା ଅଞ୍ଚଳରେ ହାଇଆଲର୍ଟ ସହ ସ୍ୱତନ୍ତ୍ର ନଜର ରଖାଯାଇଛି। ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ଜୋରଦାର ପ୍ରସ୍ତୁତି ଜାରି ରହିଛି।

## ଦୁଧିଆଣି ଜଙ୍ଗଲରେ ହାତୀ ଶାବକର ବ୍ୟବଚ୍ଛେଦ, ଭୁବନେଶ୍ୱର ଗଲା ନମୁନା



**କରଞ୍ଜିଆ,୧୩।୬(ସମିସ):** କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ବନାଞ୍ଚଳର ପୁରୁଣା ଦେଓଗାଁ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ମୃତ ଅବସ୍ଥାରେ ଠାବ ହୋଇଥିବା ହାତୀ ଶାବକର ଶୁକ୍ରବାର ବ୍ୟବଚ୍ଛେଦ କରାଯାଇ ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ବ୍ୟବଚ୍ଛେଦ ପରେ ବନ ବିଭାଗ ପକ୍ଷରୁ ଶାବକର ମୃତଦେହକୁ ସେହି ଜଙ୍ଗଲରେ ପୋତି ଦିଆଯାଇଛି। ପ୍ରାଥମିକ ତଦନ୍ତ ଓ ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଶାବକଟି ଦୁଇ ଦନ୍ତା ହାତୀଙ୍କ ମଧ୍ୟରେ ହୋଇଥିବା ଲଢେଇର ଶିକାର ହୋଇଥିବା ବନ ବିଭାଗ ଅନୁମାନ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। କରଞ୍ଜିଆ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ପ୍ରାଣୀ ଚିକିତ୍ସକ ଡ. ପ୍ରଦୀପ କୁମାର ସାହୁ, ଡ. କଲ୍ୟାଣୀ ମାରାଣ୍ଡି ଓ ଯଶିପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଡ. ସୌରଭ ରଞ୍ଜନ ହୋତା ଘଟଣାସ୍ଥଳରେ ପହଞ୍ଚି ହାତୀ ଶାବକର ବ୍ୟବଚ୍ଛେଦ କରିଥିଲେ। ସରକାରୀ ସାକ୍ଷୀ ଭାବେ ବାଙ୍ଗପେଲା ରାଜସ୍ୱ ନିରୀକ୍ଷକ ବୃନ୍ଦାବନ ରାଉତ, ତହସିଲ ଅମିନ ରାମହରି ଟୁଡୁ, ପୁରୁଣା ଦେଓଗାଁ ୱାର୍ଡ ସଭ୍ୟଙ୍କ ସହ ଦୁଧିଆଣି ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ ଓ କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୃତ ହାତୀ ଶାବକର ମୃତ୍ୟୁର ସଠିକ କାରଣ ଜାଣିବା ପାଇଁ ଭିସେରା ଓ କ୍ଷତସ୍ଥାନରୁ ସଂଗୃହୀତ ମାଂସ ନମୁନାକୁ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଥିବା ଡାକ୍ତର ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ରିପୋର୍ଟ ଆସିବା ପରେ ହାତୀ ଶାବକର ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ବାଇକ୍ ଧକ୍କାରେ ଜଣେ ମୃତ

**କପ୍ତିପଦା,୧୩।୬(ସମିସ):** କପ୍ତିପଦା ଥାନା ଅନ୍ତର୍ଗତ ପାଗଡାଡିହା ଗ୍ରାମରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ପାଗଡାଡିହା ଗ୍ରାମର ଶୁକ୍ରା ସିଂ (୩୨)। ସେ ସକାଳେ ଘର ନିକଟରେ ବସିଥିବା ସମୟରେ ଗହାକର ମାଙ୍କିଡିଆ ଦ୍ରୁତ ଗତିରେ ଗାଡି ଚଳାଇ ଯାଉଥିବା ସମୟରେ ତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଘଟଣାସ୍ଥଳରେ ଶୁକ୍ରା ସିଂ ମୃତ୍ୟୁବରଣ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦଳା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ଚଳାଉଥିବା ଗହାକର ମାଙ୍କିଡିଆ ଓ ପଛରେ ବସିଥିବା ବ୍ୟକ୍ତି ଗୁରୁତର ଆହତ ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କପ୍ତିପଦା ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ବାଟବଣା

# ପିଲାଙ୍କୁ ସମ୍ପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଦାନ ପାଇଁ ମାରିସାର ଦାବି



**ବାରିପଦା,୧୩।୬(ସମିସ):** ଜାତୀୟ ଶିକ୍ଷାନୀତି ଲାଗୁ ପରେ ପାଠ୍ୟ ଖସଡ଼ାରେ ପରିବର୍ତ୍ତନ କରାଯାଇଛି। ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟକ୍ରମ ସାମିଲ ହୋଇଛି। ଶିକ୍ଷାବର୍ଷ ଆରମ୍ଭର ଦୁଇମାସ ବିତିଥିବାବେଳେ ପିଲାଙ୍କୁ ବହି ମିଳିପାରିନାହିଁ। ମାତ୍ର ଖଣ୍ଡେ ଦୁଇଖଣ୍ଡ ବହି ମିଳିଛି। ଫଳରେ ଖରା ଛୁଟିରେ ପିଲାମାନେ ପାଠପଢି ପାରିଲେନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ଏପ୍ରିଲ ୨୭ରୁ ସରକାର ସ୍କୁଲ ଛୁଟି ଘୋଷଣା କରିଥିଲେ। ଦେଢ଼ ମାସ ପରେ ସ୍କୁଲ ଖୋଲିବାକୁ ଥିବାରୁ ଏହି ସମୟ ମଧ୍ୟରେ ପାଠପଢ଼ା ଯେପରି ବ୍ୟାହତ ନ ହୁଏ, ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମରେ ଅନଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା କରିଛନ୍ତି। ଚଳିତବର୍ଷ ଏସଆଇଆର ସର୍ଭେ ଯୋଗୁଁ ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାରେ ବାଟବଣା ହୋଇଛି। ଶିକ୍ଷକ/ଶିକ୍ଷୟିତ୍ରୀ ଏସଆଇଆର ସର୍ଭେରେ ନିଯୁକ୍ତ ହୋଇଥିବାରୁ ନିୟମିତ ଭାବେ ଶିକ୍ଷାଦାନ ହୋଇପାରୁନି। ସ୍କୁଲ ଶିକ୍ଷକଙ୍କଠାରୁ ଆରମ୍ଭ କରି ପ୍ରଧାନଶିକ୍ଷକ, ସିଆରସିସି ସର୍ଭେ କାମରେ ନିୟୋଜିତ ଥିବାରୁ ଶତପ୍ରତିଶତ ଭାବେ ପାଠପଢ଼ା ହୋଇପାରୁନି। ଆଜି କୁଳିଅଣା ବ୍ଲକର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ପିଲାମାନେ ପାଠପଢ଼ା ବଦଳରେ ବିଭିନ୍ନ କାମରେ ନିୟୋଜିତ ହୋଇଛନ୍ତି ବୋଲି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ପ୍ରକାଶ କରିଛନ୍ତି। ଅନଲାଇନରେ ପାଠପଢ଼ା ହେଉ ନ ଥିବାରୁ କେଉଁମାନେ ପନିପରିବା ବାଡିରେ କାମ କରୁଛନ୍ତି ତ କେଉଁମାନେ ପ୍ରଚଣ୍ଡ ଖରାରେ ଗାଁ ଦାଣ୍ଡରେ ସାଙ୍ଗସାଥି ସହ ଆଲି, ନଟୁ ଖେଳୁଛନ୍ତି। ରବି ଧାନ କଟା ଚାଲିଥିବାରୁ କିଛି ଛାତ୍ରଛାତ୍ରୀ ପରିବାର ଲୋକଙ୍କୁ ଏ କ୍ଷେତ୍ରରେ ସହଯୋଗ ମଧ୍ୟ କରୁଛନ୍ତି। ତେଣୁ ଯଥାଶୀଘ୍ର ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ବହି ବଣ୍ଟନ କରାଯାଉ ବୋଲି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦୃଢ଼ ଦାବି କରିବା ସହ ଶିକ୍ଷକମାନେ ଘରକୁ ଘର ବୁଲି ଅନଲାଇନ ପାଠପଢ଼ା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରନ୍ତୁ ବୋଲି ମତ ଦେଇଛନ୍ତି।

## ଡିଆର୍‌କେ କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଲାଲ୍‌ବଜାର ୱାରିୟର୍ସଙ୍କୁ ହରାଇ ଜଗଦ୍ଧାତ୍ରୀ ସୁପର କିଙ୍ଗସ ଚାମ୍ପିଅନ୍



**ବାରିପଦା,୧୩।୬(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡ଼ିୟମ ପଡ଼ିଆରେ ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଡିଆରକେ କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ୫ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଜଗଦ୍ଧାତ୍ରୀ ସୁପର କିଙ୍ଗସ ୩୪ ରନରେ ଲାଲବଜାର ୱାରିୟର୍ସଙ୍କୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ପ୍ରଥମେ ବ୍ୟାଟିଂ କରି ଜଗଦ୍ଧାତ୍ରୀ ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ କୁମାର ଯାଦବ ୬୬, ଶୁଭମ ନାଏକ ୨୬ ଓ ମନୁ ରାମ ୨୧ ରନ କରିଥିବାବେଳେ ବିପକ୍ଷ ଦଳର ଯଶୋବନ୍ତ ମାଝୀ ୫ଟି ଓ ଆଦିତ୍ୟ କୁମାର ବସା ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଲାଲବଜାର ଦଳ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦିବ୍ୟାଲୋଚନ ଦାଶ ୪୭ ଓ ଆଦିତ୍ୟ କୁମାର ବସା ୩୨ ରନ କରିଥିବାବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ୩ଟି ଓ ଅଭିଷେକ କୁମାର ଯାଦବ ୨ଟି ୱିକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ କୁମାର ଦାସ ଓ ଶେଖ ଅମଜିତ ଖେଳ ପରିଚାଳନା କରିଥିବାବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହଯୋଗ କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ୧ ଲକ୍ଷ ୨୦ ହଜାର ଓ ଟ୍ରଫି, ରନର୍ସଅପ ଦଳକୁ ୮୦ ହଜାର ଟଙ୍କା ଓ କପ୍ ପ୍ରଦାନ କରାଯାଇଥିବାବେଳେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଭିଷେକ କୁମାର ଯାଦବ, ଶ୍ରେଷ୍ଠ ଖେଳାଳି ଭାବେ ରାମଚନ୍ଦ୍ର ବେହେରା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅଭିଜ୍ଞାନ ମହାନ୍ତି, ଶ୍ରେଷ୍ଠ ବୋଲର ଭାବେ ଯଶୋବନ୍ତ ମାଝୀ ଓ ଶ୍ରେଷ୍ଠ ଫିଲଡର ଭାବେ ଶୁଭମ ନାଏକ ପୁରସ୍କୃତ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସରସକଣା ବିଧାୟକ ଭାଦବ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ସମାଜସେବୀ କାଶୀନାଥ ରଣା, ନନ୍ଦିକେଶ ଶେଜପଡା, କ୍ରୀଡ଼ା ସଂଗଠକ ନିରୋଜ ସାହୁ ଓ ଅମର କୁମାର ସେଠୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଅମିତାଭ ଦାସ, ସତ୍ୟନାରାୟଣ ଜୀଉ ଓ ମାନସ ଧଳ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ସେମିନାର ଓ ନୃତ୍ୟ ଉତ୍ସବ

# ଶୁକୃଳି କଳାକାରଙ୍କ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ



**ଶୁକୃଳି, ୧୩।୬(ସମିସ):** ଓଡ଼ିଶାରେ ପ୍ରଚଳିତ ପୁରାତନ ଶାସ୍ତ୍ରୀୟ ନୃତ୍ୟର ନାମ ହେଉଛି ଓଡ଼ିଶୀ ନୃତ୍ୟ। ରାଜ୍ୟର ଗୌରବ ବିମଣ୍ଡିତ ଏହି ନୃତ୍ୟର ଛନ୍ଦ, ଭଙ୍ଗି ଓ ଲାଳିତ୍ୟ ନିଆରା। ଏହାର ପ୍ରଚାର ପ୍ରସାର ନିମିତ୍ତ ଭୁବନେଶ୍ୱରସ୍ଥ ବୁଦ୍ଧ ନଗରରେ ଲବ୍ଧ ପ୍ରତିଷ୍ଠ ସାଂସ୍କୃତିକ ନୃତ୍ୟ କଳା ଅନୁଷ୍ଠାନ ନୃତ୍ୟଶ୍ରୀ ଆନୁକୂଲ୍ୟରେ ଗତ ୧୦ ଓ ୧୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି ଦଶମ ଜାତୀୟ ସେମିନାର ଓ ନୃତ୍ୟ ଉତ୍ସବ। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୪୦ରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିବାବେଳେ ମୟୂରଭଞ୍ଜ ଜିଲ୍ଲା ଶୁକୃଳିସ୍ଥ ମା' କିଚକେଶ୍ୱରୀ କଳା ନିକେତନର ଅନନ୍ୟା ନାଏକ, ମଧୁଛନ୍ଦା ମହାନ୍ତ, ଓମ୍ ପ୍ରକାଶ ନାୟକ, ନିହାରିକା ନାଏକ, ଲିପ୍ସିତା ମହାନ୍ତ ପ୍ରମୁଖ କଳାକାର ନୃତ୍ୟଗୁରୁ କହ୍ନେଇ ଚରଣ ନାଏକଙ୍କ ପ୍ରଶିକ୍ଷଣରେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମ୍ମାନିତ ହେବା ସହିତ ନିଜ ବ୍ଲକ୍ ଓ ଜିଲ୍ଲା ପାଇଁ ଗୌରବ ଆଣିପାରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ଘଣା ଓ ସଭାପତି ଡ. ଜୀବନ କୁମାର ଗିରି ଅଂଶଗ୍ରହଣ କରିଥଲେ।

## ଠକେଇ ଟଙ୍କା ଉଠାଣ

### ଚଞ୍ଚକତା କରି ଟଙ୍କା ଉଠାଣ ଅଭିଯୋଗ

**ରାଇରଙ୍ଗପୁର/କରଞ୍ଜିଆ,୧୩।୬ (ସମିସ):** ଏଟିଏମ କାର୍ଡ ବଦଳାଇ ଜଣେ ବ୍ୟକ୍ତିଙ୍କ ଟଙ୍କା ଉଠାଣ ହୋଇଛି। ଏ ନେଇ ରସମତଲା ଅଞ୍ଚଳର ଦିଲ୍ଲୀପ କୁମାର ସେଠୀ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ଥିବା ଜଣେ ବ୍ୟକ୍ତି ଚଞ୍ଚକତା କରି ତାଙ୍କ ଏଟିଏମ କାର୍ଡ ବଦଳ କରି ଦେଇଥିଲା। ସେ ଘରକୁ ଆସିବା ପରେ ଘଟଣା ବାବଦରେ ଜାଣିବାକୁ ପାଇଥିଲେ। ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବାରୁ ଉକ୍ତ ବ୍ୟକ୍ତି ଜଣକ ୪୧,୫୦୦ ଟଙ୍କା ଉଠାଇ ନେଇଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ରେଳ ଲାଇନରୁ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର,୧୩।୬ (ସମିସ):** ରେଳ ଲାଇନରୁ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଟ୍ରେନରେ କଟି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମୃତ ମହିଳା ଜଣକ ହେଲେ ବିହାର ସମସ୍ତିପୁର ଥାନା ଅନ୍ତର୍ଗତ ୱାରିଲଶନଗର ଅଞ୍ଚଳ ତାନ୍ତି ୱାର୍ଡ ୧୧ର ଡଙ୍ଗଲ କୁମାରଙ୍କ ପତ୍ନୀ ନେହା କୁମାରୀ (୨୦)। ମହିଳା ଜଣଙ୍କ ଶିଶୁ କନ୍ୟା ଥିବାବେଳେ ପ୍ରାୟ ୩ ବର୍ଷ ହେବ ସ୍ୱାମୀଙ୍କ ସହ ରାଇରଙ୍ଗପୁରରେ ବଞ୍ଜାରା ଭଳି ରହୁଥିଲେ। ଶନିବାର ଦିନ ପ୍ରାୟ ୨ରୁ ୨.୩୦ ସମୟରେ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଛି। ଟାଟାରୁ ରାଇରଙ୍ଗପୁର ପଟକୁ ରେଳ ବିଦ୍ୟୁତ୍ ରକ୍ଷଣାବେକ୍ଷଣ ଭ୍ୟାନ (ରେଳ ଇଞ୍ଜିନ) ଆସୁଥିବାବେଳେ ରାଇରଙ୍ଗପୁର-ଗୋରୁମହିଷାଣୀ ରାସ୍ତାରେ ଥିବା ନିରଞ୍ଜନ ରେଳବାଇ ଫାଟକ ନିକଟରେ ଅଘଟଣ ଘଟିଛି। ସ୍ଥାନୀୟ ଲୋକ ଦେଖି ପୁଲିସ ଓ ରେଳବାଇକୁ ଖବର ଦେଇଥିଲେ। ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଛି। ଏ ନେଇ ରେଳବାଇ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୁଆମରା,୧୩।୬(ସମିସ):** ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀର ବରଡିହି ପଞ୍ଚାୟତ ଚାମୁଡି ଘାଟ ନିକଟରୁ ଆଜି ଜଣେ ବୃଦ୍ଧଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ସାଇଁକୁଳା ପଞ୍ଚାୟତ ଭାନପୁର ଗ୍ରାମର ବାବୁ ନାଏକ (୫୫)। ବାବୁ ଶୁକ୍ରବାର ମଧ୍ୟାହ୍ନରେ ଚାମୁଡି ଘାଟ ଗଣ୍ଡକୁ ମାଛ ଧରିବାକୁ ଯାଇଥିବାବେଳେ ଗଭୀର ପାଣି ମଧ୍ୟକୁ ପଶିଯାଇ ଆଉ ବାହାରି ପାରି ନ ଥିଲେ। ଫଳରେ ସେଠାରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ତେବେ ପରିବାର ଲୋକ ଗତକାଲି ଖୋଜାଖୋଜି କରି ପାଇ ନ ଥିବାବେଳେ ଆଜି ସ୍ଥାନୀୟ ଲୋକେ ନଦୀରେ କେହି ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। କୁଶଲଦା ଫାଣ୍ଡି ଅଧିକାରୀ ପହଞ୍ଚି ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଚିହ୍ନଟ କରିଛନ୍ତି। ଏ ନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ରବିବାର ଦିନ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

## ରଜ ପାଇଁ ଉତ୍ସବମୁଖର ମୋରଡ଼ା

# ଡ୍ରେସ୍ ଦୋକାନରେ ପ୍ରବଳ ଭିଡ଼

**ମୋରଡ଼ା,୧୩।୬(ସମିସ):** ରବିବାର ପହିଲି ରଜ। ଏ ନେଇ ସଂସ୍କୃତି ଓ ପରମ୍ପରାର ଜିଲ୍ଲା ମୟୂରଭଞ୍ଜ ଚଳଚଞ୍ଚଳ ହୋଇ ଉଠିଛି। ରଜ କୁମାରୀଙ୍କ ପର୍ବ ହୋଇଥିବାବେଳେ ଆବାଳ ବୃଦ୍ଧବନିତା ଏଥିରେ ସାମିଲ ହୋଇ ଏହି ପର୍ବକୁ ପାଳନ କରିଥା'ନ୍ତି। ରଜ ପାନଠାରୁ ଆରମ୍ଭ କରି ରଜ ପିଠା, ରଜ ଦୋଳି ଏହି ମହାନ ଓଡ଼ିଆ ଗଣପର୍ବର ସ୍ୱତନ୍ତ୍ରତା ଭରି ଦେଇଥାଏ। ମୋରଡ଼ା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏହି ଗଣପର୍ବ ୩ ଦିନ ଧରି ଖୁବ ଜାକଜମକରେ ପାଳିତ ହୋଇଥାଏ। ତେବେ ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ହେଉଛି ଭୂମିଦାହ ବା ଭୂମି ଦହନ। ବିଶେଷ କରି ପହିଲି ରଜ ଦିନ କୁମାରୀମାନେ ରଜପର୍ବ ନିମନ୍ତେ ବିଭିନ୍ନ ପୋଷାକ କ୍ରୟ କରିବା ସହିତ ହାତରେ ରଙ୍ଗବେରଙ୍ଗର ମେହେନ୍ଦି କରି ପାଦରେ ଅଳତା ଲଗାଇଥା'ନ୍ତି। ପହିଲି ରଜରେ ସ୍ନାନ କରି କରି ରଜର ଦେବୀ ବସୁମତୀଙ୍କୁ ବିଭିନ୍ନ ଫଳପୁଷ୍ପ ପ୍ରଦାନ କରି ପୂଜାର୍ଚ୍ଚନା କରିଥା'ନ୍ତି। ଏହି ଦିନ କୁମାରୀ ଓ ମହିଳାମାନେ ତାଙ୍କର ଦୈନନ୍ଦିନ କାର୍ଯ୍ୟରୁ ବିରତି ନେଇ ପାଦରେ ଅଳତା, ହାତରେ ମେହେନ୍ଦି ଲଗାଇ ବିଭିନ୍ନ ଅଳଙ୍କାର ପରିଧାନ କରି ଗ୍ରାମ ବୁଲିବା ସହିତ ରଜ ପୋଡପିଠା, ରଜପାନ ଖାଇ ଆନନ୍ଦରେ ରଜ ଦୋଳି ଖେଳିଥା'ନ୍ତି। ଯେଉଁଥିପାଇଁ ଶୁକ୍ରବାର ଚିତ୍ରଡା ହାଟରେ ଥିବା ଡ୍ରେସ ଦୋକାନ ରେ ଭିଡ଼ ଜମିଛି। ସେହିପରି ପୁରୁଷ ଓ ଯୁବକମାନେ ରଜରେ ନୂତନ ବସ୍ତ୍ର ପରିଧାନ କରି ରଜ ପାନ, ରଜ ପୋଡପିଠା ଖାଇ ଗ୍ରାମ ଓ ସାହିରେ ଥିବା ଖୋଲା ପଡ଼ିଆରେ ବାଗୁଡି ବା କବାଡି ଖେଳରେ ନିମଗ୍ନ ରହିଥା'ନ୍ତି। ଫଳରେ ରଜର ଏହି ୩ ଦିନ ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଏକ ଏକ ଆନନ୍ଦର ସମୟ ଭାବେ ପରିଗଣିତ ହୋଇଥାଏ।

# ଡକାୟତି ଉଦ୍ୟମ ପଣ୍ଡ, ୬ ଆନ୍ତଃରାଜ୍ୟ ଡକାୟତ ଗିରଫ

**ବାରିପଦା,୧୩।୬(ସମିସ):** ବାରିପଦା ସହରରେ ଡକାୟତି ଯୋଜନା କରୁଥିବା ୬ ଆନ୍ତଃରାଜ୍ୟ ଡକାୟତଙ୍କୁ ବାରିପଦା ଟାଉନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ଏକ ହୋଟେଲରେ ଥିବା ଖବରପାଇ ପୁଲିସ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଝାଡଗ୍ରାମ ଜିଲ୍ଲା ଗୋପୀବଲ୍ଲଭପୁର ଥାନା ଅଞ୍ଚଳର ଜୁରେନ ଦାସ ଓ ଅଭିଜିତ ଭକତ, ଉତ୍ତରପ୍ରଦେଶ ବାଘପାଟ ଜିଲ୍ଲା ସିଙ୍ଘୱାଲି ଥାନା ଦେଉଳା ଅଞ୍ଚଳର ଗୁଲଫାମ, ଶାହାରୁଖ ଖାନ, ଗାଜିଆବାଦ ଜିଲ୍ଲା ମୁରାଦାନଗର ଥାନା ଅଞ୍ଚଳର ସବିତନଗରର ଅବଦୁଲ କଲାମ ଓ ମସୁରୀ ଜାମପାଦ ଥାନା ରଫିକାବାଦ କଲୋନୀର ରସିଦ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୯ ତାରିଖରେ ଏକ ସ୍କୋର୍ପିଓ ଗାଡ଼ିରେ ଆସି ଅଭିଯୁକ୍ତମାନେ ବାରିପଦା ବସ୍‌ଷ୍ଟାଣ୍ଡର ଏକ ହୋଟେଲରେ ରହୁଥିଲେ। ସେଠାରେ ରହି ଦିନବେଳେ ସହରର ବିଭିନ୍ନ ସ୍ଥାନରେ ଘୁରି ବୁଲୁଥିଲେ। ରାତିରେ ଡକାୟତି ଯୋଜନା କରୁଥିବା ନେଇ ପୁଲିସ ଖବର ପାଇଥିଲା। ପୁଲିସର ଏକ ଟିମ ହୋଟେଲରେ ଚଢ଼ଉ କରି ସମସ୍ତଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତମାନେ ସହରର ଏଟିଏମ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ନଜର ରଖୁଥିଲେ ବୋଲି ଥାନା ଅଧିକାରୀ କରୁଣାକର ରାଉତ ପ୍ରକାଶ କରିଛନ୍ତି।

### ଆଜି ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ

# ବାରିପଦା ରକ୍ତଭଣ୍ଡାରକୁ ବିଭିନ୍ନ ମହଲରୁ ପ୍ରଶଂସା

**ବାରିପଦା, ୧୩।୬(ସମିସ)**




ଜନସଂଖ୍ୟା ବୃଦ୍ଧି ତୁଳନାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ମଧ୍ୟ ବଢ଼ିବାରେ ଲାଗିଛି। ତେବେ ଆବଶ୍ୟକ ତୁଳନାରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସଂଖ୍ୟା ହ୍ରାସ ବର୍ତ୍ତମାନ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ହସ୍ପିଟାଲ ପରିସରରେ ଥିବା ବାରିପଦା ରକ୍ତଭଣ୍ଡାର ବର୍ତ୍ତମାନ ରକ୍ତ ସଙ୍କଟ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ପ୍ରଶଂସା ଭାଜନ ହୋଇଛି।

ଜୁନ ୧୪ ତାରିଖକୁ ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ଭାବେ ପାଳନ କରାଯାଉଥିବାବେଳେ ବାରିପଦାସ୍ଥ ଓଡିଶା ରକ୍ତଭଣ୍ଡାର କେନ୍ଦ୍ର ସମଗ୍ର ରାଜ୍ୟରେ କଟକ ବଡ଼ ଡାକ୍ତରଖାନା ରକ୍ତଭଣ୍ଡାର ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୫-୨୬ ବର୍ଷରେ ଏହି ରକ୍ତଭଣ୍ଡାର ୧୪୦ଟି ରକ୍ତଦାନ ଶିବିର ଜରିଆରେ ୬୫୧୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ଓ ରକ୍ତଭଣ୍ଡାରରେ ୮୩୯ ୟୁନିଟକୁ ମିଶାଇ୧୫୩୫୦ ୟୁନିଟ ରକ୍ତ ସଂଗ୍ରହ କରି ରାଜ୍ୟର ପ୍ରମୁଖ ସହଯୋଗୀ କେନ୍ଦ୍ର ଭାବେ ପରିଗଣିତ ହୋଇଛି। ଏଠାରେ କେବଳ ରକ୍ତ ସଂଗ୍ରହ ନୁହେଁ, ବରଂ ରକ୍ତ ପୃଥକୀକରଣ ପରୀକ୍ଷା ଦ୍ୱାରା ପ୍ଲାଜମା, ପ୍ଲେଟଲେଟ୍, ଆରବିସି, କ୍ରାୟ ପେସିପିଟେଡ ଓ କ୍ରାୟ ପ୍ରେସିପିକେଟ ଓ କ୍ରାୟ ପୋର ପ୍ଲାଜମ ଜରୁରିକାଳୀନ ରୋଗୀଙ୍କୁ ପ୍ରଦାନ କରାଯାଇ ଜୀବନରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଛି। ଏହି ରକ୍ତଭଣ୍ଡାରର ଉଚ୍ଚ ଗୁଣବତ୍ତା ଓ ନିୟନ୍ତ୍ରିତ ବ୍ୟବସ୍ଥା ପ୍ରଦର୍ଶନ ପାଇଁ ଚଳିତ ଥର ଜାତୀୟ ପୁରସ୍କାର ନିମନ୍ତେ ମନୋନୀତ ହେବା ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବର ବିଷୟ। ଏଥିପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ବାରିପଦା ରକ୍ତଭଣ୍ଡାର ପକ୍ଷରୁ ରକ୍ତ ଅଭାବ ଦୂର କରିବାକୁ ବିଭିନ୍ନ ସଂଗଠନ ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ସଂଗ୍ରହ କରାଯାଉଛି। ବିଭିନ୍ନ ସଙ୍ଗଠନକୁ ଛାଡ଼ିଦେଲେ ଅନେକ ସ୍ୱେଚ୍ଛାକୃତ ରକ୍ତଦାତା ନିୟମିତ ବ୍ୟବଧାନରେ ରକ୍ତଦାନ କରୁଛନ୍ତି।

**ରୋଗୀଙ୍କ ଜୀବନ ରକ୍ଷାରେ ୬ ବର୍ଷରେ ୧.୧୬ ଲକ୍ଷ ୟୁନିଟ୍ ରକ୍ତ ପ୍ରଦାନ**

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୦ରେ ୧୧୯ଟି ରକ୍ତଦାନ ଶିବିରରୁ ୪୪୭୯ ଓ ରକ୍ତଭଣ୍ଡାରରୁ ୩୬୯୪ ୟୁନିଟ ସଂଗୃହୀତ ରକ୍ତକୁ ମିଶାଇ ମୋଟ ୭୯୯୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୭୬୫୩ ୟୁନିଟ ରକ୍ତ ରୋଗୀଙ୍କ କାର୍ଯ୍ୟରେ ଆସିଛି। ସେହିପରି ୨୦୨୧ରେ ୯୭ଟି ରକ୍ତଦାନ ଶିବିରରୁ ୩୯୯୪ ଓ ରକ୍ତଭଣ୍ଡାରରୁ ୪୦୧୧ ୟୁନିଟ ସଂଗୃହୀତ ରକ୍ତକୁ ମିଶାଇ ମୋଟ ୮୦୦୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୭୭୧୭ ୟୁନିଟ ରକ୍ତ ରୋଗୀଙ୍କ କାର୍ଯ୍ୟରେ ଆସିଛି। ୨୦୨୨ରେ ୯୦ଟି ରକ୍ତଦାନ ଶିବିରରେ ୪୪୬୮ ଓ ରକ୍ତଭଣ୍ଡାରରେ ୬୧୦୯ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୦,୫୭୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ୧୦,୩୭୮ ୟୁନିଟ ରକ୍ତ ରୋଗୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ୨୦୨୩ରେ ୧୦୮ଟି ରକ୍ତଦାନ ଶିବିରରେ ୬୨୯୦ ଓ ରକ୍ତଭଣ୍ଡାରରେ ୬୧୪୯କୁ ମିଶାଇ ମୋଟ ୧୨,୪୩୯ ୟୁନିଟ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ୧୧୯୨୪ ୟୁନିଟ ରକ୍ତ ରୋଗୀଙ୍କ କାର୍ଯ୍ୟରେ ଆସିଛି। ୨୦୨୪ରେ ୯୨ଟି ରକ୍ତଦାନ ଶିବିରରୁ ୪୨୬୬ ଓ ରକ୍ତଭଣ୍ଡାରରେ ସଂଗୃହୀତ ୯୬୦୭ ୟୁନିଟ ରକ୍ତକୁ ମିଶାଇ ୧୩ ହଜାର ୮୭୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୨୬୧ଟି ସଂକ୍ରମିତ ରକ୍ତ ରହିଥିବାବେଳେ ୧୩, ୫୦୮ ୟୁନିଟ ରୋଗୀଙ୍କୁ ପ୍ରଦାନ କରାଯାଇଛି। ଦେଖିବାକୁ ଗଲେ ଏହି ୬ ବର୍ଷରେ ବାରିପଦା ରକ୍ତଭଣ୍ଡାର ୧ ଲକ୍ଷ ୧୬ ହଜାର ୨୬୮ ୟୁନିଟ ରକ୍ତ ରୋଗୀଙ୍କୁ ଯୋଗାଇ ଜୀବନ ରକ୍ଷାରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଛି। ରକ୍ତଭଣ୍ଡାରର ଭାରପ୍ରାପ୍ତ ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକଙ୍କ କହିବାନୁଯାୟୀ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ରକ୍ତଦାନ ସମ୍ବନ୍ଧୀୟ ସଚେତନତା ସୃଷ୍ଟି ସହିତ ବ୍ୟାପକ ରକ୍ତଦାନ ଶିବିର ଆୟୋଜନକୁ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନର ଆବଶ୍ୟକତା ପୂରଣରେ ଏହି ରକ୍ତଭଣ୍ଡାର ତା'ର ପୂର୍ବ ପ୍ରତିଛବି ଅକ୍ଷୁର୍ଣ୍ଣ ରଖିପାରିବ। ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସେ ରକ୍ତଭଣ୍ଡାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଛାମୁଣ୍ଡା-ସିରିଆବାହାଲ ରାସ୍ତାର ପଡ଼ିଲା ଭିତ୍ତିପ୍ରସ୍ତର

ତେଲକୋଇ, ୧୩।୬(ସମିସ):

ତେଲକୋଇ ବ୍ଲକ ଛାମୁଣ୍ଡା ଗ୍ରାମ ପୂର୍ତ୍ତ ବିଭାଗ ରାସ୍ତାଠାରୁ ସିରିଆ ବାହାଳ ଦେଇ ସରୁଆଳିକୁ ସଂଯୋଗ ରାସ୍ତାକୁ ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଦୀର୍ଘ ୫.୮୦ କିମି ରାସ୍ତା ନିର୍ମାଣ ପାଇଁ ମୁଖ୍ୟ ମନ୍ତ୍ରୀ ସଡ଼କ ଯୋଜନାରେ ୭ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକିର ମୋହନ ନାଏକ, ଛଇଳ ବାଳା ନାୟକ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅମିତ୍ ପ୍ରଶ୍ନ କିରୋ, ଅଧୀକ୍ଷଣ ଯନ୍ତ୍ରୀ କପିଳେଶ୍ୱର ସିଂହ,



ସୋଉପ୍ରକାସ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ମଲ୍ଲ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ସାଂସଦ ପ୍ରତିନିଧି ହରିହର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ରାଧେଶ୍ୟାମ ମାଝୀ, ସ୍ଥାନୀୟ ସରପଞ୍ଚ ସୁଷୋମା ନାୟକ ଯୋଗ ଦେଇଥିଲେ। ଏକ ସଭାରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକାଭିମୁଖୀ ଯୋଜନାକୁ ମନ୍ତ୍ରୀ ଓ ବିଧାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଉପାନ୍ତ ଅଞ୍ଚଳରେ ରାସ୍ତା କାର୍ଯ୍ୟ ଓ ପୋଲ ନିର୍ମାଣ ବ୍ୟାପକ ଅର୍ଥ ବ୍ୟୟ ବରାଦ କରାଯାଇ ଆଗାମୀ ଦିନରେ ୧୫ଟି ପ୍ରକଳ୍ପ ଯଥା କୁଇଲିସୂତାଠାରୁ କରଦାଙ୍ଗି, ସିରିଗିଡାଠାରୁ ନମକାନି, ୪୯ନମ୍ବର ଜାତୀୟ ରାଜପଥଠାରୁ କଳାପୋଖରୀ, ଆରଡି ରୋଡଠାରୁ ବାଦବିଲ, ଆରଡି ରୋଡଠାରୁ ନୂଆଗାଁ ମାର୍ଦ୍ଦା, ଗୋଡ଼ିନରଦାଠାରୁ ଖର୍ବା, ରାଇସୁଆଁଠାରୁ ମାର୍ଦ୍ଦା ସହ ପୋଲ ନିର୍ମାଣ, ଘୋରୁଡ଼ିଆ ନାଳଠାରେ ପୋଲ ନିର୍ମାଣ, ତେଲକୋଇ ନୂଆଗଡ ସମାକୋଇଠାରେ ପୋଲ ନିର୍ମାଣ, ଆରଡି ରୋଡଠାରୁ ଜୟପୁର ଆକୁଳ ରାସ୍ତା, ୪୯ ନମ୍ବର ଜାତୀୟ ରାଜପଥଠାରୁ ପଟାଟାଙ୍ଗର, ତେଲକୋଇ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଘୁଣ୍ଟପଶୀ, ଆରଡି ରୋଡଠାରୁ ଜଟ ମୁଣ୍ଡା ସାହି ଆଦି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଏହି କାର୍ଯ୍ୟକ୍ରମକୁ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ ପରିଚାଳନା କରିଥଲେ।

# ଜୋର୍‌ସୋରରେ ଚାଲିଛି ଚମ୍ପୁଆ ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତୀକରଣ

ଚମ୍ପୁଆ, ୧୩।୬(ସମିସ): ଚମ୍ପୁଆ ସହରର ଐତିହ୍ୟବାହୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଏକ ଆଧୁନିକ ଓ ଆକର୍ଷଣୀୟ ରୂପ ଦେବା ପାଇଁ ଦେବୋତ୍ତର ବିଭାଗ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ଉନ୍ନୟନ କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ, ଭକ୍ତମାନଙ୍କ ସୁବିଧା ଏବଂ ଧାର୍ମିକ ପରିବେଶକୁ ଅଧିକ ସମୃଦ୍ଧ କରିବା ପାଇଁ ଏକାଧିକ ପ୍ରକଳ୍ପ ହାତକୁ ନିଆଯାଇଛି। ମନ୍ଦିର ଚତୁର୍ପାର୍ଶ୍ୱରେ ମାଟି ସମତଳ, ପେଭର ବ୍ଲକ ବିଛାଇବା, ରଙ୍ଗକାମ ଓ ସୌନ୍ଦର୍ଯ୍ୟବର୍ଦ୍ଧନ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଭବିଷ୍ୟତରେ ୪ଟି ଭବ୍ୟ ପ୍ରବେଶ ଦ୍ୱାର ନିର୍ମାଣ କରାଯିବ। ସେହିପରି ମନ୍ଦିରର ପୂଜକମାନଙ୍କ ପାଇଁ ସ୍ୱତନ୍ତ୍ର ଆବାସ ଗୃହ ଏବଂ ଭକ୍ତମାନଙ୍କ ସୁବିଧା ନିମନ୍ତେ ପୂଜା ସାମଗ୍ରୀ ଦୋକାନ ସ୍ଥାପନ କରିବାର ଯୋଜନା ରହିଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ସୂଚନା ଦେଇଛନ୍ତି ଯେ ଶ୍ରୀଜଗନ୍ନାଥ



ମନ୍ଦିରକୁ ଜିଲ୍ଲାର ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ପର୍ଯ୍ୟାୟକ୍ରମେ ଆହୁରି ଅନେକ ପଦକ୍ଷେପ ଗ୍ରହଣ କରାଯିବ। ଏହାସହିତ ଚମ୍ପୁଆ ବ୍ଲକର ବଡ଼ନଇ ପଞ୍ଚାୟତ ଅନ୍ତର୍ଗତ ପଳସା ଗ୍ରାମକୁ ପ୍ରଭୁ ଜଗନ୍ନାଥଙ୍କ 'ମାମୁଁ ଘର' ଭାବେ ଗଢ଼ି ତୋଳିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ପଳସା ଅଞ୍ଚଳରେ ପ୍ରାୟ ୫ ଏକର ଜମିରେ ଆମ୍ବ ବଗିଚା ସୃଷ୍ଟି କରାଯାଇଥିବା ବେଳେ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଏକ ସୁନ୍ଦର ପରିବେଶ ଗଢ଼ି ତୋଳିବାର ଲକ୍ଷ୍ୟ ରଖାଯାଇଛି।

ସେହିପରି ପଳସାରେ କୀର୍ତ୍ତନ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନୀୟ ପୋଖରୀରେ ମାଛ ଚାଷ କରାଯାଇଛି। ଏହା ଦ୍ୱାରା ଧାର୍ମିକ କାର୍ଯ୍ୟକଳାପ ସହ ଗ୍ରାମର ଆର୍ଥିକ ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଉନ୍ନତି ଆସିବ ବୋଲି ଆଶା କରାଯାଉଛି।

## ୪ଟି ଭବ୍ୟ ଦ୍ୱାର ସହ ହେବ ଅନେକ ନୂଆ ବ୍ୟବସ୍ଥା

ଚମ୍ପୁଆ ଓ ପଳସାରେ ଚାଲିଥିବା ଏହି ଉନ୍ନୟନ ପ୍ରକଳ୍ପକୁ ନେଇ ସ୍ଥାନୀୟ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଚମ୍ପୁଆ ଶ୍ରୀଜଗନ୍ନାଥ ମନ୍ଦିର ଓ ପଳସା ଗ୍ରାମ ଧାର୍ମିକ, ସାଂସ୍କୃତିକ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

# ମତ୍ସ୍ୟ ବିଭାଗର ବ୍ଲକ୍‌ସ୍ତରୀୟ ସଚେତନତା କର୍ମଶାଳା



ତେଲକୋଇ, ୧୩।୬(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର କୃଷି ଓ ପରାମର୍ଶ କେନ୍ଦ୍ର ତରହ ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକଦିବସୀୟ ଉନ୍ନତ ମତ୍ସ୍ୟ ଚାଷ ତାଲିମ ଶିବିର ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ ଏବଂ ସମ୍ମାନିତ ଅତିଥି ଭାବେ କେନ୍ଦୁଝରର ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ତଥା ଉପନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଉମେଶଚନ୍ଦ୍ର ଧାରୁଆ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ବିଶ୍ୱ ଭୋଷଣ ଘୋଷ, ସହକାରୀ ମତ୍ସ୍ୟ ଅଧିକାରୀ ସଦର ବିରେନ୍ ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ବାଂଶପାଳ ମନୋଜ କୁମାର ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ତେଲକୋଇ ବାଲ୍ମିକୀ ପାତ୍ର, ଏସଏଫଟିଏ ରଶ୍ମି ରଞ୍ଜିତା ପଣ୍ଡା ପ୍ରମୁଖ ଚାଷୀଙ୍କ ମାର୍ଗଦର୍ଶନ କରିଥିଲେ। ବ୍ଲକର ଶତାଧିକ ମତ୍ସ୍ୟ ଚାଷୀ ତାଲିମରେ ଅଂଶଗ୍ରହଣ କରିଥିଲେ।

# ଏସ୍‌ଆର୍‌ଏମ୍ ସେବାଶ୍ରମରେ ସ୍ନେହାଶ୍ରୀଙ୍କ ଜନ୍ମଦିନ ପାଳନ




ଆନନ୍ଦପୁର, ୧୩।୬ (ସମିସ): ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତ ତାଳଗାଁରେ ଥିବା ଏସଆରଏମ ସେବାଶ୍ରମରେ ନୂଆଗାଁର ସତ୍ୟବ୍ରତ ତ୍ରିପାଠୀ ତାଙ୍କ ଝିଅ ସ୍ନେହାଶ୍ରୀଙ୍କ ତୃତୀୟ ବର୍ଷ ଜନ୍ମଦିନ ସେବାଶ୍ରମର ଛାତ୍ରଛାତ୍ରୀଙ୍କ ଗହଣରେ ପାଳନ କରାଯାଇଛି। ଏହି ଅବସରରେ ସେବାଶ୍ରମ ଆନନ୍ଦର ମାହୋଲ ଦେଖାଯାଇଥିଲା। ଛାତ୍ରଛାତ୍ରୀଙ୍କ ନିଃସ୍ୱାର୍ଥପର ଭଲ ପାଇବା ପାଇ ସ୍ନେହାଶ୍ରୀଙ୍କ ପରିବାର ଲୋକେ ଏହି ସେବା ଆଶ୍ରମ ଆସିବା ପରେ ମନ୍ଦିର ପରି ଆନନ୍ଦ ଲାଗୁଛି ବୋଲି ମତ ଦେଇଛନ୍ତି। ଲୋକେ ଆଧୁନିକ ଢାଞ୍ଚାକୁ ଛାଡ଼ି ସେବା।ଶ୍ରମ ଆସି ଜନ୍ମଦିନ ପାଳନ କରନ୍ତୁ ପ୍ରକୃତ ଭଲ ପାଇବା କଣ ଜାଣି ପାରିବେ ବୋଲି ସ୍ନେହାଶ୍ରୀଙ୍କ ବାପା ଶ୍ରୀ ତ୍ରିପାଠୀ କହିଥିଲେ। ଅଙ୍କିତା ତ୍ରିପାଠୀ, ବାପା ଗିରିଶଚନ୍ଦ୍ର ତ୍ରିପାଠୀ, ମା' ଉମାମଣି ତ୍ରିପାଠୀ, ଅଜୟ କୁମାର ଓଝା, ଧନଞ୍ଜୟ ଦିବେଦୀ, ବିଶ୍ୱରଞ୍ଜନ ତ୍ରିପାଠୀ, ଅର୍ପିତ ମିଶ୍ର, ପଞ୍ଚାନନ ମିଶ୍ର, ଶୁଭଶ୍ରୀ ମିଶ୍ର, ବସନ୍ତ କୁମାର ଦାସ ଅବିନାଶ ଓଝା ଛାତ୍ରଛାତ୍ରୀଙ୍କୁ ଖୁସି ବାଣ୍ଟିଥିବାରୁ ଆଶ୍ରମର ପରିଚାଳିକା ନମିତା ବଳ ଧନ୍ୟବାଦ ଜଣାଇଛନ୍ତି।

● ଆଦର୍ଶ ରଜ ଉତ୍ସବ

# ନଗର ପରିକ୍ରମା କରିବେ ରାଧାକୃଷ୍ଣ




ଆନନ୍ଦପୁର, ୧୩।୬ (ସମିସ): ଘଷିପୁରାରେ ଆଦର୍ଶ ରଜ ଉତ୍ସବ ୪ ଦିନ ବ୍ୟାପୀ ହେବାକୁ ଥିବା ବେଳେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ସକାଳେ ଝାଡେଶ୍ୱର ମନ୍ଦିରରୁ ରାଧାକୃଷ୍ଣ ଶୋଭାଯାତ୍ରା ନଗର ପରିକ୍ରମା କରିବ। ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେତାଳେ ସୁସଜ୍ଜିତ ରଥରେ ବସି କୁନି କୁନି ରାଧାକୃଷ୍ଣ ଗାଁ ବୁଲିବେ ବୋଲି ସଂଘ ସଭାପତି ଯଜ୍ଞପ୍ରସାଦ ସାହୁ କହିଛନ୍ତି। ସେହିପରି ପୂର୍ବାହ୍ନ ୧୦ଟାରେ ଦୋଳି ପୂଜା କରାଯାଇ ଏହାର ଶୁଭାରମ୍ଭ ହେବ। ଚଳିତ ବର୍ଷ ଆଦର୍ଶ ରଜକୁ ଆସୁଥିବା ଦର୍ଶକଙ୍କୁ ମିଆଯାକି ଆମ୍ବର ସ୍ୱାଦ ପ୍ରଦାନ କରାଯିବ। ଏହି ଆମ୍ବର କିଲୋ ପ୍ରତି ବଜାର ଦର ଦେଢ଼ ଲକ୍ଷରୁ ଅଧିକ ଟଙ୍କା ରହିଛି। ସନ୍ଧ୍ୟାରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ପିଠା, ଶଙ୍ଖନାଦ, ହୁଳହୁଳି, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହେବ। ସେହିପରି ସନ୍ଧ୍ୟା ୫ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ସମ୍ପର୍କରେ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ସମସ୍ତ ଦର୍ଶକଙ୍କୁ ମାଗଣାରେ ପିଠା, ମିଠା ଓ ପାନ ଦେଇ ସ୍ୱାଗତ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତି ହୋଇଛି। ରଜକୁ ଦୃଷ୍ଟିରେ ରଖି ଭଳିକି ଭଳି ଦୋଳି ମଧ୍ୟ ବ୍ୟବସ୍ଥା କରାଯାଇଛି।

# ରାତି ପାହିଲେ ବରିଗାଁରେ 'ରଜ ମଉଜ': ମଞ୍ଚ ଓ ପଡ଼ିଆ ପ୍ରସ୍ତୁତ

ଆନନ୍ଦପୁର, ୧୩।୬(ସମିସ): ପବିତ୍ର ରଜ ପର୍ବ ଅବସରରେ ବରିଗାଁର 'ରଜ ମଉଜ ଯୁବକ ସଂଘ' ପକ୍ଷରୁ ଆୟୋଜିତ ରଜ ଉତ୍ସବ ପାଇଁ ଗ୍ରାମର ସମସ୍ତ ବର୍ଗର ଲୋକଙ୍କୁ ଏକାଠି କରି ସାମାଜିକ ସମ୍ପ୍ରୀତି ଓ ଭାଇଚାରାର ବାର୍ତ୍ତା ପହଞ୍ଚାଇବା ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଉତ୍ସବର ପ୍ରଥମ ଦିନ ପୂର୍ବାହ୍ନ ୧୦ଟାରେ ଦୋଳିର





ଶୁଭ ଉଦଘାଟନ କରାଯିବ। ରଜର ତିନିଦିନ ଧରି ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଓ ମନୋରଞ୍ଜନଧର୍ମୀ ପ୍ରତିଯୋଗିତା ଆୟୋଜନ କରାଯିବ। ମହିଳାମାନଙ୍କ ପାଇଁ ପିଠା ପ୍ରତିଯୋଗିତା ଏବଂ ପୁରୁଷମାନଙ୍କ ପାଇଁ ତାସ ପ୍ରତିଯୋଗିତାର ବ୍ୟବସ୍ଥା କରାଯାଇଛି। ଏହା ସହ ଗ୍ରାମର ପାରମ୍ପରିକ ଖେଳକୁଦ, ପାଲା-ଦାସକାଠିଆ ଓ ଖାଦ୍ୟମେଳା ଉତ୍ସବର ମୁଖ୍ୟ ଆକର୍ଷଣ ସାଜିବ। ଉତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃତ୍ୱ, ମନ୍ତ୍ରୀ, ସାମ୍ବାଦିକ ଓ ବିଶିଷ୍ଟ ଅତିଥିମାନେ ଯୋଗଦେବେ ବୋଲି ସଙ୍ଘ ସଭାପତି ସୂଚନା ଦେଇଛନ୍ତି। ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ।

ସଂଘର ସଭାପତି ବିକ୍ରମ ଜେନା, ଆଶୁତୋଷ ସେଠୀ, ଉପଦେଷ୍ଟା ମହାଦେବ ସାହୁ, ଉପଦେଷ୍ଟା ସିପୁନ ନାହାକ ଓ କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଉତ୍ସବର ସମସ୍ତ ପ୍ରସ୍ତୁତି ସୁଚାରୁରୂପେ ସମ୍ପନ୍ନ ହୋଇଛି। ଏହି ଅବସରରେ ମାନସ ବାରିକ, ରମେଶ ସାହୁ, ରାଜକିଶୋର ଜେନା, ନାରାୟଣ ସାହୁ, ସର୍ବେଶ୍ୱର ବାରିକ, ବୁବୁନ ସାହୁ, ଚିନ୍ମୟ ସାହୁ, ଈଶ୍ୱରଚନ୍ଦ୍ର ସାହୁ, ବିରେନ ସେଠୀ, ଆଦର୍ଶ ମହାନ୍ତି, ଦୀପକ ସାହୁ, ଅଶୁତୋଷ ପଣ୍ଡା, ସତ୍ୟଜିତ ସାହୁ, ତପନ ସେଠୀ, ସଞ୍ଜୟ ଜେନା, ତରୁଣ ଜେନା, ଚନ୍ଦନ ସାହୁ, ମହେଶ୍ୱର ସାହୁ ଓ ଅନ୍ୟାନ୍ୟ ଯୁବକମାନେ ସକ୍ରିୟ ଭାବେ ସହଯୋଗ କରୁଛନ୍ତି।

# ଗିରିଗାଁ ଘାଟରୁ ଦିନରାତି ବେଆଇନ ବାଲି ଲୁଟ୍; ପୁଲିସ ଜଳକା



ଆନନ୍ଦପୁର, ୧୩।୬ (ସମିସ): ସମଗ୍ର ଆନନ୍ଦପୁର ଉପଖଣ୍ଡରେ ପୁଲିସର ଅପରେସନ ବୈତରଣୀ ଜାରି ରହିଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲାର ନନ୍ଦିପଦା ଥାନା ଅନ୍ତର୍ଗତ ବୈତରଣୀ ନଦୀର ଗିରିଗାଁ ଘାଟରୁ ବେଆଇନ ଭାବେ ହାଇୱାରେ ବାଲି ଚାଲାଣ ଚାଲିଥିବା ଅଭିଯୋଗ ହୋଇଛି। ପୁଲିସର ଗତିବିଧିକୁ ଲକ୍ଷ୍ୟ ରଖିବା ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଲୋକ ରଖି ଏପରି ବାଲି ଚାଲାଣ ହେଉଛି। ବିଳମ୍ବିତ ରାତ୍ରିରେ ବିନା ଟିପିରେ ହେଉଛି ଚୋରା ବାଲି ଚାଲାଣ। କିଛି ଦିନ ତଳେ ନନ୍ଦିପଦା ପୁଲିସ ପ୍ରଶାସନ ସହ ଖଣି ବିଭାଗର ଅଧିକାରୀ ବିଳମ୍ବିତ ବିଳମ୍ବିତ ରାତିରେ ଚଢ଼ଉକରି କେତେକ ଗାଡିକୁ ଧରିଥିବା ବେଳେ ପୁଣି ଆରମ୍ଭ ହୋଇଯାଇଛି ଚୋରା କାରବାର। ହେଲେ ପୁଲିସ ପ୍ରଶାସନ ଓ ଖଣି ବିଭାଗର ନିରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଧରପଗଡ଼ ପରେ ଗିରୀଗାଁ ଘାଟରୁ ବାଲି ଚାଲାଣ ବନ୍ଦ ଥିବାବେଳେ କେଉଁ ପ୍ରଶାସନିକ ଅଧିକାରୀ ଓ ଶାସକ ଦଳର ନେତାଙ୍କ ଇଙ୍ଗିତରେ ପୁଣି ବେଧଡକ ବାଲି ଚାଲାଣ ହେଉଛି ସେନେଇ ସନ୍ଦେହ ପ୍ରକଟ ହୋଇଛି। ବୈତରଣୀ ନଦୀର ବାଲି ଘାଟରୁ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ବୈତରଣୀ ନଦୀରୁ ଚୋରାବାଲି ଚାଲାଣ କେବେ ବନ୍ଦ ହେବ, ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୋଇଛି।

# ବିଶ୍ୱର ପାଞ୍ଚ ପ୍ରତିଶତ ବୈଜ୍ଞାନିକ ସୂଚୀରେ କୁଳପତି ପ୍ରଫେସର ସଞ୍ଜୟ ପାତ୍ର

କେନ୍ଦୁଝର, ୧୩।୬(ସମିସ): ଏହି ନିକଟରେ ସାଇରାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ବିଶ୍ୱର କାର୍ଯ୍ୟରତ ଗବେଷକଙ୍କ ଗବେଷଣାର ମୂଲ୍ୟାୟନ ପୂର୍ବକ ଶ୍ରେଷ୍ଠ ବୈଜ୍ଞାନିକଙ୍କ ଏ ବର୍ଷର ସୂଚୀ ପ୍ରକାଶ କରିଛି। ଐତିହ୍ୟ ସମ୍ପନ୍ନ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଏହି ସୂଚୀରେ ବିଶ୍ୱର ଶ୍ରେଷ୍ଠ ପାଞ୍ଚ ପ୍ରତିଶତ ବୈଜ୍ଞାନିକଙ୍କ ଭିତରେ ସ୍ଥାନ ପାଇଥିବାରୁ ବିଶ୍ୱବିଦ୍ୟାଳୟ ଓ କେନ୍ଦୁଝର ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି। ଭିସୁଟରେ



ପ୍ରଫେସର ଭାବେ କାର୍ଯ୍ୟରତ ଥିବାବେଳେ ସେ ଉଚ୍ଚ ମାନର ଗବେଷଣା କାର୍ଯ୍ୟ କରି ବିଶ୍ୱର ବିଭିନ୍ନ ଶ୍ରେଷ୍ଠ ଓ ସମ୍ଭ୍ରାନ୍ତ ଜର୍ଣ୍ଣାଲରେ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପୂର୍ବକ ବୈଷୟିକ ଜ୍ଞାନର ଗନ୍ତାଘରକୁ ଋଦ୍ଧିମନ୍ତ କରିଥିଲେ। ଏହି ବିଶ୍ୱସ୍ତରୀୟ ଗବେଷଣାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଡ଼ ସଞ୍ଜୟ କୁମାର ପାତ୍ର ସାଇରାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ସୂଚୀରେ ବିଶ୍ୱର ଶ୍ରେଷ୍ଠ ପାଞ୍ଚ ପ୍ରତିଶତ ବୈଜ୍ଞାନିକ ସୂଚୀରେ ସ୍ଥାନ ପାଇଛନ୍ତି। ରାଜ୍ୟ ସରକାର ସମ୍ପ୍ରତି ଡ଼ ପାତ୍ରଙ୍କୁ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଚୟନ କରି ନିଯୁକ୍ତି ଦେବା ଯୋଗ୍ୟତାକୁ ଯଥୋଚିତ ସ୍ଥାନ ଦେବାର ନିଦର୍ଶନ ବୋଲି ଚର୍ଚ୍ଚା ହେଉଛି। ଜଣେ ଦକ୍ଷ ଗବେଷକ କୁଳପତି ହେଲେ ବିଶ୍ୱବିଦ୍ୟାଳୟର ଗବେଷଣାର ମାନ ବୃଦ୍ଧି ପାଇବା ସ୍ୱାଭାବିକ କଥା। ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ରେ ବିଶ୍ୱବିଦ୍ୟାଳୟଗୁଡିକୁ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ଭାବେ ରୂପାନ୍ତରିତ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ଆଶା ରଖିଛନ୍ତି ଡ଼ ପାତ୍ରଙ୍କ ନେତୃତ୍ୱରେ ଧରଣୀଧର ବିଶ୍ୱବିଦ୍ୟାଳୟ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ହୋଇପାରିବ ବୋଲି କେନ୍ଦୁଝରବାସୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆଶା ରଖିଛନ୍ତି।

# ଗୌରବ ବଢ଼ାଇଲେ ପ୍ରତିଜ୍ଞା

ଆନନ୍ଦପୁର, ୧୩।୬(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ 'ୟୁଥ୍ ଆଇକନ୍' ଭାବେ ଚୟନ ହୋଇ କେନ୍ଦୁଝର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଯୁବ ପ୍ରତିଭା ପ୍ରତିଜ୍ଞା ପ୍ରତିଶ୍ରୁତି ସା। ଦେଶର ବିଭିନ୍ନ ରାଜ୍ୟରୁ ଶ୍ରେଷ୍ଠ ୧୫୦ ଜଣ ଯୁବ ପ୍ରତିଭାଙ୍କ ମଧ୍ୟରୁ 'ୟୁଥ୍ ଆଇକନ୍'



ଭାବେ ତାଙ୍କୁ ମନୋନୀତ କରାଯାଇଛି। ସେ ୨୦୨୬ରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦରେ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୩ରେ ଆଇଆଇଆଇଟି ଭୁବନେଶ୍ୱରଠାରେ ଆୟୋଜିତ ସ୍ମାର୍ଟ ଓଡ଼ିଶା ହ୍ୟାକାଥନ୍‌ରେ ମଧ୍ୟ ସେ କେନ୍ଦୁଝର ଜିଲ୍ଲାର ପ୍ରତିନିଧିତ୍ୱ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଭାବେ ସେ ସାହିତ୍ୟ କ୍ଷେତ୍ରରେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିଛନ୍ତି। ବାଲେଶ୍ୱର ଜିଲ୍ଲାକୁ ପ୍ରତିନିଧିତ୍ୱ କରି ସେ ରାଜ୍ୟସ୍ତରୀୟ କବିତା ଲେଖନ ପ୍ରତିଯୋଗିତାରେ ଦୁଇଥର ଅଂଶଗ୍ରହଣ କରିଥିଲେ। ୨୦୨୪ରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଏବଂ ୨୦୨୫ରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତାଙ୍କର ଏହି ସଫଳତା କେନ୍ଦୁଝର ଓ ଓଡ଼ିଶା ପାଇଁ ଗର୍ବର ବିଷୟ। ସେ ଆନନ୍ଦପୁର ପୌରାଞ୍ଚଳ ଶୈଳଙ୍ଗ ଗ୍ରାମର ପ୍ରମୋଦ କୁମାର ସା ଓ ମାତା ପ୍ରୀତିଧାରା ରାଉତଙ୍କ କନ୍ୟା ଅଟନ୍ତି।

# ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ

କେନ୍ଦୁଝର,୧୩।୬(ସମିସ): ରାଜ୍ୟର ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ




କରିବା ଦିଗରେ ଓଡ଼ିଶା ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟକ୍ରମ ପରିସରସ୍ଥ ଦରବାର ହଲ୍‌ଠାରେ ଏକ ଭବ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ ଏବଂ ଡିଜିଟାଲାଇଜ୍ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ଅଙ୍ଗନବାଡ଼ି କର୍ମୀମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସ୍ମାର୍ଟଫୋନ୍ ବଣ୍ଟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ସଦର ବ୍ଲକ୍ ପ୍ରକଳ୍ପ ଅଧୀନରେ ଥିବା ବିଭିନ୍ନ ଅଙ୍ଗନବାଡ଼ି କର୍ମୀଙ୍କୁ ମନ୍ତ୍ରୀ ଓ ଅତିଥିମାନଙ୍କ ଦ୍ୱାରା ସ୍ମାର୍ଟଫୋନ୍ ହସ୍ତାନ୍ତର କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ,ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି : ବଖାଣିଲେ ବିକାଶ ଧାରା

କେନ୍ଦୁଝର, ୧୩।୬(ସମିସ):

ରାଜ୍ୟରେ ବିଜେପି ସରକାର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଆଜି କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟଖସଡ଼ାର ଚିତ୍ର ଉନ୍ମୁକ୍ତ କରାଯାଇଛି। ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ ପ୍ରଗତିଶୀଳ ଯୋଜନାର ସଫଳ ରୂପାୟନ ହୋଇପାରିଛି। ସରକାର ସମାଜର ପ୍ରତିଟି ବର୍ଗଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି। ସରକାରୀ ସ୍ତରରେ ମା' ମାନଙ୍କୁ ସର୍ବାଧିକ ପ୍ରାଧାନ୍ୟ ଓ ସମ୍ମାନ ଦିଆଯାଉଛି। ଜିଲ୍ଲା ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଉନ୍ନତି ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ପ୍ରସିଦ୍ଧ ଶକ୍ତିପୀଠ ଘଟଗାଁକୁ ଯେପରି ଅଧିକରୁ




ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିପାରିବେ, ସେଥିପାଇଁ ବିଶେଷ ଭାବେ ମା' ତାରିଣୀ ପ୍ରକଳ୍ପ' କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ପୀଠର ସୌନ୍ଦର୍ଯ୍ୟକରଣ ଏବଂ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ବଡବିଲ ସହରର ଦୀର୍ଘଦିନର ଟ୍ରାଫିକ୍ ଓ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଗତ ୧୩ ଅପ୍ରେଲ ୨୦୨୬ ଦିନ ୧,୫୮୧ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ୧୮.୩୨୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ବାଇପାସ୍ ରିଂ-ରୋଡର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ଅନ୍ତର୍ଗତ ଭଦ୍ରା ସାହିରୁ ସେରେଣ୍ଡା (୩.୭ କିମି), ସେରେଣ୍ଡାରୁ ବଲାଣି (୬.୩ କିମି) ଏବଂ ସେରେଣ୍ଡାରୁ ନଲ୍‌ଦା (୮.୩ କିମି) ରାସ୍ତା ନିର୍ମାଣ ହେବ। ଏହାଦ୍ୱାରା ଯାତାୟାତ ସମୟ ଅଧା ହେବା ସହ ପ୍ରଦୂଷଣ ଓ ଦୁର୍ଘଟଣା ହ୍ରାସ ପାଇବ ଏବଂ ଅଞ୍ଚଳରେ ଆର୍ଥିକ ସ୍ଥିତି ବୃଦ୍ଧି ପାଇବ।

ଓସିଏସି ମାଧ୍ୟମରେ ୧୮୭ କୋଟି ଟଙ୍କା ବ୍ୟୟରେ ଏହି ଡାଟା ସେଣ୍ଟର ନିର୍ମିତ ହେବ। ଏହା ଭୁବନେଶ୍ୱର ରାଜ୍ୟ ଡାଟା ସେଣ୍ଟରର ବ୍ୟାକଅପ୍ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ସରକାରଙ୍କ ୪୦୦ରୁ ଅଧିକ ଅନଲାଇନ୍ ସେବା ଏବଂ ନାଗରିକଙ୍କ ତଥ୍ୟ ସୁରକ୍ଷିତ ଓ ନିରବଚ୍ଛିନ୍ନ ରହିବ। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସହଯୋଗ କରିଥିଲେ।



# ବ୍ୟାଗ



ଅରବିନ୍ଦ ଦାସ

"ଗୋଟେ କନା ବ୍ୟାଗ କି କି ଉପାଦାନରେ ତିଆରି ହୋଇଥାଏ ବାପା?" ପ୍ରଶ୍ନ ରିଙ୍କି ପଚାରିଥିଲା ।

ତରୁଣ କିଛି କହିବା ଆଗରୁ ପ୍ରୀତି କହିଲା, "ଏତିକି ସାଧାରଣ ଜ୍ଞାନ ତୋର ନାହିଁ? କନାରୁ ତିଆରି ହୁଏ ପରା । ଏ କଥା କିଏ ପଚାରିଲା ?"

"ମମି ଟିଚର୍ ପ୍ରୋଜେକ୍ଟ୍ ୱାର୍କ ଦେଇଛନ୍ତି ଗୋଟେ ବ୍ୟାଗ ପାଇଁ । ଆସନ୍ତାକାଲି ସକାଳେ ଆମକୁ ସବ୍‌ମିଟ୍ କରିବାକୁ ପଡ଼ିବ ।"

ଝିଅ ରିଙ୍କି କଥା ଶୁଣି ବିରକ୍ତ ହୋଇ ପ୍ରୀତି କହିଲା, "ରାତି ଅଧରେ ତୋର ମନେ ପଡୁଛି? ଖରାବେଳୁ ପରା ସ୍କୁଲରୁ ଆସିଲୁଣି । ମାଡ଼ ଖାଇବା ଦରକାର ତୋତେ । ଆଚ୍ଛା, ରହ ରହ, ଘରେ ଥିବା ପୁରୁଣା ପଲିଥିନ୍ ବ୍ୟାଗ ନେଇଯା?"

-"ମମି, ପଲିଥିନ୍ ପରା ବ୍ୟାନ୍ । କାଲି ଆମକୁ ନିଜେ ଗୋଟେ ହାତ ତିଆରି କନା ବ୍ୟାଗ ନେଇକି ଯିବାକୁ ପଡ଼ିବ । ଘରେ ଥିବା ପୁରୁଣା କନା ବ୍ୟବହାର କରିବାକୁ ମିସ୍ କହିଛନ୍ତି ।"

ଭଲ କରି ସ୍କୁଲ ଖାତାଟା ଦେଖିଲା ପ୍ରୀତି । ପୁରୁଣା କନା ତ ସବୁ ଘରପୋଛା ଓ ଡଷ୍ଟିଙ୍ଗ ପାଇଁ ବ୍ୟବହାର କରିଛି । ବ୍ୟାଗ ପାଇଁ କନା କେଉଁଠୁ ଆଣିବ ?

-"ମମି ତମେ ଜଲଦି ବନାଇ ଦିଅ ।"

ଚିନ୍ତାରେ ପଡ଼ିଲା ପ୍ରୀତି । ହୁଏତ ବ୍ଲାଉଜ ପିସ୍ କନା ହୁଏତ କେଉଁଠି ଥାଇପାରେ । ହେଲେ ଘରେ ତ ସିଲେଇ ମେସିନ୍ ନାହିଁ କି ତାଙ୍କୁ ହାତ ସିଲେଇ ଆସେନା । ଟେଲର୍ ଦୋକାନ ବି ଏଇନା ବନ୍ଦ ହୋଇଯିବଣି ।

ତରୁଣ ଆଡ଼କୁ ଅନାଇ ପ୍ରୀତି କହିଲା,- "ଏଇ ସ୍କୁଲ ଦିଦି ସାର୍‌ଙ୍କୁ ଆଉ ପାରିହେବନି । ପଲିଥିନ ବ୍ୟାଗ ବ୍ୟାନ ବୋଲି, ପିଲାଙ୍କ ହାତରେ କନା ବ୍ୟାଗ ତିଆରି କରେଇ ନିଜ ଘରକୁ ନେବେ । ତମ ଝିଅର ପ୍ରୋଜେକ୍ଟ ୱାର୍କ, କାଲି ସକାଳୁ ହାତ ତିଆରି କନା ବ୍ୟାଗ ଦରକାର । ରାତି ଦଶଟାରେ କେଉଁଠୁ ଆଣିବି ହାତ ତିଆରି ବ୍ୟାଗ ? ମୁଣ୍ଡ ଖରାପ କରିଦେବ ତମେ ବାପ ଝିଅ ଦୁଇଟା । ହାଟ ବ୍ୟାଗରେ ଫେବିକଲ୍ ମାରି କନା ଲଗାଇ ଦିଅ । ମାଡ଼ ଖାଇବ ଏ ଟୋକି ମୋ' ପାଖରୁ ।"

ଗୋଡ଼ କଚାଡ଼ି ଚାଲି ଯାଉ ଯାଉ ରିଙ୍କି କହିଲା, "ଟିଚର୍ ଆମକୁ ଫେରାଇ ଦେବେ । ମୁଁ ଜେଜେମା'କୁ କହୁଛି, ସେ ମୋ' ପାଇଁ ବନାଇ ଦେବ । ତାଙ୍କୁ ତ ସିଲେଇ ଆସେ ।"

ତରୁଣଙ୍କର ମନେ ପଡ଼ିଯାଉଥିଲା ପିଲାବେଳ କଥା । ତୃତୀୟ ଶ୍ରେଣୀରେ ତାଙ୍କ ଶ୍ରେଣୀରେ ହସ୍ତକର୍ମ କ୍ଲାସ୍‌ରେ ବି ଥରେ କନା ବ୍ୟାଗ ବନାଇବାକୁ କୁହାଯାଇଥିଲା । ରାତିରେ ଜେଜେମା' ଚିଡ଼ିଯାଇ କହିଥିଲା, "ଧରମଛଡ଼ା ମାଷ୍ଟରଗୁଡ଼ାକ ପରିବା ସଉଦା କିଣିବାକୁ ବେଗ ନକିଣି ଛୁଆଙ୍କ ହାତରେ ତିଆରି କରାଉଛନ୍ତି ?"

ସମସ୍ତେ ସେଦିନ ହସିଥିଲେ ।

ବାପା କହିଥିଲେ, "ଗୋଟେ ଚାଖଣ୍ଡେ ମାପର ବେଗ କରିଦିଅ, ପାନ ରଖିବେ ହରି ମାଷ୍ଟ୍ରେ ।"

ପଡ଼ିଶାଘର ମଞ୍ଜୁ ମାଉସୀଙ୍କ ଘରେ ସିଲେଇ ମେସିନ୍ ଥିଲା ଓ ସିଲେଇ ନିପୁଣା ଥିଲେ ମାଉସୀ । ସନ୍ତୋଷ ମଉସା ପୋଲିସ ବିଭାଗରେ ଥିବାରୁ ଖାକି କନାର ଡ୍ରେସ୍ ପିନ୍ଧୁଥିଲେ । ମାଉସାଙ୍କ ପୁରୁଣା ପ୍ୟାଣ୍ଟ ଜଙ୍ଘ ପାଖରୁ କାଟି ତଳ ଭାଗକୁ ବ୍ୟାଗ କରୁଥିଲେ ମଞ୍ଜୁ ମାଉସୀ । ଉପରଭାଗ ପ୍ୟାଣ୍ଟର ଅଣ୍ଟା ଛୋଟ କରି ପିଲାଙ୍କ ସ୍କୁଲ ୟୁନିଫର୍ମ ପ୍ୟାଣ୍ଟ ହେଉଥିଲା । ସେଇ ଖାକି ବ୍ୟାଗଗୁଡ଼ାକ ବହୁତ ଦିନ ଯାଉଥିଲା । ବୋଉ, ମଞ୍ଜୁ ମାଉସୀଙ୍କଠାରୁ ସିଲେଇ ଶିଖିଥିଲା ।

ବାପା ଟେରିକଟ୍ ପ୍ୟାଣ୍ଟ ପିନ୍ଧୁଥିଲେ ଓ ବାପାଙ୍କର ଯାହା ବି ହାତଗଣତି ପ୍ୟାଣ୍ଟ ଥିଲା ବୋଉର ଯତ୍ନ ଓ ବାପାଙ୍କ ମିତବ୍ୟୟତା ଯୋଗୁଁ ତାହା ବି ଫାଟୁ ନଥିଲା । ଯଦି ବି କେଉଁଠି ଟିକେ କ'ଣ ହେଉଥିଲା, ବୋଉ ତାକୁ ରଫୁ କରିଦେଉଥିଲା । ବାପାଙ୍କର ଗୋଟେ ଖଇରିଆ ରଙ୍ଗର ଟେରିକଟ୍ ପ୍ୟାଣ୍ଟ ଉପରେ ତରୁଣଙ୍କର ଆଖି ଥିଲା ।"

-"ବୋଉ, ବାପାଙ୍କ ଏଇ ପ୍ୟାଣ୍ଟଟା କାଟି ମୋ' ପାଇଁ ହାଫ୍ ପ୍ୟାଣ୍ଟ ବନାଇଦେଉନୁ । ଆଣ୍ଠୁ ପାଖରେ ତ କେତେ ରଫୁ କଲୁଣୁ ।"

ବୋଉ ହସିଦେଇ କହେ, "ବାପା ନୂଆ ପ୍ୟାଣ୍ଟ କଲେ ଏଇଟା ତୋର ।"

"ବାପା କ'ଣ ନୂଆ ପ୍ୟାଣ୍ଟ ବନୋଉଛନ୍ତି ? ତୁ କାଟିଦେ, ବାପା ନୂଆ ପ୍ୟାଣ୍ଟ କରିବେ ।"

ସେଦିନ ରାତିରେ ବୋଉ କିନ୍ତୁ ବାପାଙ୍କ ସେଇ ପ୍ୟାଣ୍ଟଟା କାଟି ଗୋଟେ ବଡ଼ ଭଲ ମଜବୁତ କନାବ୍ୟାଗ ତିଆରି କରିଥିଲା ସ୍କୁଲର ହସ୍ତକର୍ମ ପାଇଁ । ବାପା ବହୁତ ମୁହଁ ଫୁଲାଇ ରାଗିଥିଲେ ଆଉ ଓପାସରେ ଶୋଇଥିଲେ ବୋଲି ବୋଉ କ୍ଷମା ମାଗି ପ୍ରତିଜ୍ଞା କରି କହିଥିଲା କି ଆଉ କେବେ ତାଙ୍କ ପ୍ୟାଣ୍ଟ କାଟି ବ୍ୟାଗ ତିଆରି କରିବନି । ବାପାଙ୍କର ଦୁଇଟା ନୂଆ ପ୍ୟାଣ୍ଟ ବି ତିଆରି ହୋଇଥିଲା ସପ୍ତାହକ ଭିତରେ । ଆଉ କେବେ ବାପାଙ୍କ ପ୍ୟାଣ୍ଟରେ ହାତ ଦେଇ ନଥିଲା ବୋଉ ।

ତେବେ ସେଦିନ ସବୁଠୁ ଖୁସି ଥିଲା ତରୁଣ । ବ୍ୟାଗ ଓ ଗୋଟେ ହାଫ୍ ପ୍ୟାଣ୍ଟ ମିଳିଥିଲା ତାକୁ ।

ସ୍କୁଲ ବ୍ୟାଗ, ସଉଦା ସବୁ ପାଇଁ ଚଳୁଥିଲା ସେଇ ସବୁ ଘର ତିଆରି ବ୍ୟାଗ । କେତେ ସୁନ୍ଦର ଭାବେ ପୁରୁଣା ଜିନିଷର ବ୍ୟବହାର ହେଉଥିଲା ? ଆଉ ଏବେ ? ପ୍ୟାଣ୍ଟ କାଟି ବ୍ୟାଗ ବନାଇବାକୁ କହିଲେ କିଏ ଶୁଣିବ ? ତରୁଣ ତ ସେ ବ୍ୟାଗରେ କାହାକୁ ହାତ ମାରିବାକୁ ଦେଉ ନଥିଲା ।

ଭାବନା ରାଜ୍ୟରୁ ଫେରି ଆସିଲା ତରୁଣ ବୋଉ ଓ ରିଙ୍କିର ପାଟି ଶୁଣି ।

-"ମମି କନା ବ୍ୟାଗ ମିଳିଗଲା । ଜେଜେମା' ମୋତେ ଦେଲେ ।"

ରିଙ୍କି ହାତରେ ବ୍ୟାଗଟା ଦେଖି, ତରୁଣ ପଚାରିଲା, "ଏଇ ବ୍ୟାଗ...?'

-"ଏଇଟା ପରା ମୋ କୋଥଳି ବ୍ୟାଗ । ନିର୍ମାଲ୍ୟ, ତୁଳସୀ ମାଳ ରଖେ । ରିଙ୍କି ସ୍କୁଲରେ ନେଇ ଦେଖାଇବ ବୋଲି କହୁଛି ।"

ରିଙ୍କି ହାତରୁ ବ୍ୟାଗ ନେଇ ଖୁସିରେ ବ୍ୟାଗଟାକୁ ଦେଖି ଖୁସିରେ ଉଛୁଳି ଉଠୁଥିଲା ତରୁଣ ।

-"ଏଇଟା ସେଇ ବ୍ୟାଗ, ଯେଉଁଟା ବାପାଙ୍କ ପ୍ୟାଣ୍ଟ କାଟି ତୁ ବନାଇଥିଲୁ ?"

ପ୍ରୀତି ଆଗକୁ ଆସି ବ୍ୟାଗଟା ଧରି କହିଲା, "ଦିଅ ମୋତେ, ସଫାକରି ଶୁଖାଇ ଦେଇ କାଲି ସକାଳେ ଆଇରନ୍ କରିଦେବି ।"

"ଏଇ କନା ବ୍ୟାଗ ପାଇଁ ଟୋକା କେତେ କାନ୍ଦିଥିଲା । ହସ୍ତକର୍ମ ବ୍ୟାଗକୁ ସେଇ ସ୍କୁଲ ମାଷ୍ଟର୍ ରଖିବ ବୋଲି ଯେମିତି କହିଲା, ଏ ଟୋକା ତା' ଜେଜେମା'କୁ ନେଇ ସ୍କୁଲ ଯାଇ ସେଇ ମାଷ୍ଟରଙ୍କ ଚଉଦ ପୁରୁଷ ଉଦ୍ଧାର କରାଇଥିଲା । ଡରି ମରି ବ୍ୟାଗ ଫେରାଇଦେଲା ମାଷ୍ଟର୍ ।"

ରିଙ୍କି ଓ ପ୍ରୀତି ହସୁଥିଲେ ।

ବ୍ୟାଗଟା ହାତରେ ଧରି ତରୁଣ କହିଲା, "ବ୍ୟାଗଟା କିନ୍ତୁ ଛୋଟ ଲାଗୁଛି । ଏତେ ଦିନ ହେଲା କେମିତି ସାଇତିଛୁ? ହେଲେ ମୋ ବ୍ୟାଗ ତ ମୂଷା କାଟି ଦେଇଥିଲା ।"

-"ମୂଷା କାଟିଦେଇଥିଲା ବୋଲି ତଳୁ କାଟି ହାତରେ ହେମ୍ କରିଦେଇଥିଲି ବୋଲି ଟିକେ ଛୋଟ ହୋଇ ଯାଇଥିଲା । ତୋ' ଜେଜେମା'ର କୋଥଳି ବ୍ୟାଗ ଏବେ ମୋର । ମୋ ଅନ୍ତେ ପ୍ରୀତିର । ପିଲାଙ୍କ କିଛି ଜିନିଷକୁ ସବୁ ମା' ସାଇତି ରଖନ୍ତି । ଏଇଟା କ'ଣ ଖାଲି ବ୍ୟାଗ? ତୋ' ବାପାର ପରା ଶେଷ ସନ୍ତକ ।"

ପ୍ରୀତି ହାତରୁ ବ୍ୟାଗଟା ନେଇ ତରୁଣ ବାଲକୋନିକୁ ଆସି ଆକାଶକୁ ଅନାଇଲା । ବାପା ତାରା ହୋଇ କେଉଁଠି ନିଶ୍ଚେ ଥିବେ ଓ ବ୍ୟାଗକୁ ଦୂରରୁ ଦେଖିପାରୁଥିବେ ।

ରିଙ୍କିର ପ୍ରଶ୍ନ ପୁଣିଥରେ ମନେପଡ଼ିଲା,"କନା ବ୍ୟାଗ ପାଇଁ କ'ଣ ସବୁ ଉପାଦାନ ଦରକାର ? ଖାଲି କନା, ସୂତା, ଛୁଞ୍ଚି, ହାତ ଅବା ସିଲେଇ ମେସିନରେ କ'ଣ ବ୍ୟାଗ ତିଆରି ହୋଇଯାଏ? କିଛି ବ୍ୟାଗରେ ଲୁଚି ରହିଥାଏ ଅୟୁତ ସ୍ନେହ, ମମତା ଓ ଅସରନ୍ତି ସ୍ମୃତି । ଠିକ୍ ଏଇ ବ୍ୟାଗ ଭଳି ।" ■

ବିଶାଖାପାଟଣା
ମୋ: ୯୧୭୭୭୦୫୧୦୫

# ଯିବାବେଳେ



ଶିଶିର ନାୟକ

ଯିବାକୁ ତ ହେବ
ଯିବାବେଳେ ମୋର ଗୋଲାପି ଓ ନୀଳ
ଚପଲ ଦି ହଳକୁ
ସୁକାନ୍ତିର ଝିଅକୁ ଦେଇଦେବୁ

ବୁଢ଼ୀ ହେଲାବେଳକୁ ଢେର ଟିକିଲି
କାନଫୁଲ ଓ ଚୁଡ଼ି କିଣିଥିଲି
ସେସବୁ ସୁନା ନୁହେଁ ଭାରି କିନ୍ତୁ ସୁନ୍ଦର
ତାକୁ ବି କାହାକୁ ଦେଇଦବୁ

ଢେର ବହି ସବୁ ରହିଛି
ସେସବୁକୁ କୃଷ୍ଣ ମଉସାକୁ ଦେଇଦବୁ
ମୁଣ୍ଡ ପାଖରେ ତା'ର ତକିଆ ନ ଥାଏ
ଖାଲି ବହି ପତ୍ର ପତ୍ରିକା ଜମା ହେଇ ରହିଥାଏ

ବାହାହେବା ଦିନରୁ ସୁଟ୍‌କେସରେ ପଡ଼ିଛି
ଲାଲ ସବୁଜ ଓ ହଳଦିଆ ଶାଢ଼ୀ
ସେସବୁକୁ ଦେଇଦବୁ ମହିଳା ଚା ଦୋକନୀକୁ
ଭାରି ସେ ସୁନ୍ଦର ଦେଖିବାକୁ
ଥରେ ବି ସଜେଇ ପାରେନା ନିଜକୁ

ଅନେକ କବିତା ରହିଛି
ପ୍ରକାଶ ପାଇବାଠାରୁ
ଅପ୍ରକାଶ ବେଶି
କାହାକୁ ଦେବୁନି
ଖବର କାଗଜ ସହ ଭୁଲରେ ବି ବିକିବୁନି

ଅକାରଣେ ପବନ ବନ୍ଦ କରୁଛି
ଝରକାର ଏଇ ପର୍ଦ୍ଦା ସବୁ
ତାକୁ ଦେଇଦବୁ କମଳା ମାଉସୀକୁ
କୃଷ୍ଣଚୂଡ଼ାରେ ବଦଳେଇ ଦବ ସେ ତା ଅଭାବକୁ

ମୋ ଚଷମାଟା ପାଖଘର କରୁଣା ଦିଦିକୁ
ଖୋଳ ସହ ଦେଇ ଆସିବୁ
ବିନା ଚଷମାରେ ଗୀତା ପଢୁ ପଢୁ
ଭାରି କଷ୍ଟ ହଉଛି ତାକୁ

ହସ ଓ କାନ୍ଦ ଭିତରେ କିଛି ବି ଫରକ ନ ଥାଏ
ଦୋଳ ପୁନେଇଁର ଅବିର ସାଙ୍ଗରେ
ଧାର ଧାର ଯେମିତି ରକ୍ତ ବହିଯାଉଥାଏ । ■

ମୋ: ୯ ୯୩୭୪୯୦୬୪୭



# ଚିତ୍କାର ଶାସ୍ତ୍ର



କେଦାର ମିଶ୍ର

ଏଇଟା କବିତା ନୁହେଁ, କେବଳ ଚିତ୍କାର ।

ନିଆଁ ଲାଗିବାର ଶହେ ଘଣ୍ଟା ପରେ ବି ପୋଡ଼ିଲା ନାହିଁ
ଯେଉଁ ଫଟା କପାଳ, ଏ ଚିତ୍କାର ସେ କପାଳର
ଶିକାରୀ ଗୁଳିରେ ବୋହି ବୋହି ଡେଣା ଭର୍ତ୍ତି କ୍ଷତ
ଯେଉଁ ପକ୍ଷୀ ତଥାପି ଭଲପାଇଲା ଆକାଶକୁ
ଏ ଚିତ୍କାର ସେ ପକ୍ଷୀର ।

ଏ ଚିତ୍କାର ଧାନ ଶିଝଉଥିବା ଚୁଲିର
ବୁଲଡୋଜରରେ ଭାଙ୍ଗି ଯାଉଥିବା ଘରର
ପେହେଲୁ ଖାଁ, ମହମ୍ମଦ ଅଖଲାଖ୍‌ର
ପାଉଁଶ ତଳେ ଲୁଚି ଯାଇଥିବା ନିଆଁ ଓ ନାରୀର
ଏ ଚିତ୍କାର କବିତା ହୋଇ ପାରିନଥିବା
ନିରିମାଖି ଶବ୍ଦମାନଙ୍କର ।

ଚିତ୍କାର ବିଷୟରେ କବିତା ଲେଖିବା
ଆମ ସମୟର ଏକ ପାଗଳାମି
ଆମ ସମୟ ପାଗଳମାନଙ୍କର
ଆମ ପାଗଳାମି ସୂର୍ଯ୍ୟ ଉଦୟର
ଆମର ସୂର୍ଯ୍ୟ କଳା କିଟ୍ କିଟ୍ ଅନ୍ଧାର
ଓ ଶବ୍ଦ ନଥିବା ଚିତ୍କାରର ।

ହାତରେ ରକ୍ତର ପତାକା ଧରି
ମୁଁ ବାହାରିଛି ଚିତ୍କାରର ଶୋଭାଯାତ୍ରାରେ
ମୋର ଗୀତ ଓ ଗପ, ସିନେମା ଓ ସାହିତ୍ୟ
ମୋର ପାଠ ଓ ପୁରାଣ
ମୋର ମଲା ଅକ୍ଷରର ଇତିହାସ
ମୁଁ ତମ ପାଖକୁ ଲେଖିଥିବା ଚିଠି
ଓ ତମର ମୋତେ ଭୁଲିଯିବା
ଗାଜାରେ ମରିଥିବା ଶହ ଶହ ସାନପିଲା
ଏ ସବୁ ଚିତ୍କାର, ଏବେ କେବଳ ମୋର ।

ମୁଁ କବିତା ଲେଖିବା ଛାଡ଼ି ଦେଇଛି କେବେଠୁ
କବିତାରେ ମରିଯାଇଛି ମୋର ନୀରିହ ନୀରବତା
ଏବେ ରାଜରାସ୍ତାରେ ଗଳା ଫାଡ଼ି
ଏ ମୋର ଚିତ୍କାର, ତୁମର ଚିତ୍କାର, ଆମ ସମୟର ଚିତ୍କାର ।

ଏଇଟା କବିତା ନୁହେଁ, କେବଳ ଚିତ୍କାର । ■

ମୋ: ୯୪୩୭୧୫୪୪୪୫

## ପୁସ୍ତକ ପରିଚୟ

### କୃଷ୍ଣାୟନ

ପୂର୍ଣ୍ଣଚନ୍ଦ୍ର ଦାସ





ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୯ ଟଙ୍କା

"ତୁମ ପ୍ରେମର ଉତ୍ତରଣ ପରେ/ ଆଉ ନଥିଲା ପଡ଼ିବାର ଭୟ/ ଜଳ, ସ୍ଥଳ ଆଉ ନଭରେ/ ପୂରି ରହିଥିଲା ତୁମ ସବୁଜିମା ।" (କୃଷ୍ଣାୟନ-୭) ସେ କଳାକାହ୍ନୁ । କାହା ପାଇଁ ନଟଖଟିଆ, କାହା ପାଇଁ ପ୍ରିୟସଖା, ପୁଣି କାହା ପାଇଁ ପ୍ରେମିକପ୍ରବର । ସର୍ବଦା ମନ, ହୃଦୟକୁ ଆଚ୍ଛନ୍ନ କରି ରଖୁଥିବା ଏକ ସମ୍ମୋହନ ଶକ୍ତିର ନାଁ ଶ୍ରୀକୃଷ୍ଣ । ସେଇ ମର୍ଯ୍ୟାଦାପୁରୁଷ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ରଚିତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ 'କୃଷ୍ଣାୟନ' କବିତା ପୁସ୍ତକ । ଏହି ପୁସ୍ତକର କୃଷ୍ଣ, କୃଷ୍ଣାୟନ, କୃଷ୍ଣାୟନ-୨, କୃଷ୍ଣାୟନ-୫, କୃଷ୍ଣାୟନ-୬, କୃଷ୍ଣାୟନ- ୯ ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଶ୍ରୀକୃଷ୍ଣଙ୍କ ଜୀବନ, ଚରିତ୍ର, ପ୍ରେମ, ଭକ୍ତିକୁ ଅତି ମାର୍ମିକ ଭାବେ କବି ହୃଦୟର ବିପୁଳ ଆବେଗ ଦେଇ ରଚନା କରିଛନ୍ତି । 'କୃଷ୍ଣାୟନ'ର କବିତାଗୁଡ଼ିକ ଛୋଟ ଛୋଟ, ଅଥଚ ଅତ୍ୟନ୍ତ ମର୍ମଭେଦୀ ହୋଇଛି । ପ୍ରେମ ଓ ବିଭୁଚେତନାର କଳାତ୍ମକ ପରିପ୍ରକାଶ ଏହି ପୁସ୍ତକର କବିତାଗୁଡ଼ିକରେ ଦେଖିବାକୁ ମିଳିଥାଏ । କବିତାଗୁଡ଼ିକର ନିବିଡ଼ ଭାବ, ସରଳ ଭାଷା ଓ ବୋଧଗମ୍ୟ ଭାଷା, ନିଆରା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଅନ୍ଧାରର କ୍ଷୁଧା ଓ ଅନ୍ୟାନ୍ୟ ଗଳ୍ପ

ସୁକାନ୍ତ ମହାରଣା





ବିଜୟିନୀ ପବ୍ଲକେଶନ୍ସ
ଶଙ୍କରପୁର, କଟକ-୧୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୨୦ ଟଙ୍କା

ସାଂପ୍ରତିକ ସମାଜର ନାନା ବିଧ ଘଟଣା ଅତି ଚମତ୍କାର ଭାବେ ଚିତ୍ରିତ ହୋଇଛି ସୁକାନ୍ତ ମହାରଣାଙ୍କ 'ଅନ୍ଧାରର କ୍ଷୁଧା ଓ ଅନ୍ୟାନ୍ୟ ଗଳ୍ପ'ପୁସ୍ତକର ଗପଗୁଡ଼ିକରେ । ଏହି ପୁସ୍ତକରେ ମୋଟ ୧୪ଟି ହୃଦୟସ୍ପର୍ଶୀ ଗଳ୍ପ ସଂକଳିତ ହୋଇଛି । ଜୀବନର କଠୋର ବାସ୍ତବତାକୁ ନେଇ ଗାଳ୍ପିକ ମହାରଣାଙ୍କ ଅନେକ ଗପର କାହାଣୀ ଗତିଶୀଳ ହୋଇଛି । 'ଅନ୍ଧାରର କ୍ଷୁଧା', 'ତରଳ ନିଆଁର ଜ୍ୱାଳା', 'ଛଦ୍ମବେଶୀ କୁବେର', ' ସୁଡ଼ଙ୍ଗ ଶେଷର ସୂର୍ଯ୍ୟୋଦୟ', 'ବୃକ୍ଷ ମଣିଷ', 'ପାହାଡ଼ର ନାଁ ନୀଳାଚଳ', 'ଗଡ଼ି ଗଡ଼ି ଯାଏ ରେଳଗାଡ଼ି', 'କ୍ରୁଦ୍ଧ ବସନ୍ତ', 'ବିସାରିତ ଅପତ୍ୟ', 'ହଜିଲେ ଚିରକନା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରେମ ଓ ବିବାହରେ ଜାତିପ୍ରଥା କିଭଳି ପ୍ରତିବନ୍ଧକ ସାଜିଛି ତାହା ପ୍ରତିଫଳିତ ହୋଇଛି 'ଅନ୍ଧାରର କ୍ଷୁଧା' ଗପରେ । ନୀଚ ଜାତିର ଜଣେ ପୁଅକୁ ଭଲ ପାଇ ପ୍ରାଣବଳି ଦେବାକୁ ପଡ଼ିଛି ସୀମାକୁ । ଏହି ପୁସ୍ତକ ଗପଗୁଡ଼ିକରେ ମାନବୀୟ ପ୍ରେମ, ସାମାଜିକ ବାସ୍ତବତା, ସମୟର ସ୍ୱର, ମଣିଷର ଦାୟବଦ୍ଧତା ପ୍ରତିଫଳିତ ହୋଇଛି । 'ଅନ୍ଧାରର କ୍ଷୁଧା ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ଗୋପବନ୍ଧୁଙ୍କ ସାହିତ୍ୟରେ ସ୍ୱଦେଶ ପ୍ରୀତି



ଡକ୍ଟର ଅଭିମନ୍ୟୁ ବରାଳ

ମାନବତାର ମହାବତାର ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଆ ସାହିତ୍ୟାକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର । ଗୋପବନ୍ଧୁ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି, ସମାଜ ସଂସ୍କାରକ, ସାମ୍ବାଦିକ, ସଂପାଦକ । ତାଙ୍କ ଲେଖନୀରୁ ଝରି ପଡ଼ିଥିଲା 'ବନ୍ଦୀର ଆତ୍ମକଥା', 'କାରା କବିତା', 'ଧର୍ମପଦ', 'ଅବକାଶ ଚିନ୍ତା', 'ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ', 'ଗୋମାହାତ୍ମ୍ୟ' ଆଦି କାବ୍ୟକବିତା ଗ୍ରନ୍ଥ । ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିବାରେ ତାଙ୍କର ଅବଦାନ ଅତୁଳନୀୟ । ଆବାଲ୍ୟରୁ ଗୋପବନ୍ଧୁ ଥିଲେ, ସ୍ୱଦେଶାନୁରାଗୀ । ସ୍ୱଦେଶ ପ୍ରେମୀ ଗୋପବନ୍ଧୁ ଭାରତର ମୁକ୍ତି ସଂଗ୍ରାମରେ ଉପଯୁକ୍ତ ସୈନିକ ସୃଷ୍ଟି କରିବା ପାଇଁ ସତ୍ୟବାଦୀର ବକୁଳ ବନରେ ବନ ବିଦ୍ୟାଳୟ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସି ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ସହିତ କାରାବରଣ କରିଥିଲେ । ହଜାରିବାଗ ଜେଲ୍‌ରେ ଦୁଇବର୍ଷ ରହଣି ସମୟରେ ତାଙ୍କର ସ୍ୱଦେଶ ଚିନ୍ତା ଚରମ ସୀମା ସ୍ପର୍ଶ କରିଥିଲା । ସେହି ସମୟରେ ଲିଖିତ 'ବନ୍ଦୀର ଆତ୍ମକଥା' ଓ 'କାରା କବିତା' କବିତା ପୁସ୍ତକରେ ଗୋପବନ୍ଧୁଙ୍କ ଦେଶପ୍ରେମର ମହନୀୟ ଚିନ୍ତାଧାରା ପ୍ରସ୍ଫୁଟିତ ହୋଇଉଠିଛି । ଗୋପବନ୍ଧୁ ତାଙ୍କର ସାମ୍ବାଦିକ ଜୀବନରେ 'ସତ୍ୟବାଦୀ' ଓ 'ସମାଜ' ପତ୍ରିକା ମାଧ୍ୟମରେ ସେ ସ୍ୱଦେଶର ନାନା ଦୁଃଖ, କ୍ଲେଶ, ଅଭାବ ଅସୁବିଧାର ବାସ୍ତବ ନିଖୁଣ ଚିତ୍ର ପରିବେଷଣ କରିଥିଲେ । ବାସ୍ତବରେ ବକୁଳ ବନକୁ ତାଙ୍କର କର୍ମଭୂମି କରି ସେଠାରେ ସେ ସୃଷ୍ଟି କରିଥିଲେ ଏକ ମଣିଷ ଗଢ଼ା କାରଖାନା ।

ବନ୍ୟା, ଦୁଃଖ-ଦାରିଦ୍ର୍ୟ ପୀଡ଼ିତ ସାରା ଉତ୍କଳ ପ୍ରଦେଶ ଥିଲା ଗୋପବନ୍ଧୁଙ୍କ ସାଧନାର କ୍ଷେତ୍ର । ସେ ତାଙ୍କ ପ୍ରାଣର ପ୍ରଗାଢ଼ ମମତା, ପ୍ରୀତି ବିଦଗ୍ଧ ମନୋଭାବ ଦେଶାନୁରାଗ ଗୀତରେ "ଜନନୀ ଜନ୍ମଭୂମିଶ୍ଚ- ସ୍ୱର୍ଗାଦପି ଗରୀୟସୀ"ର ପ୍ରାଣ ପ୍ରତିଷ୍ଠା କରିଆସିଛନ୍ତି । ବନ୍ଦୀ ଜୀବନରେ କବି ଗୋପବନ୍ଧୁ ଉତ୍କଳ ସାରସ୍ୱତ ମନ୍ଦିରରେ ତିନୋଟି ଅପରୂପ ନୈବେଦ୍ୟ ବାଢ଼ି ଦେଇଛନ୍ତି, ତାହା ହେଉଛି – 'କାରାକବିତା', 'ବନ୍ଦୀର ଆତ୍ମକଥା' ଓ 'ଧର୍ମପଦ' । 'କାରାକବିତା'ର ପ୍ରଥମ କବିତା 'ନିତ୍ୟଧାମ ନୀଳାଚଳ'ରେ ସେ ଲେଖିଛନ୍ତି –

"ନୀଳଚକ୍ର ତଳେ କେ କରିବ ବାସ,
କେ ଦେଖିବ ନୀଳାଚଳ ନିତ୍ୟରାମ ।"

ଗୋପବନ୍ଧୁଙ୍କ କାରାଜୀବନର ମର୍ମନ୍ତୁଦ ଇତିହାସ ହେଉଛି– 'ବନ୍ଦୀର ଆତ୍ମକଥା' । କବିଙ୍କର କଳ୍ପନା ବିଳାସ ଏଥିରେ ବ୍ୟାହତ ହୋଇଥିଲେ ମଧ୍ୟ ଅନୁଭୂତି - ବ୍ୟଞ୍ଜକ ପ୍ରାଣ ପ୍ରାଚୁର୍ଯ୍ୟର ଉନ୍ମାଦନା, ଜ୍ୱାଳା, ବୀରରସ, ଜାତୀୟତା ବାଦର ନଗ୍ନରୂପ ଦୁଃଖ, ଦୈନ୍ୟ ଓ ବିପର୍ଯ୍ୟୟର ବାସ୍ତବ ଚିତ୍ର ସ୍ୱଦେଶ ପ୍ରୀତି ଓ ଦରଦୀପ୍ରାଣର ଯେଉଁ ଅଫୁରନ୍ତ ସହାନୁଭୂତି ରହିଛି, ତାହା ଓଡ଼ିଆ ସାହିତ୍ୟରେ ଏକାନ୍ତ ବିରଳ । ପ୍ରତ୍ୟେକ ପଦ ଅଗ୍ନିକଣା ତୁଲ୍ୟ ପାଠକ ମନରେ ଉଦ୍ଭାସିତ ହୋଇ ମନରେ ଏକ ଆବେଗ ଓ ବିଷାଦ ସୃଷ୍ଟି କରିଥାଏ । ତ୍ୟାଗୀ ଗୋପବନ୍ଧୁଙ୍କର ଏହା ଓଡ଼ିଆ ଜାତି ପାଇଁ ଏକ ଅଭିନବ ସୃଷ୍ଟି । ଦେଶବାସୀଙ୍କର ଘୋର ଦୁର୍ଗତି ଦେଖି ତାଙ୍କ ପ୍ରାଣ କାନ୍ଦିଉଠିଛି । ସେ ବ୍ୟଥିତ ହୃଦୟରେ କହି ଉଠିଛନ୍ତି :-

"ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ॥
ଦେଶର ସ୍ୱରାଜ ପଥେ ଯେତେ ଗାଡ଼,
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ॥

ଏଭଳି ଅଗ୍ନିବର୍ଷା, ଜ୍ୱାଳାମୟୀ, ସ୍ଫୁଲିଙ୍ଗ ଭଳି ପଦ କିଏ କହି ପାରିବ ? "କର୍ମଂ ବା ସାଧୟତେ ଶରୀରଂ ବା ପାତୟେତ" – ଏହି ନୀତିରେ ସେ କିପରି ଉଦ୍‌ବୁଦ୍ଧ ହୋଇଥିଲେ ତାଙ୍କ ଉକ୍ତିର ତାହା ସ୍ପଷ୍ଟ ଅନୁମିତ ହୁଏ । ସମଗ୍ର ଭାରତୀୟ ସାହିତ୍ୟରେ ଏହିଭଳି ଏକ ପଂକ୍ତି ନିଶ୍ଚିତ ବିରଳ ।

ଗାନ୍ଧିଜୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ଯେଉଁ କେତେ ଜଣ ଓଡ଼ିଆ ଯୋଗଦାନ କରିଥିଲେ, ଗୋପବନ୍ଧୁ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ । ସେ ଉତ୍କଳବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି- "ଉତ୍କଳ ଦେବଭୂମି, ଜଗନ୍ନାଥ ଉତ୍କଳର ନେତ ।" ଗୋପବନ୍ଧୁ ଇତିହାସର ପୃଷ୍ଠା ଉନ୍ମୋଚନ କରି କହିଛନ୍ତି-

"ଇତିହାସେ ଶୁଣି ଅଛ ଜନଶ୍ରୁତି ।
କାଞ୍ଚିଯୁଦ୍ଧ କାଳେ ଉତ୍କଳ ବିଭୂତା ।
ଶୁଣିଛତ ପ୍ରଭୁ ନୀଳାଦ୍ରି ନାୟକ ।
ବିଜେ ଧହ ହାତେ କୃପାଣ ଶାୟକ ।
ଉତ୍କଳ ପ୍ରଧାନ ସେନାପତି ପଣେ ।
ହୋଇଥିଲେ ବିଜେ ସମର ପ୍ରାଙ୍ଗଣେ ।
ଉଡ଼ିଲା ଉତ୍କଳ ଜୟ ବୈଜୟନ୍ତୀ ।
ଆଜିଯାଏ ତାହା ଗାଏ କିମ୍ବଦନ୍ତୀ ॥
ଏବେ ସୁଦ୍ଧା ଦେଖ ନୀଳାଚଳେ ଯାଇ ।
କଳାଧଳା ଘୋଡ଼ା ପରେ ବେନି ଭାଇ ।
ବୀରମୂର୍ତ୍ତି ଦିଶେ ଯେହ୍ନେ ଅଗ୍ନିଶିଖା ।
ଦଧି ମୂଲ୍ୟମାଗେ ଛାମୁରେ ମାଣିକା ॥
ଏ ଛବିତ ନୁହେଁ ଶିଳ୍ପୀର କଳ୍ପନା ।
ଏ ସତ୍ୟର ସାକ୍ଷୀ ମାଣିକପାଟଣା ।"

ଅର୍ଥାତ୍ – କାଞ୍ଚି କାବେରୀ ଯୁଦ୍ଧରେ ସ୍ୱୟଂ ଜଗନ୍ନାଥ ଓ ବଡ଼ଠାକୁରେ ସୈନିକ ବେଶରେ ଯୋଗଦାନ କରିବାର କାହାଣୀ ଏବେ ମଧ୍ୟ ମାନସରେ ରହିଛି । ଶ୍ରୀମନ୍ଦିର ଗରୁଡ଼ଖମ୍ବ ପାଖରେ ମନ୍ଦିର ଭିତରେ ଏହି ଚିତ୍ର ଖୋଦିତ ହୋଇଛି । ଉତ୍କଳବାସୀଙ୍କୁ ସାହସ ଦେବା ପାଇଁ ଗୋପବନ୍ଧୁ କହିଛନ୍ତି-

"ଏବେ ନୀଳାଚଳେ ବିଜେ ଜଗନ୍ନାଥ ।
ତେବେ କହ କିଂପା ଉତ୍କଳ ଅନାଥ ।"

ଗୋପବନ୍ଧୁଙ୍କ ରଚନାର ଛତ୍ରେ ଛତ୍ରେ ସର୍ବତ୍ର ଜାତୀୟ ପ୍ରେମ ବା ଦେଶପ୍ରେମର ଅପୂର୍ବ ବର୍ଣ୍ଣନା ଦେଖିବାକୁ ମିଳେ । ଗୋପବନ୍ଧୁ ସର୍ବଦା ଦେଶ ମାତୃକାର କଲ୍ୟାଣ କଳ୍ପେ ନିଜକୁ ଅର୍ପଣ କରିଥିଲେ । ବାରମ୍ବାର କାରାବରଣ କରି ଭାରତମାତାଙ୍କୁ ପରାଧୀନତାର ନାଗଫାଶରୁ ମୁକ୍ତ କରିବା ପାଇଁ ସେ ସର୍ବଦା ଚେଷ୍ଟା କରିଥିଲେ । ଉତ୍କଳବାସୀଙ୍କ ପାଇଁ ତାଙ୍କର ବ୍ୟଥିତ ହୃଦୟ ମଥିତ ହେଉଥିବାବେଳେ ସେ ଗୋପବନ୍ଧୁ ସମଦୁଃଖୀ ହୋଇ ବିଶ୍ୱ ପ୍ରୀତି ଉଦ୍ଦେଶ୍ୟରେ ଅନ୍ତିମ ଅଶ୍ରୁ ବୁହାଇ ଗାଇ ଉଠିଛନ୍ତି ।

"ଜାତୀୟ ମମତା ବିଶ୍ୱଜନ ପ୍ରୀତି ।
ଉତ୍କଳ ବାସୀର ହେଉ ଏହା ନୀତି ॥"

ଉତ୍କଳମଣି ଗୋପବନ୍ଧୁ ଦାସ କାବ୍ୟକବିତାରେ ଜାତୀୟ ପ୍ରୀତିର ନିଦର୍ଶନ ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଉଠିଛି । ସେଥିପାଇଁ ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କ ଅମଳୀନ ପ୍ରତିଭାର ସ୍ୱାକ୍ଷର ଚିର ଶାଶ୍ୱତ ହୋଇରହିଛି । ■

ବର୍ଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀ ଗୋପାଳ, ପୁରୀ
ମୋ: ୯ ୯୩୭ ୮ ୩୫୨୩୦

ସକାଳ THE SAKALA



## ବାଲେଶ୍ୱରରେ ଗୋ-ମାଫିଆଙ୍କ ବିରୋଧରେ ପୁଲିସର ଚଢ଼ଉ

# ଜଳେଶ୍ୱର ଓ ବସ୍ତା ସମେତ ୭ଟି ସ୍ଥାନରେ ଚଢ଼ଉ, ୨ ଅଟକ

ବାଲେଶ୍ୱର,୧୩।୬ (ସମିସ)






ବେଆଇନ ଗୋ-ଚାଲାଣ ଏବଂ ଗୋ-ମାଫିଆଙ୍କ ନେଟୱର୍କକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବା ପାଇଁ ବାଲେଶ୍ୱର ଜିଲ୍ଲା ପୁଲିସ ପକ୍ଷରୁ ଏକ ବଡ଼ ଧରଣର ଅପରେସନ ଆରମ୍ଭ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଶୁକ୍ରବାର ବିଳମ୍ବିତ ମଧ୍ୟରାତ୍ରରୁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସନ୍ଦିଗ୍ଧ ଗୋ-ମାଫିଆଙ୍କ ଘର ଓ ଆଡ୍ଡା ଉପରେ ଏକକାଳୀନ ଚଢ଼ଉ ଜାରି ରଖିଛି। ଜିଲ୍ଲାର ପ୍ରାୟ ୭ଟି ଭିନ୍ନ ଭିନ୍ନ ସ୍ଥାନରେ ଚାଲିଥିବା ଏହି ମେଗା ରେଡ୍‌ରେ ପୁଲିସକୁ ବଡ଼ ସଫଳତା ମିଳିଛି। ପୂର୍ବରୁ ବେଆଇନ ଗୋ-ଚାଲାଣରେ ସମ୍ପୃକ୍ତ ଥିବା ଏବଂ ପୁଲିସ ନଜରରେ ଥିବା ଅପରାଧୀଙ୍କୁ ଟାର୍ଗେଟ୍ କରି ଏହି ଦ୍ୱିତୀୟ ପର୍ଯ୍ୟାୟ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାରା ରାତି ଚାଲିଥିବା ଏହି ଅପରେସନ ବେଳେ ପୁଲିସ ୨ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିବା ସହ ବିପୁଳ ପରିମାଣର ସୁନା, ରୁପା ଗହଣା, ମାରଣାସ୍ତ୍ର ଏବଂ ଦାମୀ ଦ୍ରୁତଗାମୀ ଗାଡ଼ି ଜବତ କରିଛି। ଜିଲ୍ଲାର ପ୍ରମୁଖ ଗୋ-ଚାଲାଣ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା ଜଳେଶ୍ୱର, କମାର୍ଦ୍ଧା, ବାଲିଆପାଳ, ବସ୍ତା, କାଦ୍ରିୟାନ ଏବଂ ସଦର ଥାନା ଅନ୍ତର୍ଗତ ଚାଷଖଣ୍ଡ-୧ ଓ ଚାଷଖଣ୍ଡ-୨ ସମେତ ମୋଟ ୭ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଥିଲା। ବସ୍ତା ଏବଂ ଜଳେଶ୍ୱର ଏସଡିପିଓଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି ସ୍ୱତନ୍ତ୍ର ଅପରେସନ ପରିଚାଳିତ ହେଉଛି। ଜଳେଶ୍ୱର ଓ ବସ୍ତା ଥାନା ଅନ୍ତର୍ଗତ ୨ଟି ଲେଖାଏଁ ପ୍ରମୁଖ ସ୍ଥାନରେ ଚଢ଼ାଉ ଜାରି ରହିଥିବା ବେଳେ ସଦର ଥାନା ଅନ୍ତର୍ଗତ ଚଷାଖଣ୍ଡ ପଞ୍ଚାୟତର ଜଙ୍ଗରାଇ ଗ୍ରାମରେ ପୁଲିସର ସ୍ୱତନ୍ତ୍ର ଟିମ୍ ସହ ସ୍ଥାନୀୟ ତହସିଲଦାର ମଧ୍ୟ ଉପସ୍ଥିତ ରହି ସର୍ଚ୍ଚ ଅପରେସନ କରିଛନ୍ତି। କମର୍ଦ୍ଧା ଓ ବାଲିଆପାଳ ଅଞ୍ଚଳରେ ମଧ୍ୟ ପୁଲିସ କଡ଼ା ଚଢ଼ାଉ କରିଛି। ଏହି ମେଗା ଅପରେସନ ପାଇଁ ୭ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ବେଳେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ସମେତ ମୋଟ ୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଏହି ଚଢ଼ଉ ବେଳେ ପୁଲିସ ଦୁଇଜଣ ପ୍ରମୁଖ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ମଧ୍ୟରୁ ମୁସ୍ତା ଖାନଙ୍କୁ ସିଙ୍ଗଲା ଥାନାରେ ଏବଂ ହରେକୃଷ୍ଣ ଦଉଙ୍କୁ କମାର୍ଦ୍ଧା ଥାନାରେ ଅଟକ ରଖାଯାଇ ଅଧିକ ଖୋଳତାଡ଼ କରାଯାଉଛି। ଗୋ-ମାଫିଆଙ୍କ ଆଡ୍ଡାସ୍ଥଳୀରୁ ପୁଲିସ ବ୍ୟାପକ ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି। ଗୋ-ଚାଲାଣ ଏବଂ ଅପରାଧ ପାଇଁ ବ୍ୟବହୃତ ହେଉଥିବା ୫ଟି ଚାରିଚକିଆ ଓ ୫ଟି ମୋଟର ସାଇକେଲ ସମେତ ମୋଟ ୧୦ଟି ଗାଡ଼ି ପୁଲିସ ଜବତ କରିଛି। ଚାରି ଚକିଆ ଯାନ (୦୫ଟି) ମହିନ୍ଦ୍ରା ଥାର୍ (୦୧), ସ୍କର୍ପିଓ (୦୨), ସୁଇଫ୍ଟ ଡିଜାୟାର (୧) ଏବଂ ବୋଲେରୋ ପିକଅପ୍ (୧) ଜବତ। ସେହିପରି ୫ଟି ବାଇକ ହେଲା, ଏନଫିଲ୍ଡ ବୁଲେଟ୍ (୨), ଆପାଚି (୧), ପଲସର (୧) ଏବଂ ଫ୍ରେଜର (୧)। ଏହା ସହିତ ସୁରକ୍ଷା ବାହିନୀ ଚଢ଼ାଉ ସମୟରେ ୩ଟି ଗ୍ରାଣ୍ଡ ଖଣ୍ଡା, ୧ଟି ମୋବାଇଲ୍ ଫୋନ୍ ଏବଂ ପ୍ରଚୁର ପରିମାଣର ସୁନା ଓ ରୁପା ଅଳଙ୍କାର ଜବତ କରିଛି। ଜବତ ଅଳଙ୍କାର ମଧ୍ୟରେ ୧ହଳ ରୁପା ପାଉଁଜି, ୧ଟି ସୁନା କାନଫୁଲ, ୨ଟି ରୁପା ଚେନ୍, ୧ଟି ରୁପା ନୋଥ, ୧ଟି ରୁପା ମୁଦି ଏବଂ ୧ଟି ରୁପା ଅଣ୍ଟାସୂତା ସାମିଲ ରହିଛି। ପୁଲିସର ଏହିଭଳି ଅତର୍କିତ ଓ କଡ଼ା ଆଭିମୁଖ୍ୟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସକ୍ରିୟ ଥିବା ଗୋ-ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ବର୍ତ୍ତମାନ ସୁଦ୍ଧା ମଧ୍ୟ ବିଭିନ୍ନ ସ୍ଥାନରେ ପୁଲିସର ଯାଞ୍ଚ ଓ ଚଢ଼ଉ ପ୍ରକ୍ରିୟା ଜାରି ରହିଛି। ଏହି ମେଗା ଅପରେସନ ଶେଷ ହେବା ପରେ କେତେ ଜଣଙ୍କୁ ଗିରଫ କରାଯାଇଛି ଏବଂ ସମ୍ପୂର୍ଣ୍ଣ ଜବତ ସାମଗ୍ରୀର ଆକଳନ ନେଇ ପୁଲିସ ପ୍ରଶାସନ ପକ୍ଷରୁ ଏକ ବିଧିବଦ୍ଧ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରକାଶ କରାଯିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଜାରି ରହିଛି।

- ୫ ପ୍ଲାଟୁନ ଫୋର୍ସ ସହ ୭ଟି ଟିମ୍‌ର ଏକକାଳୀନ ଆକ୍ସନ
- ଥାର୍, ସ୍କର୍ପିଓ ସମେତ ୧୦ଟି ଗାଡ଼ି ଓ ମାରଣାସ୍ତ୍ର ଜବତ

## ବଞ୍ଜାରା ଗ୍ୟାଙ୍ଗ୍‌ର ଦୁଇ ନାବାଳକ ସମେତ ମହିଳା ଅଟକ

ବାଲେଶ୍ୱର,୧୩।୬ (ସମିସ): ବାଲେଶ୍ୱର ସହରରେ ଏବେ ସକ୍ରିୟ ବଞ୍ଜାରା ଗ୍ୟାଙ୍ଗ। ଏହି ଗ୍ୟାଙ୍ଗ ଛୋଟ ଛୋଟ ଶିଶୁ ମାନଙ୍କୁ ଚୋରୀ କାର୍ଯ୍ୟରେ ବ୍ୟବହାର କରି ବିଭିନ୍ନ ଅଣ ସାମାଜିକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଆଜି ଏହି ବଞ୍ଜାରା ଗ୍ୟାଙ୍ଗ ଜଣେ ବ୍ୟକ୍ତିଙ୍କ ଘରୁ ଚୋରୀ କରୁଥିବା ବେଳେ ଘର ମାଲିକ ହାତରେ ରଙ୍ଗେହାତ ଧରାପଡ଼ିଥିଲା। ପରେ ସହଦେବଖୁଣ୍ଟା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ନାବାଳକ ସମେତ ଜଣେ ମହିଳାଙ୍କୁ ଅଟକ ରଖିଛି। ବାଲେଶ୍ୱର ପୁଲିସ ଲାଇନ୍ ଅଞ୍ଚଳରେ ସିଦ୍ଧାର୍ଥ ସେନାପତିଙ୍କ ଘରେ ଭୋରରୁ ଜଣେ ନାବାଳକ ପଶି ମୋବାଇଲ ଚୋରି କରୁଥିବା ବେଳେ ଘର ବାହାରେ ଆଉଜଣେ ନାବାଳକ ସମେତ ଜଣେ ମହିଳା ପୂର୍ବ ପ୍ରସ୍ତୁତି ଅନୁସାରେ ଜଗିଥିଲେ। ତେବେ ବ୍ୟକ୍ତିଜଣକ ମୋବାଇଲ ଚୋରି ବେଳେ ହଠାତ ଦୌଡି ଆସି ନାବାଳକ ସମେତ ବାହାରେ ଜଗିଥିବା ଯୁବତୀ ଓ ଅନ୍ୟଜଣେ ନାବାଳକକୁ କାବୁ କରିବାରେ ସମର୍ଥ ହୋଇଥିଲେ। ପରେ ପୁଲିସକୁ ଖବର ଦେଇଥିଲେ। ତେବେ ସହଦେବଖୁଣ୍ଟା ଥାନା ଘଟଣାସ୍ଥଳରେ ପହଞ୍ଚି ଦୁଇ ନାବାଳକ ସମେତ ଯୁବତୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଖଇରା ବ୍ଲକ କଂଗ୍ରେସର ପ୍ରଶ୍ନ, କୁଆଡେ ଗଲା ଅଚ୍ଛେଦିନ



ଖଇରା, ୧୩।୬ (ସମିସ): ଶୁକ୍ରବାର ସଂଧ୍ୟାରେ ଖଇରା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବ୍ଲକ କଂଗ୍ରେସ ସଭାପତି ବସନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ସିମୁଳିଆ ନିର୍ବାଚନ ମଣ୍ଡଳୀ ବିଧାୟକପ୍ରାର୍ଥୀ ହିମାଂଶୁଶେଖରବେହେରା ଏଥିରେ ଯୋଗଦେଇ ବର୍ତ୍ତମାନ ମୋଦି ସରକାରଙ୍କ ସମୟରେ ନିଟ ପେପର ଲିକ ସାଙ୍ଗକୁ ଅର୍ଥନୀତି ଭୁଷୁଡି ପଡିଛି। ବୟସ୍କ ବିକଳାଙ୍ଗ ମାନଙ୍କ ଭତ୍ତା ଅର୍ଥକୁ ଅଟକାଇ ରଖାଯାଇଥିବାରୁ ସେମାନେ ହଟହଟା ହେଉଛନ୍ତି। ସର୍ବୋପରି ଅଚ୍ଛେଦିନର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ବିଜେପିର ସେହି ଅଚ୍ଛେଦିନ କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି। କେବଳ ଦେଶ ବିକ୍ରି କରିବା ବାକିଅଛି ବୋଲି ସିଧାସଳଖ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ଓ ଜିଲା ଉପସଭାପତି ସଞ୍ଜୟ କୁମାର ଦଳେଇ ବକ୍ତବ୍ୟରେ ଓଡିଆ ଅସ୍ମିତାର ସ୍ଲୋଗାନ ଦେଇ ଏବଂ ଚିଟଫଣ୍ଡ ଅର୍ଥ ଫେରାଇବା ଓ ୩ଶହ ୟୁନିଟ ମାଗଣା ବିଜୁଳି ଭଳି ପ୍ରତିଶୃତି ଦେଇ ଶାସନ କୁ ଆସିଥିବା ମୋହନ ସରକାର ବର୍ତ୍ତମାନ ସୁଦ୍ଧା ଗୋଟେ ହେଲେ ପ୍ରତିଶୃତି ପୂରଣ କରିନଥିବାରୁ ଆଉ କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି କହିଥିଲେ। ବ୍ଲକ ଉପସଭାପତି ଭାଗିରଥି ମହାପାତ୍ର,ଗରସଙ୍ଗ ଜୋନ ସଭାପତି ପ୍ରଶାନ୍ତ ଦାସ, ଅନ୍ତରା ପଞ୍ଚାୟତ ସଭାପତି ମାୟାଧର ସେଠୀ ପ୍ରମୁଖ ଯୋଗଦେଇ ଭାଜପା ସମୟରେ ହୋଇଥିବା ଦୁର୍ନିତି ଉପରେ ଆଲୋକପାତ କରିଥିଲେ।

## ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର

ଜଳେଶ୍ୱର ବ୍ଲକ, ୧୩।୬ (ସମିସ) : ଜଳେଶ୍ୱର ରେଞ୍ଜ ବରଡିହା ସେକ୍ସନ ଧାନଘେରା ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ଓ ସେଭ ଏଲିଫେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆନ୍ତରାଜ୍ୟ ହାତୀର ଗତିବିଧି ଓ ତାର ସୁରକ୍ଷା ସାଙ୍ଗକୁ ଧନ ଜୀବନ ସୁରକ୍ଷା ସମ୍ବନ୍ଧେରେ ହାତୀ ସାଥି ମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହେବା ସହିତ ହାତୀ ସାଥି ମାନଙ୍କୁ ଆଇ କାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ଅତିଥି ପରିଚୟ ପ୍ରଦାନ କରିଥଲେ ଜଳେଶ୍ୱର ରେଞ୍ଜର ବନ୍ୟପ୍ରାଣୀ ବନ୍ୟାଞ୍ଚଳର ସହକାରୀ ଭାରପ୍ରାପ୍ତ ବନ ସଂରକ୍ଷକ ସଞ୍ଜୟ କୁମାର ମହାନ୍ତି, ଅତିଥି ଭାବେ ବାଲେଶ୍ୱର ଡି.ଏଫ.ଓ ଇନ୍ଦଲକର ପ୍ରତୀକ ପ୍ରକାଶ, ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ବନ୍ୟ ସଂରକ୍ଷକ ଓଡିଶା ତଥା ସେଭ ଏଲିଫେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ଡ. ଦେବବ୍ରତ ସ୍ୱାଇଁ, ମଞ୍ଚ ପରିଚାଳନା କରିଥିଲେ। ସେହିପରି ଟ୍ରଷ୍ଟର ମୟୁରଭଞ୍ଜ ଜିଲ୍ଲାର କୋଡ଼ିନେଟର ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ କଲେଜର ଅବସରପ୍ରାପ୍ତ ପ୍ରିନ୍ସିପାଲ ହରିହର ଦାସ, ସେଭ ଏଲିଫେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ଚେୟାରମେନ ରଜନୀକାନ୍ତ ଜେନା, ଅବୟତନିକ ବନ୍ୟପ୍ରାଣୀ ତତ୍ୱାବଧାରକ ବାଲେଶ୍ୱର ଅଶ୍ୱିନୀ କୁମାର ଦାସ, ରାସଗୋବିନ୍ଦପୁର ରେଞ୍ଜର ରେଞ୍ଜର ଘନଶ୍ୟାମ ସିଂ,ବରଡିହା ସେକ୍ସନର ବନପାଳ ପ୍ରହ୍ଲାଦ ନାୟକ, ପଶ୍ଚିମବଙ୍ଗ ରାଜ୍ୟର ହାତୀ ସାଥି ସାଙ୍ଗକୁ,ବରଡିହା ସରପଞ୍ଚ ଅଜୟ କୁମାର ମହାନ୍ତି, କଳମା ସରପଞ୍ଚ ସୁବିନିତା ଦତ୍ତ, କାଳିକ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ,ସମେତ କେନ୍ଦୁଖୁଣ୍ଟା ବିଟର ଫରେଷ୍ଟର ଦିଲ୍ଲୀପ କୁମାର ସିଂ, ସୁକଜୁଡ଼ି ବିଟରଫରେଷ୍ଟ ଗାର୍ଡ, ସୁଲୋଚନା ବେହେରା,ରାଇବାଣିଆ ଫରେଷ୍ଟ ଗାର୍ଡ କବିତା ମହାକୁଡ଼, ଜଳେଶ୍ୱର ଫରେଷ୍ଟ ଗାର୍ଡ ରଞ୍ଜିତା ବିଶ୍ୱାଳ, ଏବଂ ସମସ୍ତ ସ୍କ୍ୱାର୍ଡ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ରଜନୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ୟୁନିଟିର ପ୍ରଥମ ଅଧିଷ୍ଠାପନା ଦିବସ

ବାଲେଶ୍ୱର, ୧୩।୬ (ସମିସ): ରୋଟାରୀ କ୍ଲବ ଓଫ ବାଲେଶ୍ୱର ୟୁନିଟିର ପ୍ରଥମ ଅଧିଷ୍ଠାପନା ଦିବସ ଶୁକ୍ରବାର ପୂର୍ବାହ୍ନରେ ଏକ ଘରୋଇ ପାର୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୬-୨୭ ବର୍ଷ ପାଇଁ ସଭାପତି ଭାବେ ଅନୁପ ନାରାୟଣ ଦାସ, ସମ୍ପାଦକ ସୌମ୍ୟା ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। କ୍ଲବ୍ ର ଉପଦେଷ୍ଟା ତଥା ପୂର୍ବତନ ପ୍ରାନ୍ତପାଳ ରୋଟାରିୟାନ ଶାନ୍ତନୁ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରାନ୍ତପାଳ ରୋଟାରିୟାନ ମନୋଜ ତ୍ରିପାଠୀ, ରୋଟାରୀ ଜିଲ୍ଲା ଅଧକ୍ଷ ପ୍ରାନ୍ତପାଳ କ୍ଲବ୍ ପରିଦର୍ଶକ କୁଞ୍ଜ ବିହାରୀ ଜେନା ପ୍ରମୁଖ ଯୋଗଦେଇ ନୂତନ ସଭାପତି ଏବଂ ସମ୍ପାଦକମାନଙ୍କୁ ଶପଥ ଗ୍ରହଣ କରାଇବା ସହ ଆଗାମୀ ଦିନରେ ଜନସେବା କାର୍ଯ୍ୟରେ ନିଜକୁ ଲିପ୍ତ କରି ରୋଟାରୀର ନାମ ଉଜ୍ୱଳ କରିବେ ବୋଲି ସେମାନେ ଉଲ୍ଲେଖ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ରୋଟାରୀ କ୍ଲବର ସଦସ୍ୟ ମାନେ ଏହି ଅବସରରେ ନୂତନ ସଭାପତି ଏବଂ ସମ୍ପାଦକ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେହିପରି ଉପ ସଭାପତି ଭାବେ ରୋଟାରିୟାନ ସୁମିତ୍ ଭୂୟାଁ, କାର୍ଯ୍ୟକାରୀ ସଂପାଦକ ଭାବେ ରୋଟାରିୟାନ ଅମିତା ପାଣିଗ୍ରାହୀ, ଯୁବ ସେବା ବିଭାଗର ଅଧକ୍ଷ ରୋଟାରିୟାନ ଧୀଲନ ଦାସ, କୋଷାଧକ୍ଷ ରୋଟାରିୟାନ ଅମିତ୍ ପାଣିଗ୍ରାହୀ, ରୋଟାରିୟାନ ରଣଜିତ୍ ପଣ୍ଡା, ରୋଟାରିୟାନ ଡାକ୍ତର ସଂପିକା ପରିଡ଼ା, ସର୍ଭିସ ପ୍ରୋଜେକ୍ଟ ଚେୟାରମେନ ରୋଟାରିୟାନ ପ୍ରଭାସିନୀ ମହାପାତ୍ର, ରୋଟାରିୟାନ ଅବଦୁଲ ସାଦାବ ଖାନ୍, ରୋଟାରିୟାନ ଲୋକେଶ ପ୍ରଧାନ, ରୋଟାରିୟାନ ଶିବରାଜ ସାମଲ, ରୋଟାରିୟାନ ମହମ୍ମଦ ଅବଦୁଲ ଆହେତେଶାମ୍, ରୋଟାରିୟାନ ସେଖ୍ ଫୁର୍କାନ ଅଲ୍ଲି, ରୋଟାରିୟାନ ରମ୍ୟରଞ୍ଜନ ମହାପାତ୍ର, ରୋଟାରିୟାନ ଅର୍ଣବ ଘୋଷ ପ୍ରମୂଖ ବିଭିନ୍ନ ପଦପଦବୀ ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ।



## ଗଠନ ହେଲା ବହୁ ପ୍ରତିକ୍ଷିତ ଖଇରା ବାର୍ ଆସୋସିଏସନ

## କାଶିନାଥ ସଭାପତି, ନିରଞ୍ଜନ ସାଧାରଣ ସମ୍ପାଦକ



ଖଇରା, ୧୩।୬ (ସମିସ): ଦୀର୍ଘଦିନର ଅପେକ୍ଷା ପରେ ନୂତନ ଭାବେ ସ୍ଥାପିତ ଖଇରାକୋର୍ଟପାଇଁବାରଆସୋସିଏସନ ଗଠିତ ହୋଇ ଯାଇଛି। ଶନିବାର ଖଇରା ଠାରେ ଏକ ହୋଟେଲ ପରିସରରେ ଖଇରା, ସୋର ଓ ବାଲେଶ୍ୱରରେ କାର୍ଯ୍ୟରତ ଓକିଲ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କାଶିନାଥ ମୁଦୁଲି ଅଧକ୍ଷତା କରିଥିଲେ। ପରେ ପୁର୍ବ ସିଦ୍ଧାନ୍ତ ଅନୁଯାୟୀ ବାର ଆସୋସିଏସନ ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ଖଇରା ଅଞ୍ଚଳରେ ଜଣାଶୁଣା ମଣିଷ ଭାବେ ପରିଚିତ ବରିଷ୍ଠ ଆଇନଜୀବୀ କାଶିନାଥ ମୁଦୁଲିଙ୍କୁ ସଭାପତି,ଖଇରା ରେ କୋର୍ଟ ପ୍ରତିଷ୍ଠା ପାଇଁ ଖଇରାବାସୀଙ୍କୁ ଏକଜୁଟ କରି ଉଦ୍ୟମ ଆନ୍ଦୋଳନ କରିଆସିଥିବା ନିରଞ୍ଜନ ବେହେରାଙ୍କୁ ସାଧାରଣ ସମ୍ପାଦକ, ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ ଉପସଭାପତି, ଶଶାଙ୍କ ଶେଖର ପଣ୍ଡା ଓ ପାର୍ଥସାରଥି ମହାପାତ୍ରଙ୍କୁ ସହ-ସମ୍ପାଦକ, ଜୟନ୍ତ କୁମାର ନାୟକଙ୍କୁ କୋଷାଧକ୍ଷ ଓ ଚକ୍ରଧର ନାୟକଙ୍କୁ ସହ-କୋଷାଧକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ସେହିଭଳି ନଳିନୀପ୍ରଭା ଦାସ, ସସ୍ମିତା ନନ୍ଦ, କମଳେଶ ଦାସ, ସୁବାଷ ଚନ୍ଦ୍ର ନାୟକ, ବସନ୍ତ କୁମାର ସ, ନରୋତ୍ତମ ମହିମା ଜେନା ଓ ରାଜ କିଶୋର ବିଶ୍ୱାଳଙ୍କୁ କାର୍ଯ୍ୟକାରିଣୀ ସଦସ୍ୟା/ସଦସ୍ୟ ଏବଂ ରାମଚନ୍ଦ୍ର ଦାଶ, ଯୁଧିଷ୍ଠିର ନାୟକ, ପ୍ରଦୀପ କୁମାର ମିଶ୍ର, ଦେବେନ୍ଦ୍ର କୁମାର ଧଳ, ଚତୁର୍ଭୁଜ ଜେନା, ଅଭିମନ୍ୟୁ ବେହେରା ଓ କେଶବ ଚନ୍ଦ୍ର ରାଉତଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଉକ୍ତ ବୈଠକରେ ସୋର ବାରର ସଭାପତି, ସମ୍ପାଦକ ସହ ଅନ୍ୟ ଓକିଲବନ୍ଧୁ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ ଓକିଲମାନଙ୍କୁ ଏକଜୁଟ କରି ଖଇରାର ଉନ୍ନତି ପାଇଁ କାର୍ଯ୍ୟକରିବେ ବୋଲି ନବନିଯୁକ୍ତ ସଭାପତି ଶ୍ରୀ ମୁଦୁଲୀ ପ୍ରକାଶ କରିଛନ୍ତି।

## ପୂର୍ବତନ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର ବ୍ଲକ, ୧୩।୬ (ସମିସ): ଜଳେଶ୍ୱର ବ୍ଲକ ଆରୁହା ଗ୍ରାମ ପଞ୍ଚାୟତର ୧୯୬୧ ମସିହାରେ ପ୍ରତିଷ୍ଠିତ ନିମପୁର ଓ ଚକର୍ଜୁନୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗୁରୁଶ୍ରେଷ୍ଠ ପୂଜ୍ୟ ସତ୍ୟପ୍ରିୟ ମହାନ୍ତିଙ୍କୁ ଚକର୍ଜୁନୀ 'ଆମ ଗାଁ ଯୁବ ପରିଷଦ' ପକ୍ଷରୁ ବିଦାୟ କାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ବାଗେଶ୍ୱରି ସଂସ୍କୃତ ମହାବିଦ୍ୟାଳୟର ର ଇଂରାଜୀ ଅଧ୍ୟାପକ ତଥା ଗ୍ରାମ ସଭାପତି କାର୍ତ୍ତିକେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ ତପନୀ ଭୂୟାଁ, ଯୁବ ସମାଜ ସେବୀ ଶ୍ରୀକଣ୍ଠ ମାହାନ୍ତି, ଉପଦେଷ୍ଟା ଶ୍ରୀପତି ପ୍ରଧାନ, ଗଜେନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପଦ୍ମନାଭ ପ୍ରଧାନ, ପ୍ରାକ୍ତନ ପଞ୍ଚାୟତ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡ଼ା, ସଂପାଦକ ରାଜେନ୍ଦ୍ର ନାରାୟଣ ଦାସ, ସାମ୍ବାଦିକ ମନୋଜ କୁମାର ଭୂୟାଁ, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାବ ବିହ୍ୱଳ ବକ୍ତବ୍ୟ ପ୍ରଦାନ କରିଥିଲେ। ୱାଡର୍ ସଭ୍ୟ ମଧୁସୁଦନ ପ୍ରଧାନ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍ଦ୍ଧକ୍ୟ ଭତ୍ତାର ଅହେତୁକ ବିଳମ୍ବ ପାଇଁ ଦାବିପତ୍ର

ବାଲେଶ୍ୱର, ୧୩।୬ (ସମିସ): ସିପିଆଇ (ଏମ୍) ଏବଂ ଓଡ଼ିଶା କ୍ଷେତ ଓ ଗ୍ରାମୀଣ କ୍ଷେତ ମଜଦୂର ୟୁନିଅନ, ରେମୁଣା ତରଫରୁ ବୃଦ୍ଧ, ବୃଦ୍ଧାଙ୍କ ର ଭତ୍ତା ଦୀର୍ଘ ୩/୪ମାସ ଧରି ନ ପାଇବା ଫଳରେ ବହୁ ଅସୁବିଧାରେ ସମୁଖୀନ ହେଉଛନ୍ତି। ସରକାର ନିର୍ବାଚନ ସମୟରେ ଲୋକମାନଙ୍କୁ ଭତ୍ତା ପାଇଁ ତିନିହଜାର ଟଙ୍କା ର ପ୍ରତିଶୃତି ଦେଇଥିଲେ କିନ୍ତୁ ଦେଲେ ନାହିଁ। ନିର୍ବାଚନ ସମୟର ତିନି ହଜାର ଟଙ୍କା ଦେବାର ପ୍ରତିଶୃତିକୁ ତୁରନ୍ତ ପ୍ରଦାନ ପାଇଁ ଦାବୀ କରୁଅଛୁ। ଯଦି ତୁରନ୍ତ ଭତ୍ତା ନଦିଅନ୍ତି ତାହେଲେ ବ୍ଲକ୍ ଅଫିସ୍ ସମ୍ମୁଖରେ ଧାରଣା ଦେବା ପାଇଁ ବିଡିଓଙ୍କୁ ଜଣାଇଛନ୍ତି। ଏଥିରେ ସିପିଆଇଏମ୍‌ର ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରେମ ରଞ୍ଜନ ପାତ୍ର, ଓଡ଼ିଶା କ୍ଷେତ ଓ ଗ୍ରାମୀଣ କ୍ଷେତ ମଜଦୂର ୟୁନିଅନ ର ଜିଲ୍ଲା ସଭପତି ଦେବବ୍ରତ ମାଝୀ, ସୁରେନ୍ଦ୍ର ଜେନା, ବୀରେନ୍ଦ୍ର ସିଂ, ସିକନ୍ଦର ଖାଁ, ମଣ୍ଟ ନାୟକ, ଗଦାଧର ଦଳାଇ, ବାବୁ ଦାସ ପ୍ରମୁଖ ଉପସ୍ଥିତ ରହି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସମୁଦ୍ରରୁ ମାଛ ଧରିବା ପାଇଁ ପ୍ରସ୍ତୁତ ହେଲେଣି ମତ୍ସ୍ୟଜୀବୀ

କାଳିପଦା, ୧୩।୬ (ସମିସ): ଦୀର୍ଘ ୬୧ ଦିନ ପରେ ଚଳିତ ମାସ ୧୫ ତାରିଖରୁ ସରକାରଙ୍କ ସମୁଦ୍ରରୁ ମାଛ ଧରିବା କଟକଣା ହଟିବ। ସେଥି ପାଇଁ ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳିଆ ଧିବରମାନେ ସମୁଦ୍ରକୁ ମାଛ ଧରିବାକୁ ଯିବା ପାଇଁ ଏବେଠୁ ମାଛ ଧରା ଜାଲ ଓ ଡଙ୍ଗା ମାରମତିରେ ଲାଗି ପଡିଛନ୍ତି।ସମୁଦ୍ରରେ ମାଛର ପ୍ରଜନନ ସମୟକୁ ଆଖିରେ ରଖି ସରକାର ଏପ୍ରିଲ ୧୫ ତାରିଖରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ରୁ ମାଛ ଧରା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓ?ଶା ସାମୁଦ୍ରିକ ମତ୍ସ୍ୟ ନିୟମ ୧୯୮୨ ଅନୁଯାୟୀ ଏହି ସମୟ ମାଛ ଓ କଇଁଛଙ୍କ ଅଣ୍ଡାଦାନ ସମୟ ହୋଇଥିବାରୁ ପ୍ରତିବର୍ଷ ଏହି ଦୁଇମାସ ସମୁଦ୍ରରେ ମାଛ ଧରା ବନ୍ଦ ରହିଥାଏ। ସେଥି ପାଇଁ ଦୁଇ ମାସ ଧରି ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ସମସ୍ତ ଯନ୍ତ୍ର ଚାଳିତ ଡଙ୍ଗା, ଟ୍ରଲର ଆଦି ସମୁଦ୍ରକୁ ନ ଯାଇ କୂଳରେ ବନ୍ଧା ଯାଇଥାଏ। ଏହି ସମୟରେ ସମୁଦ୍ର ଉପରେ ନିର୍ଭର କରି ଚଳୁ ଥିବା ହଜାର ହଜାର ମତ୍ସ୍ୟଜୀବି ପରିବାର ମୁଣ୍ଡରେ ଚଡକ ପଡିଥାଏ। ଦୁଇମାସ ଧରି ଘରେ ହାତ ବାନ୍ଧି ବସିବାକୁ ପଡ଼େ। କଟକଣାର ସମୟ ସୀମା ପୂରିବାକୁ ୨ ଦିନ ବାକି ଥିବାରୁ ଦକ୍ଷିଣ ବାଲିଆପାଳର ୨୪ କିମିରୁ ଅଧିକ ସୁଦୀର୍ଘ ବେଳାଭୂମିରେ ସମୁଦ୍ରରୁ ମାଛ ଧରି ପେଟ ପୋଷୁଥିବା ଲକ୍ଷାଧିକ ଲୋକଙ୍କ ମନରେ ହସ ଖୁସି ଦେଖିବକୁ ମିଳୁଛି। ଚଉମୁଖଠାରୁ ହଂସ କରା ମୁହାଣ ପର୍ଯ୍ୟନ୍ତ ସମସ୍ତ ମତ୍ସ୍ୟଜୀବୀ ଚଳଚଞ୍ଚ ହୋଇ ଉଠିଥିବା ଦେଖିବାକୁ ମିଳିଛି। ସମସ୍ତେ ନିଜର ଯନ୍ତ୍ର ଚାଳିତ ଡଙ୍ଗା ଓ ମାଛ ଧରା ଜାଲ ମରାମତି କାମ ଶେଷ କରିବା ପାଇଁ ଲାଗି ପଡିଛନ୍ତି।୧୫ ତାରିଖ ନିଜ ନିଜର ଡଙ୍ଗା ପୂଜା କରି ଶୁଭ ଅନୁକୂଳରେ ସମୁଦ୍ରକୁ ମାଛ ଧରିବାକୁ ବାହାରିବେ ବୋଲି ଶେଷ ପ୍ରସ୍ତୁତିରେ ସମସ୍ତ ମତ୍ସ୍ୟଜୀବୀ ତତ୍ପର ଅଛନ୍ତି।

## ମଦ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ବିୟର ବୋହିନେଲେ ଲୋକେ



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୩।୬ (ସମିସ): ବିୟର ବୋଝେଇ ଗାଡିକୁ ପଛରୁ ଧକ୍କାଦେଲା କାର। ଭାରସ୍ୟାମ ହରାଇ ରାସ୍ତା କଡକୁ ଓଲଟିଲା ବିୟର ବୋଝେଇ ଗାଡି। ଯିଏ ଶୁଣିଲା ସିଏ ଦୌଡିଲା। ପେଟିପେଟି ବିୟର ବୋହିନେଲେ ରାସ୍ତାରେ ଯାଉଥିବା ଲୋକେ। ଘଟଣାନୁଯାୟୀ ଜଳେଶ୍ୱର ନିକଟ ୧୬ନଂ ଜାତୀୟ ରାଜପଥର ମିର୍ଚ୍ଚି ମସାଲା ରେଷ୍ଟୁରାଣ୍ଟ ସମ୍ମୁଖରେ ଘଟିଛି ଏହିପରି ଏକ ଦୁର୍ଘଟଣା। ରାସ୍ତାରେ ବିୟର ବୋଝେଇ ପିକଅପ ଭ୍ୟାନ ଯାଉଥିବା ବେଳେ ପଛରୁ କାର ଧକ୍କାଦେଇଥିଲା। ଫଳରେ ପିକ୍‌ଅପ ଭ୍ୟାନଟି ଭାରସ୍ୟାମ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ବୋଝେଇ ହୋଇଥିବା ବିୟର ଗୁଡିକ ଭାଙ୍ଗି ଯିବା ସହିତ ଉକ୍ତ ସ୍ଥାନରେ ବିୟରର ବନ୍ୟା ହୋଇଯାଇଥିଲା। ରାସ୍ତାରେ ଯାଉଥିବା ଲୋକମାନେ ବିୟରର ପେଟି ବୋହିନେଇ ଯାଉଥିବାର ଦେଖିବାକୁ ମିଳିଥିଲା। ତେବେ ଘଟଣାରେ କାରର ଚାଳକ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇ ସ୍ଥାନୀୟ ଜି.କେ. ଘଟ୍ଟର ହସପିଟାଲରେ ଭର୍ତ୍ତି କରାଯାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଂଚି ଗାଡି ଗୁଡିକୁ ଜବଦ କରିବା ସହିତ ଦୁର୍ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ସଂସ୍କୃତ ସମ୍ଭାଷଣ ଶିବିର ଓ କର୍ମଶାଳା ଉଦ୍‌ଯାପିତ



ବାଲେଶ୍ୱର, ୧୩।୬ (ସମିସ): ସ୍ଥାନୀୟ ଅମୃତବାଣୀ ସେବା ପ୍ରତିଷ୍ଠାନ ପରିସରରେ ଚାଲିଥିବା ୧୨ ଦିବସୀୟ ସଂସ୍କୃତ ସମ୍ଭାଷଣ ଓ ଶିବିରାର୍ଥୀ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଅମୃତବାଣୀ ଆଦର୍ଶ ସେବା ସଂସ୍ଥାନ ଓ ସଂସ୍କୃତ ପ୍ରଭୋତିନୀ କାର୍ଯ୍ୟକ୍ରମର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାବର୍ତ୍ତନ ସମାରୋହ ଅମୃତବାଣୀ ସେବା ପ୍ରତିଷ୍ଠାନର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ଡ. କୁମାର ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ସମ୍ପନ୍ନ ହୋଇଥିଲା। ଏହି ଉତ୍ସବରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାଂସ୍କୃତିକ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷା ମାଧ୍ୟମରେ ହିଁ ଭାରତର ଅଖଣ୍ଡତା ଏବଂ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖାଯାଇପାରିବ କହିଥିଲେ। ମୁଖ୍ୟବକ୍ତା ଭାବେ ଅମୃତବାଣୀ ସେବା ସଂସ୍ଥାନର ସଂଯୋଜକ ପ୍ରଫେସର ସିଦ୍ଧେଶ୍ୱର ଦାଶ ଯୋଗଦେଇ ଜୀବନ ଓ ସମାଜର ପରିବର୍ତ୍ତନ ପାଇଁ ସଂସ୍କୃତର ଭୂମିକା ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସାରସ୍ୱତ ବକ୍ତା ଭାବେ ଏବଂ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ପ୍ରଣତି କୁମାରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍ଥାନର ସହ-ନିର୍ଦ୍ଦେଶକ ଡ. ଭୋଳାନାଥ ଦାଶ ଶିବିରର ବିବରଣୀ ପାଠ କରିଥିବା ବେଳେ ପଣ୍ଡିତ ତପନ କୁମାର ପଣ୍ଡା ମଞ୍ଚ ପରିଚାଳନା ଏବଂ ପ୍ରଗତିଶୀଳ ଅରୁଣ କୁମାର ରଥ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କର୍ମଶାଳାରେ ଦୁଲାଲ କୁମାର ମିଶ୍ର, ଡ. ମାୟାଧର ସାମଲ, ଉଦ୍ଧେଶ ମିଶ୍ର, ଡ. ଶୀତଳାଂଶୁ ଦାସ, ଜୀବନ ଜ୍ୟୋତି ପାତ୍ର, ତପସ୍ୱିନୀ ମିଶ୍ର, ସଂଯୁକ୍ତା ରଣା ଓ ଦୀପକ କୁମାର ବିଶ୍ୱାଳ ପ୍ରମୁଖ ଶିକ୍ଷାଦାନ କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିବିରାର୍ଥୀମାନଙ୍କ ମଧ୍ୟରେ ଗୀତା ଆବୃତ୍ତି, ସଂଗୀତ, ସଂସ୍କୃତ ଭାଷଣ ଏବଂ 'କିମ୍ବଦନ୍ତୀ' ଶୀର୍ଷକ ଏକ ସଂସ୍କୃତ ନାଟକ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶଶୀକାନ୍ତ ପରିଡ଼ା, ଅରୁଣ କୁମାର ରଥ, ଗିରିଜା ଶଙ୍କର ପତି, ପଶୁରାମ ମିଶ୍ର, ଲମ୍ବୋଦର ମିଶ୍ର, ସତ୍ୟନାରାୟଣ ପଟ୍ଟନାୟକ, ଜ୍ଞାନରଞ୍ଜନ ବେହେରା, ବିଶ୍ୱନାଥ ମୁଖାର୍ଜୀ, ପ୍ରିୟବ୍ରତ ତପସ୍ୱୀ, କଳ୍ପନା ନାୟକ, ନଗେନ ସିଂ ଓ କନ୍ୟାକୁମାରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅମୃତବାଣୀ ସେବା ପ୍ରତିଷ୍ଠାନର ରାଷ୍ଟ୍ରୀୟ ମହାସଚିବ ଜୟପ୍ରକାଶ ଶାସ୍ତ୍ରୀ ଧନ୍ୟବାଦ କରିଥିଲେ।

## ବାମନଘାଟି ଉପଖଣ୍ଡରେ ଲାଗିରହିଛି ପାନୀୟଜଳ ସମସ୍ୟା

# ନିର୍ମାଣ ସରିଛି ପାନୀୟଜଳ ପ୍ରକଳ୍ପ, ହେଉନି କାର୍ଯ୍ୟକ୍ଷମ






### ଅସହ୍ୟ ଗରମରେ ନଙ୍ଗଳଶିଳା ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ

**ରାଇରଙ୍ଗପୁର, ୧୩।୬(ସମିସ)**

ଗ୍ରାମର ବିକାଶକୁ ନେଇ ଡିଣ୍ଡିମ ପିଟୁଥିବା ବିଜେପି ସରକାରରେ ଗ୍ରାମରେ ପାନୀୟଜଳ ସମସ୍ୟା ଥମିବାରେ ନାଁ ନେଉନି। ୪୦ ଡିଗ୍ରୀର ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଗ୍ରାମବାସୀ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ଏଭଳି ସମସ୍ୟା ବାମନଘାଟି ଉପଖଣ୍ଡର କୁସୁମୀ ବ୍ଲକ୍ ଅନ୍ତର୍ଗତ ମୟୂରଦର ପଞ୍ଚାୟତର ନଙ୍ଗଳଶିଳା ଗ୍ରାମ ଭାଲୁବସା ସାହିରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ପାଇଁ ତତ୍କାଳୀନ ବିଜେଡି ସରକାର ସମୟରେ ବସୁଧା ଯୋଜନା ଅଧୀନରେ ପାଣି ଟାଙ୍କି ନିର୍ମିତ ହୋଇଛି। କିନ୍ତୁ ବିଜେପି ସରକାରର ଅବହେଳା ପାଇଁ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଗ୍ରାମବାସୀ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଯଥାଶୀଘ୍ର ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହେଉଛି।

ଉକ୍ତ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ପ୍ରାୟ ପାଞ୍ଚ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମୂଳ ଉତ୍ସରୁ ପାଣି ଯୋଗାଣ ଆରମ୍ଭ ହୋଇନାହିଁ। ଫଳସ୍ୱରୂପ ସମ୍ପୂର୍ଣ୍ଣ ପ୍ରକଳ୍ପଟି ଅଚଳ ଅବସ୍ଥାରେ ପଡ଼ିରହିଛି। ଗ୍ରାମବାସୀ ପିଇବା ପାଣି ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ହୋଇନାହିଁ। ଯାହାକି ଚରମ ଅବହେଳା ଓ ଦାୟିତ୍ୱହୀନତାକୁ ପ୍ରତିପାଦିତ କରୁଛି।

ଏ ପରିପ୍ରେକ୍ଷୀରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ଦାବିପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। ସ୍ଥାନୀୟ ଗ୍ରାମବାସୀଙ୍କ ସହ ମାସା ଆର୍ମୀ ସଂଗଠନର କର୍ମକର୍ତ୍ତା ଏକତ୍ରିତ ହୋଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ ଦାବିପତ୍ର ପ୍ରଦାନ କରିଛନ୍ତି। ଶୀଘ୍ର ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରି ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଦାବି କରିଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଘୋଷଣାରେ ସୀମିତ 'ବଜ୍ର କବଚ' ଯୋଜନା

# କାଗଜପତ୍ରରେ ଲାଗିଛି ୫ ହଜାର ତାଳ ଗଛ

**ମୋରଡ଼ା, ୧୩।୬(ସମିସ):** କାଳବୈଶାଖୀ କିମ୍ବା ବର୍ଷା ସମୟରେ ହେଉଥିବା ବଜ୍ରପାତରୁ ଲୋକଙ୍କ ସୁରକ୍ଷା ଦେବାକୁ ସରକାର



ତାଳଗଛ ଲଗାଇବାକୁ 'ବଜ୍ର କବଚ' ଯୋଜନା ଆରମ୍ଭ କରିଛନ୍ତି। ଚଳିତ ବର୍ଷ ରାସଗୋବିନ୍ଦପୁର ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ବୈଶାଖରୁ ଭାଦ୍ରବ ମାସ ପର୍ଯ୍ୟନ୍ତ ଓଡ଼ିଶାରେ ବଜ୍ରପାତଜନିତ ଦୁର୍ଘଟଣା ଲାଗି ରହିଥାଏ। ଏଥିଯୋଗୁଁ ପ୍ରତ୍ୟେକ ବର୍ଷ ଅକାଳ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ଆଷାଢ଼, ଶ୍ରାବଣରେ ଖରିଫ ଧାନ ଚାଷ ସମୟରେ ବଜ୍ରପାତ ଯୋଗୁଁ ଅନେକ ଚାଷୀଙ୍କ ଜୀବନ ଯାଉଛି। ତେଣୁ ସରକାର ପ୍ରତିକାର ସ୍ୱରୂପ ଚାଷଜମି ହିଡ଼ରେ ତାଳଗଛ ଲଗାଇବାକୁ ଘୋଷଣା କରିଥିଲେ। ଘୋଷଣାକୁ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଯୋଜନା ବ୍ୟାପକ ଭାବେ କାର୍ଯ୍ୟକାରୀ ହୋଇନାହିଁ। ରାସଗୋବିନ୍ଦପୁର ରେଞ୍ଜ ଅଧୀନରେ ଥିବା ଚିତ୍ରଡ଼ା ଓ ହଳଦୀପାଳ ପଞ୍ଚାୟତରେ କୌଣସି କେନାଲ ଆଡ଼ି କିମ୍ବା ଚାଷଜମି ହିଡରେ ଗୋଟିଏ ବି ଗଛ ଲଗାଯାଇନାହିଁ। ଫଳରେ ଉକ୍ତ ଯୋଜନା ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି। ଏ ସମ୍ପର୍କରେ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ତାଙ୍କ ଏରିଆ ୪୪୭ ବର୍ଗ ହେକ୍ଟର ଥିବାବେଳେ ସଂରକ୍ଷିତ ଜଙ୍ଗଲ

### ଚିତ୍ରଡ଼ା ଓ ହଳଦୀପାଳ ଅଞ୍ଚଳରେ ଗୋଟାଏ ବି ନାହିଁ ଗଛ

ଦେଇଯାଇଥିବା କେନାଲ ଆଡ଼ିରେ ୫ ହଜାର ତାଳ ମଞ୍ଜି ଲାଗିଥିବାବେଳେ ସେଥିରୁ ଅନେକ ଗଛ ବଞ୍ଚି ରହିଛି। ତେବେ ଗୋଟାଏ ଗଛ ଲଗାଇବା ପାଇଁ ସରକାର ୧୫ ଟଙ୍କା ମୂଲ୍ୟ ଧାର୍ଯ୍ୟ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ଚିଠି ଆସିନାହିଁ। ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଆସିଲେ ତାଳ ମଞ୍ଜି ଲଗାଯିବ ବୋଲି କହିଛନ୍ତି। ଦିନକୁ ଦିନ ବଜ୍ରପାତଜନିତ ଚାଷୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

# ପୁରୀ-ବାଙ୍ଗିରିପୋଷି ଟ୍ରେନ୍ ସ୍ତର ହ୍ରାସ ଅଭିଯୋଗ

**ବେତନଟୀ, ୧୩।୬(ସମିସ):** ମୟୂରଭଞ୍ଜର ବାଙ୍ଗିରିପୋଷିଠାରୁ ୧୮୪୦୧ ନମ୍ବର ଟ୍ରେନ ସକାଳ ୪ଟାରୁ ପୁରୀ ଅଭିମୁଖେ ଯାଇ ପୁଣି ୧୮୪୦୨ ନମ୍ବର ହୋଇ ପୁରୀରୁ ଅପରାହ୍ଣ ୪ଟାରେ ପୁରୀ ଛାଡ଼ିଥାଏ। ଏହା ରାତି ୧୧.୧୫ ସୁଦ୍ଧା ବାଙ୍ଗିରିପୋଷିରେ ପହଞ୍ଚିବାର ସମୟ ଧାର୍ଯ୍ୟ ହୋଇଛି। ଉକ୍ତ ଟ୍ରେନ୍ ଇଷ୍ଟକୋଷ୍ଟ ରେଳ ଡିଭିଜନରେ ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ଆସେ ଓ ସେଠାରୁ ଦକ୍ଷିଣ-ପୂର୍ବ ରେଳ ଡିଭିଜନରେ ବାଙ୍ଗିରିପୋଷି ପର୍ଯ୍ୟନ୍ତ ଚାଲେ। ତେବେ କିଛିମାସ ତଳେ ରେଳ ବିଭାଗ ହଠାତ ଏହାର ସ୍ତର ହ୍ରାସ କରି ସୁପରଫାଷ୍ଟରୁ ଏକ୍ସପ୍ରେସ ଓ ଟ୍ରେନ ନମ୍ବରରେ ପରିବର୍ତ୍ତନ କରିଛନ୍ତି। ଯାତ୍ରୀଙ୍କ ଆଶା, ଆଶଙ୍କା ଶେଷରେ ସତ୍ୟରେ ପରିଣତ ହୋଇ ଜିଲ୍ଲାର ଏକମାତ୍ର ଜୀବନରେଖା ରୂପକ ଟ୍ରେନର କଚ୍ଛପଗତି ସମସ୍ତଙ୍କୁ ବ୍ୟଥିତ କରିଛି। ପୁରୀ ଯିବାବେଳେ ସାମାନ୍ୟ ବିଳମ୍ବ ହୋଇଥାଏ। କିନ୍ତୁ ପୁରୀରୁ ଫେରିବା ସମୟରେ ଅହେତୁକ ବିଳମ୍ବ ଯୋଗୁଁ ଟ୍ରେନ ଛାଡି ବସ୍‌ରେ ଫେରିବାକୁ ଯାତ୍ରୀ ଶ୍ରେୟ ମନେ କରୁଛନ୍ତି। ଏଭଳି ବିଳମ୍ବ ଦିନେ ଅଧେ ନୁହେଁ, ମାସରେ ୨୫ ଦିନ ହେଉଛି। ପ୍ରତ୍ୟେକ ଷ୍ଟେସନ ପୂର୍ବରୁ ଥରେ ଓ ଷ୍ଟେସନରେ ଥରେ ଏପରି ପ୍ରତ୍ୟେକ ସ୍ଥାନରେ ୨ ମିନିଟ୍ ସ୍ଥଳେ ୨୦ରୁ ୨୫ ମିନିଟ୍ ବିଳମ୍ବ ହେଉଛି। ଫଳରେ ପ୍ରତ୍ୟେକ ଷ୍ଟେସନର ୨୦ କି.ମି. ବ୍ୟାସାର୍ଦ୍ଧରେ ଥିବା ଦୂରର ଯାତ୍ରୀଙ୍କୁ ରାତିରେ ଘରକୁ ଯିବା ଫେରିବାକୁ ନାନା ଅସୁବିଧା ଓ ଅଧିକ ଗାଡ଼ି ଭଡା ଦେବାକୁ ବାଧ କରିଥାଏ। ଏମିତିବି ବିଳମ୍ବିତ ରାତିରେ ଏହି ଟ୍ରେନ ବାଙ୍ଗିରିପୋଷିରେ ପହଞ୍ଚିବା ମାତ୍ରେ ପୁଣି ପୁରୀ ତତ୍‌କ୍ଷଣାତ ଫେରିବାକୁ ବାଧ ହେଉଛି। ଏହି ଏକମାତ୍ର ଟ୍ରେନଟି ଏଠାରୁ ପୁରୀ ଯିବା ସମୟରେ ଅନ୍ୟ ପଟୁ ବାଙ୍ଗିରିପୋଷିକୁ ଅନ୍ୟଏକ ଟ୍ରେନ ଚଳାଚଳର ଦାବି କରାଯାଉଥିବା ସମୟରେ ଏପରି ଅବ୍ୟବସ୍ଥା ଯାତ୍ରୀଙ୍କୁ ନିରାଶ କରିଛି। ମୟୂରଭଞ୍ଜ ମହାରାଜାଙ୍କ ଅବଦାନ ପ୍ରତି ଏହା କୁଠାରଘାତ ନୁହେଁ ତ ବୋଲି ସିଭିଲ ସୋସାଇଟି ବେତନଟୀର ସମ୍ପାଦକ ଆଡଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ପ୍ରଶ୍ନ କରି ଏହାର ପ୍ରତିକାର ନିମନ୍ତେ ଖଡ଼ଗପୁର ଡିଆରଏମ୍‌ଙ୍କୁ ଇମେଲ ବାର୍ତ୍ତା ପ୍ରେରଣ କରିଥିବା ଜଣାପଡ଼ିଛି।

# ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ପାଇଁ ସୃଷ୍ଟିହେଲା ପ୍ରଶାସନିକ ଅଧିକାରୀ ପଦ

**ବାରିପଦା, ୧୩।୬(ସମିସ):** ମୟୂରଭଞ୍ଜର ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ ଅଧିକାରୀ ପଦ ସୃଷ୍ଟି କରାଯାଇଛି। ଏ ନେଇ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀମତୀ ମହାନ୍ତ ଗତ ଜାନୁଆରୀ ମାସରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖି ଏମଏସସିବି ବିଶ୍ୱବିଦ୍ୟାଳୟର ବିଭିନ୍ନ ନିୟମିତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଅନୁମୋଦନ ସହିତ ସ୍ୱୟଂ ଅର୍ଥପୋଷିତ (ଏସଏଫସି) ବିଭାଗର ନିୟମିତୀକରଣ, ପ୍ରଶାସନିକ ଅଧିକାରୀ, ସହକାରୀ ପଞ୍ଜିକାର ଭଳି ଗୁରୁତ୍ୱପୂର୍ଣ୍ଣ ପଦ ସୃଷ୍ଟି ପାଇଁ ଦାବି ଉଠାଇଥିଲେ। ବିଶ୍ୱବିଦ୍ୟାଳୟର ସୁଚାରୁ ପରିଚାଳନା ଓ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଏହି ପଦକ୍ଷେପ ଅତ୍ୟାବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ପ୍ରତି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଏମଏସସିବି ବିଶ୍ୱବିଦ୍ୟାଳୟ ପାଇଁ ଏକ ପ୍ରଶାସନିକ ଅଧିକାରୀ ପଦ ସୃଷ୍ଟି କରାଯାଇଛି। ଏହା ଦୀର୍ଘଦିନର ଦାବି ପୂରଣ ହେବା ସହିତ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟକଳାପକୁ ଅଧିକ ଗତିଶୀଳ ଓ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଶ୍ରୀମତୀ ମହାନ୍ତ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀ ଓ ଉଚ୍ଚଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ସେ ଆଶା ପ୍ରକାଶ କରିଛନ୍ତି, ଆଗାମୀ ଦିନରେ ଶିକ୍ଷକ ଓ ଅଣଶିକ୍ଷକଙ୍କ ଖାଲି ପଦବୀ ପୂରଣ ସହିତ ଅନ୍ୟାନ୍ୟ ଆବଶ୍ୟକ ପଦବୀ ମଧ୍ୟ ଶୀଘ୍ର ଅନୁମୋଦନ କରାଯିବ। ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଶିକ୍ଷବିତ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବାବେଳେ ଏହା ଏମଏସସିବି ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତି ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ କରିଛନ୍ତି।

# ବଡ଼ସାହି ମାନବ ଅଧିକାର ମିଶନର ପ୍ରତିଷ୍ଠା ଦିବସ



**ବଡ଼ସାହି, ୧୩।୬(ସମିସ):** ବଡ଼ସାହି ମଣ୍ଡଳ ପକ୍ଷରୁ ମାନବ ଅଧିକାର ମିଶନର ପ୍ରତିଷ୍ଠା ଦିବସ ବଡ଼ସାହି ହାଟ ନିକଟସ୍ଥ ଶ୍ରୀମତୀ ସାମାଜିକ ସେବା ସଦନ ପରିସରରେ ଅବସ୍ଥିତ ମଣ୍ଡଳର ସ୍ଥାୟୀ କାର୍ଯ୍ୟାଳୟରେ ସଭାପତି ସୁବୋଧ କୁମାର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ପ୍ରାରମ୍ଭରେ ମଣ୍ଡଳର ସାଧାରଣ ସମ୍ପାଦକ ରଣଜିତ କୁମାର ଦାସ ମଣ୍ଡଳର ବିଗତ ଦିନରେ ଅନୁଷ୍ଠିତ ହୋଇଥିବା ବୈଠକ ସମ୍ବନ୍ଧରେ ତଥ୍ୟ ସମ୍ବଳିତ ଏକ ଦୀର୍ଘ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ରାଜେନ୍ଦ୍ର କୁମାର ଜେନା, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ବଳ, ମୁଖପାତ୍ର ସଚୀନ୍ଦ୍ର କୁମାର ବିଶ୍ୱାଳ, ମିଡ଼ିଆ ସମ୍ପାଦକ ଅମୀୟ କୁମାର ବଳ, ଆଇନ ସମ୍ପାଦକ ମୃତ୍ୟୁଞ୍ଜୟ ଦ୍ୱିବେଦୀ, ମୁଖପାତ୍ର ଲଳିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମଣ୍ଡଳର ବର୍ତ୍ତମାନର ସ୍ଥିତି, ଅବସ୍ଥିତି, ପରିସ୍ଥିତି ଓ ପ୍ରସ୍ତାବିତ ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା କରିଥିଲେ। ମଣ୍ଡଳ ମୁଖପାତ୍ର ସଚୀନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# କାହା ପାଇଁ ଯୋଜନା; ଛେଳି ଅଛି ଘର ନାହିଁ

**ମହୁଲଡିହା, ୧୩।୬(ସମିସ):** ଠାକୁରମୁଣ୍ଡା ବ୍ଲକର ଏକାଧିକ ଯୋଜନା ଏଠି ବାଟବଣା। ଯାହାର ସୁନା ଅଛି, ତାହାର କାନ ନାହିଁ। ପୁଣି ଯାହାର କାନ ଅଛି, କିନ୍ତୁ ସୁନା ନାହିଁ। ଯାହାକି ସରକାରଙ୍କ ଯୋଜନାର ପ୍ରକୃତ ହିତାଧିକାରୀଙ୍କୁ ଏଠାରେ ସାମିଲ ହୋଇପାରୁନାହାନ୍ତି। ପ୍ରକୃତରେ ଏଠି ଯାହାର ଛେଳି ଅଛି ତା'ର ଘର ନାହିଁ। ଯାହାଙ୍କୁ ଛେଳି ଘର ମିଳିଛି, ତାଙ୍କର ଛେଳି ନାହିଁ। ଏହା ଜୁଡ଼ାମ୍ବ ସାହିର ଅଜୟ କୁମାର ମହାନ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେ ଛେଳି ପାଳିଥିଲେ ହେଁ ତାଙ୍କୁ ଘର ମିଳି ନ ଥିବା ଅଭିଯୋଗ ହେଉଛି।



ଠାକୁରମୁଣ୍ଡାରୁ ମାତ୍ର ୨ କିମି ଦୂର ଠାକୁରମୁଣ୍ଡା-ଭୁବନେଶ୍ୱର ରାସ୍ତା ପାର୍ଶ୍ୱରେ ରହିଛି ହାଣ୍ଡିଫୁଟା ଗ୍ରାମର ଜୁଡାମ୍ବ ସାହି। ଏଠାରେ ରହନ୍ତି ଅଜୟ କୁମାର ମହାନ୍ତ। ଅଜୟଙ୍କ ଆୟର ମୁଖ୍ୟ ସ୍ରୋତ ହେଉଛି ଛେଳି ଚାଷ। ବର୍ତ୍ତମାନ ସେ ୪୯ଟି ଛେଳି ରଖିଛନ୍ତି। ଘର ନ ଥିବାରୁ ସେ ଯେଉଁ ଘରେ ରହୁଛନ୍ତି, ସେହି ଘରେ ଛେଳି ରଖିଛନ୍ତି। ଯଥାର୍ଥରେ କହିବାକୁ ଗଲେ ଅସ୍ୱାସ୍ଥ୍ୟକର ପରିବେଶରେ ତାଙ୍କୁ ରହିବାକୁ ପଡୁଛି। ଠାକୁରମୁଣ୍ଡା ବ୍ଲକର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଲୋକେ ଛେଳି ରଖିଛନ୍ତି। ପ୍ରତି ପରିବାରରେ ଅନ୍ତତଃ ପକ୍ଷେ ସର୍ବନିମ୍ନ ୫/୬ଟି ଛେଳି ଓ ଦେଶୀ କୁକୁଡ଼ା ନିଶ୍ଚିତ ରହିଛି। ଛେଳି, କୁକୁଡ଼ା ଓ ମଣିଷ ଏକତ୍ର ବାସ କରୁଥିବା ଅନେକ ଗାଁରେ ନଜିର ରହିଛି। କିନ୍ତୁ ଏଠାରେ ଅଜୟଙ୍କ କଥା ଭିନ୍ନ। ତାଙ୍କର ଗୋଟିଏ କି ଦୁଇଟି ନୁହେଁ, ବରଂ ୪୯ଟି ଛେଳି ଅଛନ୍ତି। ତାଙ୍କୁ ଜଣେ ସଫଳ ଛେଳି ଚାଷୀ ଭାବେ କୁହାଯାଇପାରିବ। ମାତ୍ର ଛେଳି ଘର କରିବା ପାଇଁ ତାଙ୍କର ସାମର୍ଥ୍ୟ ନାହିଁ। ସେ ପରିବାର ପ୍ରତିପୋଷଣ ପାଇଁ ଛେଳି ଚାଷକୁ ଆପଣେଇଛନ୍ତି। ମୁଣ୍ଡ ଗୁଞ୍ଜିବାକୁ କରିଥିବା ଘରେ ଛେଳି ରଖିବାକୁ ବାଧ ହେଉଛନ୍ତି। ସରକାରଙ୍କ ଯୋଜନାରେ ଛେଳି ଘର ସହାୟତା ରହିଛି। ପ୍ରାଣୀ ଚିକିତ୍ସା ବିଭାଗରେ ୩୦+୧ ଭଳି ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସବସିଡି ମଧ୍ୟ ରହିଛି। ଏଠାରେ ବ୍ଲକ କିମ୍ବା ଅନ୍ୟ ବିଭାଗ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇନାହିଁ। ଅଜୟଙ୍କ କହିବା କଥା ନାମ ଅନେକ ଥର ଲେଖିକି ନେଲେଣି କିନ୍ତୁ ଫଳ ଶୂନ। ଯୋଗ୍ୟ ଲୋକଙ୍କ ପାଖରେ ଏହି ଯୋଜନା ପହଞ୍ଚିପାରୁନାହିଁ। ଏଥିରେ ଚାଷୀର ଆୟ ୨ ଗୁଣ ହେବ କିପରି ବୋଲି ପ୍ରଶ୍ନ କରିଛନ୍ତି। ଠାକୁରମୁଣ୍ଡା ଶିମିଳିପାଳ ପାଦଦେଶରେ ଥିବା ଏକ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳ। ବ୍ଲକ ନିକଟବର୍ତ୍ତୀ ଚାଷୀ ଯଦି ଏହି ଯୋଜନାରେ ଲାଭରୁ ବଞ୍ଚିତ ହେଉଛନ୍ତି, ତେବେ ଦୂରଦୁରାନ୍ତରେ ଥିବା ହିତାଧିକାରୀ କିପରି ସରକାରୀ ସୁବିଧା ପାଉଥିବେ, ତାହା ଅନୁସନ୍ଧାନ ସାପେକ୍ଷ।

# ମୁଣ୍ଡାରୀ ଶିକ୍ଷା ପରିଷଦ ପକ୍ଷରୁ ମୁଣ୍ଡାରୀ ବାନି ସାକ୍ଷରତା ପରୀକ୍ଷା



**ବାରିପଦା, ୧୩।୬(ସମିସ):** ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପରିଚାଳିତ ମୁଣ୍ଡାରୀ ଶିକ୍ଷା ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମୁଣ୍ଡାରୀ ଭାଷାରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ କରିବା ତଥା ମୁଣ୍ଡାରୀ ଭାଷାର ସମ୍ମାନର ସୁରକ୍ଷା ନିମନ୍ତେ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମରେ ମୁଣ୍ଡାରୀ ଭାଷାରେ ରବିବାରିଆ ବିଦ୍ୟାଳୟମାନ ଖୋଲାଯାଇ ପିଲାମାନଙ୍କୁ ମୁଣ୍ଡାରୀ ଭାଷାର ଲିପି ମୁଣ୍ଡାରୀ ବାନି ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ପ୍ରତିବର୍ଷ ମୁଣ୍ଡାରୀ ଭାଷା ସାକ୍ଷରତା ବାର୍ଷିକ ପରୀକ୍ଷା ଆୟୋଜନ କରାଯାଉଛି। ଏହି ପରୀକ୍ଷାରେ କୃତକାର୍ଯ୍ୟ ହେଉଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଚଳିତବର୍ଷ ୩୨ଟି ପରୀକ୍ଷା କେନ୍ଦ୍ରରେ ୬୭୮ ଜଣ ପରୀକ୍ଷାର୍ଥୀ ମୁଣ୍ଡାରୀ ଭାଷା ପରୀକ୍ଷା ଦେଉଛନ୍ତି। ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବୀରବଲ ସିଂ, ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ପର୍ଯ୍ୟବେକ୍ଷକ ଶଶୀଧର ସିଂ, ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, ଉମେଶ ଚନ୍ଦ୍ର ସିଂ ପ୍ରମୁଖ ପରୀକ୍ଷା କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ସମସ୍ତ ୩୨ଟି ମୁଣ୍ଡାରୀ ଭାଷା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବ୍ଲକ ଆବାହକ, କର୍ମକର୍ତ୍ତା ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

# ଥାର୍ ଗାଡ଼ି ଭଙ୍ଗା ରୁଜା ଘଟଣାରେ ୨ ଗିରଫ

**ବୈଶିଙ୍ଗା, ୧୩।୬(ସମିସ):** ବଡ଼ସାହି ଥାନା ଅନ୍ତର୍ଗତ ବଡ଼ଗମ୍ଭାରିଆ ଗ୍ରାମର ଚନ୍ଦନ ଗିରି, ବୈଶିଙ୍ଗା ଅଞ୍ଚଳର ବିଶ୍ୱଜିତ ଦାସ ଓ କାହ୍ନୁଚରଣ ବାରିକ ଗତ ମାର୍ଚ୍ଚ ମାସ ୨୦ ତାରିଖରେ ଏକ ମହିନ୍ଦ୍ରା ଥାର୍ ଗାଡ଼ି ଯୋଗେ ଯାଉଥିବାବେଳେ ବୈଶିଙ୍ଗା ବଜାର ପାଖରୁ ସେମାନଙ୍କୁ ପିଛା କରୁଥିବା ତିନୋଟି କାର ତାଙ୍କ ଥାର୍ ଗାଡ଼ିକୁ ଅତିକ୍ରମ କରି ସାମନାକୁ ଆସି ଯୁଗଳ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ସେମାନେ ଅଟକିବା ପରେ ତିନୋଟି ଗାଡ଼ିରୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯୁବକ ଆସି ସେମାନଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ଲୁହା ରଡ଼୍‌ରେ ଥାର୍ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଚନ୍ଦନ ପିନ୍ଧିଥିବା ସୁନାଚେନ୍ ଓ ବ୍ରେସଲେଟ ନେଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ କରାଯାଇ ଥାନାଧିକାରୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ସେବେଠାରୁ ଅଭିଯୁକ୍ତମାନେ ଫେରାର ଥିବା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ କାଲି ରାତିରେ ଦୁଇ ଅଭିଯୁକ୍ତ ରଘୁପୁର ଗ୍ରାମର ମୋହିତ ସେନାପତି ଓ ଅଁଳା ଗ୍ରାମର ସୁବ୍ରତ ଦଳେଇଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଶୁଭ କାମରେ ଖୋଜାପଡ଼େ ସୋଲ ସାମଗ୍ରୀ

# ମିଳୁନି କଞ୍ଚାମାଲ ଓ ସରକାରୀ ପ୍ରୋତ୍ସାହନ, ବୁଡ଼ିବାକୁ ବସିଚି ବେଉସା

**ବଡ଼ସାହି, ୧୩।୬(ସମିସ):** ପୂଜା, ବିଭାଘର, ବ୍ରତଘର ଆଦି ଶୁଭ କାର୍ଯ୍ୟରେ ସୋଲରେ ତିଆରି ମୁକୁଟର ଆବଶ୍ୟକ ପଡିଥାଏ। ରାହାସ ପୂର୍ଣ୍ଣିମାରେ ଦରକାର ପଡ଼େ ସୋଲ ଡଙ୍ଗା। ଏହି ସୋଲ ତିଆରି ସାମଗ୍ରୀକୁ ମାଳି ସମ୍ପ୍ରଦାୟ ଲୋକେ ତିଆରି କରି ବଜାରରେ ବିକି ଦି ପଇସା ରୋଜଗାର କରିଥା'ନ୍ତି। ଗହ୍ମା ପୂର୍ଣ୍ଣମୀରେ ମାଳି ଫୁଲରେ ଗୁହାଳରେ ଗୋରୁଙ୍କୁ ପୂଜା କରାଯାଇଥାଏ। ଗଣେଶ ଓ ସରସ୍ୱତୀ ପୂଜାରେ ମଧ୍ୟ ମାଳିଙ୍କ ଦ୍ୱାରା ନିର୍ମିତ ଫୁଲହାର ପୂଜାରେ ବ୍ୟବହାର ହୋଇଥାଏ। ବର୍ତ୍ତମାନ ଯୁଗରେ କମୁଛି ସୋଲ ତିଆରି ସାମଗ୍ରୀର ଚାହିଦା। ମିଳୁନି କଞ୍ଚାମାଲ ଓ ସରକାରୀ ପ୍ରୋତ୍ସାହନ। ଫଳରେ ବୁଡ଼ିବାକୁ ବସିଛି କୁଳ ବେଉସା। ତେଣୁ ଏହାକୁ ବଞ୍ଚାଇ ରଖିବାକୁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ବଡ଼ସାହି ବ୍ଲକର ବିଭିନ୍ନ ଗ୍ରାମରେ ମାଳି ସମ୍ପ୍ରଦାୟର ଲୋକ ବାସ କରୁଥିବାବେଳେ କୌଳିକ ବୃତ୍ତିକୁ ପାଥେୟ କରି ପରିବାର ପ୍ରତିପୋଷଣ କରନ୍ତି। ସେମାନଙ୍କ ଦ୍ୱାରା ନିର୍ମିତ ସୋଲ ତିଆରି ସାମଗ୍ରୀକୁ ସେମାନେ ନିକଟସ୍ଥ ବଡସାହି, ମାଣତ୍ରୀ, ପ୍ରତାପପୁର, ତାଳପଦା ଓ ଚାନ୍ଦଡିହା ହାଟ ଓ ଛକମାନଙ୍କରେ ବିକିବା ସହିତ ଗାଁରେ ବୁଲି ବିକ୍ରି କରି ଭଲ ରୋଜଗାର କରୁଥିଲେ। ଏବେ ଏସବୁର ଚାହିଦା କମିଯାଇଥିବାରୁ କେବଳ ଏହି ବେଉସାରେ କୁଟୁମ୍ବ ପୋଷିବା କଷ୍ଟକର ହୋଇପଡୁଛି। ସେଥିପାଇଁ ଆମ ପିଲାମାନେ ବାହାର ରାଜ୍ୟକୁ ଯାଉଥିବା ଏହି ସମ୍ପ୍ରଦାୟର କେତେକ ଲୋକ କ୍ଷୋଭର ସହ କହିଛନ୍ତି। ବର୍ତ୍ତମାନ ସୋଲର ଅଭାବ ଓ ସେମାନଙ୍କ କୌଳିକ ବୃତ୍ତିକୁ



ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ବେଉସା ବୁଡିବାକୁ ବସିଲାଣି। ଏ ନେଇ ଜଣେ କାରିଗର କୁହନ୍ତି, ପୂର୍ବ ପୁରୁଷ ଏହାକୁ ବେଉସା କରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ କିନ୍ତୁ ଚାହିଦା କମିଛି। ଫଳରେ ଆମ ପିଲାମାନେ ଏଥିରୁ ମୁହଁ ଫେରାଉଛନ୍ତି। ଆମକୁ ସରକାରୀ ପ୍ରୋତ୍ସାହନ ମିଳିଲେ, ସୋଲରେ ତିଆରି କାରୁକାର୍ଯ୍ୟ ଆହୁରି ଉନ୍ନତ ହୋଇପାରନ୍ତା। ତେଣୁ ସରକାର ଏହି କାରିଗରଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି ହୋଇଛି।

## ଭରାଣ୍ଡିଆ-ବେହେରା ସାହି ପାତରବେଡ଼ା ରାସ୍ତା ଶୋଚନୀୟ

# ବର୍ଷାଦିନେ ଅବସ୍ଥା ସଙ୍ଗୀନ, ମରାମତି ଦାବି

**ଠାକୁରମୁଣ୍ଡା, ୧୩।୬(ସମିସ)**

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଭରାଣ୍ଡିଆ ପଞ୍ଚାୟତର ଭରାଣ୍ଡିଆ ବେହେରା ସାହିରୁ କେନ୍ଦୁଝର ଜିଲ୍ଲା ସୀମାନ୍ତ ପାତରବେଡ଼ା ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ସ୍ଥାନୀୟ ଲୋକ ଯାତାୟାତରେ ବହୁ ସମସ୍ୟା ଭୋଗ କରୁଛନ୍ତି। ବର୍ଷାଦିନେ ଅବସ୍ଥା ସଙ୍ଗୀନ ହୋଇପଡୁଛି। ପ୍ରଶାସନର ଉଦାସୀନତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।



ପ୍ରାୟ ପାଞ୍ଚବର୍ଷ ପୂର୍ବେ ଏହି ରାସ୍ତାରେ ମେଟାଲିଂ କାର୍ଯ୍ୟ କରାଯାଇଥିଲା। ୬ ମାସ ମଧ୍ୟରେ ରାସ୍ତାରୁ ମେଟାଲ ଉଠିଯିବା ସହ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଖାଲଖମା ଓ କାଦୁଅରେ ପୂର୍ଣ୍ଣ ହୋଇଥିବାରୁ ସାଇକଲ କିମ୍ବା ବାଇକ୍‌ରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ଚାରିଚକିଆ ଯାନ ଚଳାଚଳ କରିବା ତ ଦୂରର କଥା, ଅନେକ ସ୍ଥାନରେ ପାଦରେ ଚାଲିବା ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହି ରାସ୍ତାଟି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ମଧ୍ୟରେ ଏକ ପ୍ରମୁଖ ସଂଯୋଗ ପଥ ହୋଇଥିବାରୁ କେନ୍ଦୁଝର ଜିଲ୍ଲାର ପଣସଡିହା ଓ ମନୋହରପୁର ପଞ୍ଚାୟତର ଶତାଧିକ ଲୋକ ଠାକୁରମୁଣ୍ଡା ବଜାର, ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତାର ଅବସ୍ଥା ଖରାପ ଥିବାରୁ ସେମାନଙ୍କୁ ଅଧିକ ଦୂର ବିକଳ୍ପ ରାସ୍ତାରେ ଯାତାୟାତ କରିବାକୁ ପଡୁଛି। ଫଳରେ ଅଧିକ ସମୟ ଓ ଅର୍ଥ ବ୍ୟୟ ହେଉଛି। ବିଶେଷକରି ଜରୁରିକାଳୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ରାସ୍ତା ବଡ଼ ସମସ୍ୟା ସୃଷ୍ଟି କରୁଛି। ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ କିମ୍ବା ଅଟୋ ଗ୍ରାମକୁ ଯାଇପାରୁନାହିଁ। ରୋଗୀଙ୍କୁ ଖଟିଆ କିମ୍ବା ଅନ୍ୟ ଉପାୟରେ ଦୂର ପର୍ଯ୍ୟନ୍ତ ନେଇଯିବାକୁ ପଡୁଥିବାରୁ ଲୋକମାନେ ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ବର୍ଷାଦିନେ ଅବସ୍ଥା ଆହୁରି ସଙ୍ଗୀନ ହୋଇପଡୁଛି।

ଭରାଣ୍ଡିଆ ବେହେରା ସାହିର ପ୍ରାୟ ୬୦ଟି ପରିବାରର ୧୮୦ରୁ ଅଧିକ ଲୋକଙ୍କ ଜୀବନ ଏହି ରାସ୍ତା ସମସ୍ୟା ଯୋଗୁଁ ପ୍ରଭାବିତ ହେଉଛି। ଘରୁ ବାହାରିବା ମାତ୍ରେ ଖାଲଖମା ଓ କାଦୁଅ ଭର୍ତ୍ତି ରାସ୍ତା ସେମାନଙ୍କ ପାଇଁ ମୁଖ୍ୟ ବାଧା ପାଲଟିଛି। ଏପରିକି ପାନୀୟ ଜଳ ଆଣିବା ପାଇଁ ମଧ୍ୟ ଲୋକଙ୍କୁ ଅନେକ କଷ୍ଟ ସହିବାକୁ ପଡୁଛି। ସ୍ଥାନୀୟ ବାସିନ୍ଦା ଝୁନୁ ବେହେରା ଦୁଃଖଭରା କଣ୍ଠରେ କହିଛନ୍ତି, ଘରୁ ବାହାରିଲେ ରାସ୍ତା ସାରା ଖାଲ, ପାଣି ଓ କାଦୁଅ। ନା ଆମେ ପାଣି ଆଣିବାକୁ ଠିକ୍ ଭାବେ ଯାଇପାରୁଛୁ, ନା ଅନ୍ୟକୌଣସି କାମରେ ବାହାରିପାରୁଛୁ। କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ପହଞ୍ଚି ପାରୁନାହିଁ। ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଆମ ସମସ୍ୟା ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଅଞ୍ଚଳବାସୀଙ୍କ ଦାବି ହେଉଛି, ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ କଂକ୍ରିଟ୍ କରାଯାଉ। ଏହାଦ୍ୱାରା ଦୁଇ ଜିଲ୍ଲାର ଲୋକଙ୍କ ଯାତାୟାତ ସୁବିଧାଜନକ ହେବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ କ୍ଷେତ୍ରରେ ମଧ୍ୟ ବିକାଶ ସମ୍ଭବ ହେବ। ତେଣୁ ପ୍ରଶାସନ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଢୁଛି ପୁଅର ମୁଣ୍ଡ, ବଢ଼ିଚାଲିଛି ମାଆର ଚିନ୍ତା

ଉଦଳା,୧୩।୬(ସମିସ): ବଢୁଛି ପୁଅର ମୁଣ୍ଡ, ବଢ଼ିଚାଲିଛି ପରିବାରର ଦୁଃଖ। କାହିଁକେତେ ତପସ୍ୟା ପରେ ଭଗବାନଙ୍କ କୃପାରୁ ସନ୍ତାନଟିଏ ଜନ୍ମ ଲାଭ କରିଥାଏ। ପରିବାର ମଧ୍ୟରେ ହସ ଖୁସିର ଲହରୀ ଖେଳିଯାଇଥାଏ। ପିତାମାତାଙ୍କର ଥାଏ ଅସୁମାରୀ ସ୍ୱପ୍ନ। କିନ୍ତୁ ହଠାତ୍ ଜୀବନ ମଧ୍ୟକୁ ପ୍ରବେଶ କରିଥାଏ ଲୋତକପୂର୍ଣ୍ଣ ମୁହୂର୍ତ୍ତ। ଶିଶୁଟି ଜନ୍ମ ନେବା ପରେ ପରିବାର ଲୋକଙ୍କ ଖୁସି ପରିବର୍ତ୍ତେ ମାଡ଼ିଆସିଛି କଷ୍ଟ। ସତେ ଯେମିତି ଗରିବ ଓ ଦିନମଜୁରିଆଙ୍କ ଉପରେ ଦୁଃଖର ପାହାଡ଼ ଠିଆ ହୋଇଛି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ତଳପଡ଼ିଆ ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଦେବେନ୍ଦ୍ର ମଢେଇ ତାଙ୍କ ପତ୍ନୀ ମିତା ମଢେଇଙ୍କ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ଯାହାର ନାମ ରାଜେଶ। ମାସେ ପରେ ରାଜେଶର ମୁଣ୍ଡ ବଢ଼ିବା ଦେଖିବାକୁ ମିଳିଥିଲା। ପିଲାଟି ସବୁବେଳେ ଶୋଇ ରହୁଥିବାବେଳେ ରାତିରେ ମାଆ ମଧ୍ୟ ଶୋଇ ପାରୁନାହିଁ। ମାଆ ମିତା ପୁଅର ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ନେଇଥିବାବେଳେ ଡାକ୍ତର ଦୁଇରୁ ତିନି ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଫଳରେ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ମିତାଙ୍କ ପରିବାର କହିଲେ ସ୍ୱାମୀ ଦେବେନ୍ଦ୍ର ଓ ଦୁଇ ପିଲା। ମଜୁରୀ ଲାଗିଲେ ପରିବାର ଚଳେ। କାମ ନ ମିଳିଲେ ଓଳିଏ ଖାଇଲେ ଓଳିଏ ଉପାସ ରୁହନ୍ତି ପରିବାର। ପୁଅର ଯନ୍ତ୍ରଣା ଦେଖି ଭାଙ୍ଗିପଡିଛନ୍ତି ବାପାମାଆ। ଗୋଟିଏ ପଟେ ଚିକିତ୍ସା ପାଇଁ ଅର୍ଥର ଅଭାବ, ଅନ୍ୟପଟେ ଗରିବି ସତେ ଯେମିତି ଦୁଃଖର ପାହାଡ଼ରେ ଛିଡ଼ା କରିଦେଇଛି। ପୁଅର ଚିକିତ୍ସା ପାଇଁ ଯାହା କିଛି ଥିଲା, ସବୁ ସାରିଦେଇଥିବାବେଳେ ଏହି ପରିବାର ଅତିଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ସରକାରୀ ସହାୟତା କିମ୍ବା ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ମିଳିଲେ ରାଜେଶର ଚିକିତ୍ସା କରାଇବା ସହ ପରିବାରର ଦୁଃଖ ଦୂର ହୋଇପାରିବ ବୋଲି କହିଛନ୍ତି ପଡୋଶୀ।



● ଚୋରି ଘଟଣାର ପର୍ଦ୍ଦାଫାସ

## ଗହଣା ଓ ନଗଦ ଟଙ୍କା ଉଦ୍ଧାର; ଦୁଇ ଗିରଫ



ବଡବିଲ,୧୩।୬(ସମିସ): କେନ୍ଦୁଝର ଜିଲ୍ଲା ବଡବିଲ ଥାନା ଅନ୍ତର୍ଗତ ଓଏମ୍‌ସି ଛକ ନିକଟ ରହୁଥିବା ବଳରାମ ସାହଙ୍କ ଘରୁ ସୁନା ଓ ରୁପା ଗହଣା ଚୋରି ଘଟଣାରେ ବଡ଼ବିଲ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏମଡି ରୁସ୍ତମ ଓ ସୁନା ଦୋକାନୀ ସାମସୁଦ୍ଦିନ ମଲିକ। ପଶ୍ଚିମବଙ୍ଗର ସାମସୁଦ୍ଦିନଙ୍କ ଏଠାରେ ଏକ ଗହଣା ଦୋକାନ ରହିଥିବା ବେଳେ ଅଭିଯୁକ୍ତ ରୁସ୍ତମର ଘର ବଡ଼ବିଲ ୮ ନଂ ୱାର୍ଡରେ। ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ନଗଦ ଚାଳିଶ ହଜାର ଟଙ୍କା, ଲୁହା ରଡ଼, ଲୁହା କାଟିବା ଯନ୍ତ୍ର ଏବଂ ଗୋଟିଏ ମୋଟର ସାଇକଲ ଜବଦ କରାଯାଇଛି। ସୂଚନା ମୁତାବକ, ଗତ ୧୧ ତାରିଖ ରାତ୍ର ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ତାଲା ଭାଙ୍ଗି ଘରେ ପଶି ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ। ଏ ବାବଦରେ ଅଭିଯୋଗ ପାଇବା ପରେ ବିଭିନ୍ନ ସ୍ଥାନରେ ଚଢଉ କରି ପୁଲିସ ପ୍ରଥମେ ରୁସ୍ତମ୍‌କୁ ଗିରଫ କରିଥିଲା। ତାକୁ ଜେରା ପରେ ତାଠାରୁ ଗହଣା କିଣିଥିବା ସୁନା ଦୋକାନୀ ସାମସୁଦ୍ଦିନଙ୍କୁ ଗିରଫ କରାଗଲା। ଅଭିଯୁକ୍ତଦ୍ୱୟଙ୍କୁ ଆଜି ଅଦାଲତ ଚାଲାଣ କରାଯାଇଛି। ଚୋରି ଅଳଙ୍କାର ମଧ୍ୟରୁ ୩.୫୦ ଗ୍ରାମ ସୁନା ଗହଣା ଓ ପ୍ରାୟ ୨କେଜି ଓଜନର ରୁପା ଗହଣା ଉଦ୍ଧାର କରାଯାଇଛି। ପ୍ରକାଶଯୋଗ୍ୟ ପେସାଦାର ବାହାରିଆ ଚୋରଙ୍କୁ ଧରିବା ପାଇଁ ସ୍ଥାନୀୟ ପୁଲିସ ଓ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଚାରି ଦିନ ପୂର୍ବରୁ କେତେକ ଅପରାଧୀଙ୍କ ଦ୍ୱାରା ବେଆଇନ ଭାବେ ନିର୍ମାଣ କରାଯାଇଥିବା ଗୃହ ଭଙ୍ଗା ଯାଇଥିଲା।

## ଯୌତୁକ ନିର୍ଯାତନା ଅଭିଯୋଗ

ଡୁରୁମୁଙ୍ଗା, ୧୩।୬(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଭୁଲୁଦା ଗ୍ରାମର ବିବାହିତା ମହିଳା ମମତା ମହାରଣାଙ୍କୁ ତାଙ୍କ ସ୍ୱାମୀ ହେମନ୍ତ ମହାରଣା ଯୌତୁକ ନିର୍ଯାତନା ଦେଉଥିବାର ଶନିବାର ଡୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ହେମନ୍ତ ଯୌତୁକ ଦାବିରେ ମମତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ୨୦୨୧ରେ ମମତାଙ୍କୁ ହେମନ୍ତ ବିବାହ କରିଥିଲେ। ଉଭୟ ଅପୁତ୍ରିକ ଥିବା ବେଳେ ହେମନ୍ତଙ୍କ ମାଡ ଗାଳି ସହି ନପାରି ମମତା ତାଙ୍କ ବାପ ଘର ବାରିଆ ଥାନା କୁମୁଡ଼ିକୁ ଚାଲିଯାଇଛନ୍ତି। ଏନେଇ ଡୁରୁମୁଙ୍ଗା ଥାନାରେ ମାମଲା ରଜୁ ହୋଇଛି।

### ଏବେ ଜଙ୍ଗଲରେ ନୁହେଁ, ଜନବସତିରେ ଗଜ

# ଖାଦ୍ୟ ଅଭାବ ଯୋଗୁଁ ଜଙ୍ଗଲରେ ରହୁନାହାନ୍ତି ହାତୀ

ମୋରଡ଼ା,୧୩।୬(ସମିସ):

ରଜ ଓଡ଼ିଶାର ଏକ ପାରମ୍ପରିକ ପର୍ବ ଓ ରାଜ୍ୟର ଗଣପର୍ବ ଭାବେ ପରିଚିତ ଥିବାବେଳେ ସାଧାରଣତଃ ଏହା ତିନିଦିନ ଧରି ପାଳନ କରାଯାଇଥାଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ହେଉଛି ଭୂମିଦାହ ବା ଭୂମି ଦହନ। ଏହି ତିନିଦିନ ସରିବା ପରେ ଚାଷୀ ବସୁମତୀ ତଥା ହଳଲଙ୍ଗଳ ପୂଜା କରିବା ସହ ଚାଷ କାମରୁ ତିନିଦିନ ପାଇଁ ବିରତି ନେଇଥା'ନ୍ତି। ତେବେ "ବନସ୍ତେ ଡାକିଲା ଗଜ... ବରଷକ ଥରେ ଆସିଛି ରଜ' ଗୀତଟି କାହିଁ କେତେ ପୁରୁଣା ଓ ରଜ ଦୋଳି ବେଳର ଗୀତ ଆଜି ଆଉ ଶୁଭୁନାହିଁ। ଦୋଳି ଲାଗିବାକୁ ଗଛ ନାହିଁ, ବନସ୍ତ ଛାଡ଼ି ଗଜ ଏବେ ଜନବସତି ମୁହାଁ ହୋଇଛି। ମୋରଡ଼ା ଓ ବେତନଟୀ ରେଞ୍ଜର ଅଧିକାଂଶ ସ୍ଥାନରେ ହାତୀ-ମଣିଷ ଲଢ଼େଇ ବଢୁଛି। ଜଙ୍ଗଲରେ ହାତୀ ତାଳ, ଆମ୍ବ ଓ ପଣସ ଭଳି ଖାଦ୍ୟ ଖାଉଥିବାବେଳେ ବାଉଁଶକୁ ପ୍ରମୁଖ ଖାଦ୍ୟ ଭାବେ ଗ୍ରହଣ କରିଥାଏ। ପୂର୍ବରୁ ଉକ୍ତ ଦୁଇ ରେଞ୍ଜ ଅଧୀନ ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ବାଉଁଶ ମିଳୁଥିଲା। ଏବେ ଜଙ୍ଗଲରେ ହାତୀଙ୍କୁ ଖାଇବା ପାଇଁ ଆବଶ୍ୟକ ପରିମାଣରେ ବାଉଁଶ ମିଳୁନାହିଁ। ଫଳରେ ହାତୀଙ୍କ ପାଇଁ ଜଙ୍ଗଲରେ ଖାଦ୍ୟାଭାବ ହୋଇଛି। ଜଙ୍ଗଲରେ

### ହାତୀ-ମଣିଷ ଲଢ଼େଇରେ ପଡୁନି ପୂର୍ଣ୍ଣଚ୍ଛେଦ

ହାତୀଙ୍କୁ ଆବଶ୍ୟକ ଖାଦ୍ୟ ମିଳୁ ନ ଥିବାରୁ ସେମାନେ ଜଙ୍ଗଲରୁ ବାହାରି ଖାଦ୍ୟ ଅନ୍ୱେଷଣରେ ଗାଁରେ ପଶୁଛନ୍ତି। ଏଥିପାଇଁ ଅନେକ ସମୟରେ ହାତୀ-ମଣିଷଙ୍କ ମଧ୍ୟରେ ଲଢେଇ ହେଉଛି ଓ ଏଥିରେ ଲୋକଙ୍କ ଜୀବନ ଯାଉଛି। ତେବେ ଗତ ଦୁଇବର୍ଷର ରେକର୍ଡକୁ ଦେଖିଲେ ଉକ୍ତ ଦୁଇ ରେଞ୍ଜରେ ପ୍ରାୟ କୋଡିଏରୁ ଊର୍ଦ୍ଧ୍ୱ ଲୋକେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବାବେଳେ ୮ଟି ହାତୀର ପ୍ରାଣ ଯାଇଛି। ହାତୀଙ୍କ ସୁରକ୍ଷା ସୁନିଶ୍ଚିତ ସହ ସେମାନଙ୍କ ବଂଶ ବୃଦ୍ଧି କରାଇବା ପାଇଁ ହେଲେ ଜଙ୍ଗଲରେ ଅଧିକ ପରିମାଣରେ ଖାଦ୍ୟ ମହଜୁଦ କରିବା, ବ୍ୟାପକ ଚାରା ରୋପଣ କରାଯାଇପାରିଲେ ହାତୀଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତି ହ୍ରାସ ପାଇପାରିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

## ଟଙ୍କା ନେଣଦେଣକୁ ନେଇ ଅପହରଣ ଓ ଆକ୍ରମଣ: ଦୁଇ ଗିରଫ

ଡୁରୁମୁଙ୍ଗା, ୧୩।୬(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଚେମଣା ଗ୍ରାମର ନିରାକାର ମହାନ୍ତ ଶୁକ୍ରବାର ସକାଳ ୯ଟାରେ ଛକରୁ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ହାଇସ୍କୁଲ ନିକଟରେ ତାଙ୍କୁ ଅଟକାଇ ଏକ ନାଲି ରଙ୍ଗର ଗାଡ଼ିରେ ୪ ଜଣ ଆସି ଜବରଦସ୍ତ ଟେକି ଗାଡିରେ ବସାଇ ଅପହରଣ କରି ନେବା ପରେ ୪୯ ନମ୍ବର ଜାତୀୟ ରାଜପଥର ମୁର୍ଗାପାଟ ନିକଟରୁ ପୁଣି ଗାଡି ବଦଳାଇ ଏକ ଧଳା ରଙ୍ଗର କାରରେ ନେଇ ଯିବା ପରେ ସି ଶରତ ଘାଟିରେ ଗାଡି ଭିତରେ ଭୁଜାଲି ଦେଖାଇ ଭୟଭୀତ କରିବା ସହ ମାଡ଼ ମାରି ନେଇ ବୈଶିଙ୍ଗା ଥାନା ଶାଳଗାଁ ଗ୍ରାମର ଦୀପାୟନ ସାହୁଙ୍କ ଘରେ ରଖିଥିଲେ। ଏନେଇ ନିରାକାରଙ୍କ ସ୍ତ୍ରୀ ବୈଦେହୀ ମହାନ୍ତ ଅଭିଯୋଗ ପରେ ଡୁରୁମୁଙ୍ଗା ପୁଲିସ ଓ ବାରିପଦା ସଦର ପୁଲିସ ପକ୍ଷରୁ ନିରାକାରଙ୍କୁ ଉଦ୍ଧାର କରାଯାଇଛି। ଡୁରୁମୁଙ୍ଗା ପୁଲିସ ଶନିବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଶାଳଗାଁ ଗ୍ରାମର ଦିପାୟନ ସାହୁ (୩୯) ଏବଂ କାର୍ ଡ୍ରାଇଭର ସଦର ଥାନା ମହୁଲିଆ ଗ୍ରାମର ସୁଶାନ୍ତ ବାରିକ(୩୦)। ଏନେଇ ଡୁରୁମୁଙ୍ଗା ଥାନାରେ ୧୫୧/୨୬ରେ ଏକ ଅପହରଣ ମାମଲା ରୁଜୁ ହୋଇଛି। ଏସଆଇ ସୁରେଶ ସାହୁ ଘଟଣାର ତଦନ୍ତ କରୁଛନ୍ତି। ନିରାକାର କହିଛନ୍ତି, ଦୀପାୟନ ସାହୁ ଏବଂ ବାରିଆ ଥାନା ସଡ଼ଙ୍ଗୀ ଗ୍ରାମର ମାନସ ସାହୁ ମିଶି ବୋରୱେଲ ଖୋଳିବା ପାଇଁ କହି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୫-୫୦ ଜଣ ଲୋକଙ୍କଠାରୁ ୩୫ ହଜାର ଟଙ୍କା ଲେଖାଏଁ ଟଙ୍କା ଠକି ନେଇଥିଲେ। ନିରାକାରଙ୍କ ଜରିଆରେ ମାନସ ସାହୁ ମଧ୍ୟ ଚେମଣା ପଞ୍ଚାୟତ ଅଞ୍ଚଳର ଲୋକଙ୍କୁ ମଧ୍ୟ ବୋରୱେଲ ଖୋଳାଇ ଦେବାକୁ ୩୦ ଜଣକଠାରୁ ୬ ଲକ୍ଷ ଟଙ୍କା ଠକି ନେଇଥିଲେ। ପରେ ବୋରୱେଲ ନ ଖୋଳିବାରୁ ଲୋକେ ନିରାକାରଙ୍କୁ ଟଙ୍କା ମାଗିଥିଲେ। ନିରାକାର କିଛି ଟଙ୍କା ଲୋକଙ୍କୁ ଫେରାଇଥିଲେ। ପରେ ବାରିପଦା ଯାଇ ମାନସ ସାହୁଙ୍କୁ





ଟଙ୍କା ମାଗିବାରୁ ମାନସ ଫୋନ ପେ ସାହାଯ୍ୟରେ ନିରାକାରଙ୍କୁ ଟଙ୍କା ଦେଇଥିଲେ। ଦୀପୟାନ ଏବଂ ମାନସ ସାହୁଙ୍କ ମଧ୍ୟରେ ଟଙ୍କା କାରବାରକୁ ନେଇ ପାଟି ତୁଣ୍ଡ ହେବା ପରେ ମାନସ ସାହୁ ଫେରାର ହୋଇଯାଇଥିବାରୁ ଦୀପୟାନ ନିରାକାରଙ୍କ ଠିକଣା ବ୍ୟାଙ୍କ ଜରିଆରେ ଜାଣି ଘରକୁ ଆସି ଟଙ୍କା ମାଗିବାକୁ ବାରମ୍ବାର ଆସିବା ସହ ମାନସ ସାହୁ ଠିକଣା ମାଗିଥିଲେ। ନିରାକାର ଟଙ୍କା ଦେବା ଓ ମାନସ ସାହୁର ଠିକଣା ଦେବାରେ ଅସମର୍ଥ ହେବାରୁ ତାଙ୍କୁ ଅପହରଣ କାରାଯାଇଥିବା କହିଛନ୍ତି।

## ବେଆଇନ ବାଲି ବୋଝେଇ ଟିପ୍ପର ଧକ୍କାରେ ୨ ମୃତ

ବୈଶିଙ୍ଗା, ୧୩।୬(ସମିସ): ଶନିବାର ବୈଶିଙ୍ଗା-ଗଣ୍ଡର୍ଦା ରାସ୍ତାର ବାଲକା ଛକ ନିକଟରେ ଏକ ବେଆଇନ ବାଲି ବୋଝେଇ ଟିପ୍ପର ଧକ୍କାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଡାକ୍ତରଖାନା ଯିବା ବାଟରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ବେଲେଶ୍ୱର ଜିଲ୍ଲା ବାଙ୍କାତୁରା ଗ୍ରାମର ରୂପକ ଦଳେଇ ଓ ଶଙ୍କର ଜେନା। ଅନ୍ୟ ଗୁରୁତର ଯୁବକ ମୁକ୍ତିକାନ୍ତ ଜେନା ବୋଲି ଜଣାପଡ଼ିଛି। ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତ ଅଞ୍ଚଳର ବୁମାବଳଙ୍ଗ ନଦୀ ପଠାରୁ ଦୈନିକ ବେଆଇନ ଭାବେ ବାଲି ବୋଝେଇ ଟ୍ରାକ୍ଟର, ଟିପ୍ପର ଓ ଡମ୍ଫର ଯୋଗେ ବାଲେଶ୍ୱର ଜିଲ୍ଲା ସମେତ ସ୍ଥାନୀୟ ଅଞ୍ଚଳକୁ ଚୋରା ଚାଲାଣ କରାଯାଉଛି। ବେଆଇନ ବାଲି ବୋଝେଇ ଗାଡି ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟରେ ଟ୍ୟାକ୍ସ ଫାଙ୍କିବା ପାଇଁ ଗାଁ ରାସ୍ତାକୁ ଆପଣେଇ ଥିବା ଦେଖିବାକୁ ମିଳିଛି। ଆଜି ଅପରାହ୍ନରେ ଏକ ବାଲି ବୋଝେଇ ଟିପ୍ପର ଗାଁ ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ସମୟରେ ବୈଶିଙ୍ଗାରୁ ଗଣ୍ଡର୍ଦା ଅଭିମୁଖେ ବାଇକରେ ଯାଉଥିବା ୩ ଯୁବକଙ୍କୁ ବାଲକା ଛକ ନିକଟରେ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ରୂପକଙ୍କ ମୃତ୍ୟୁ ଘଟିଥିବା ଅନ୍ୟ ୨ ଜଣଙ୍କୁ ଗୁରୁତର ଭାବେ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନା ପଠାଯାଇଥିଲା। ତେବେ ଡାକ୍ତରଖାନା ନେବା ବାଟରେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା। ବୈଶିଙ୍ଗା ପୁଲିସ ପହଞ୍ଚିବା ପରେ ସ୍ଥାନୀୟ ଲୋକ ଏକତ୍ରିତ ହୋଇ ବେଆଇନ ବାଲି ଚାଲାଣ ପାଇଁ ପୁଲିସ ଉପରେ ପ୍ରବଳ ବର୍ଷିଥିଲେ। ଯେଉଁଥି ପାଇଁ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକକୁ ଜବତ କରି ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛି ପୁଲିସ।

### ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି

## କେନ୍ଦୁଝରରେ ୪୫ ଥର; ଆନନ୍ଦପୁରକୁ ୩ ଥରରେ କେବଳ ଘୋଷଣା

ଆନନ୍ଦପୁର, ୧୩।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ଓ କେନ୍ଦ୍ରରେ ସରକାରଙ୍କ ୧୨ବର୍ଷର ସଫଳତା ନେଇ ପାଳିତ ହେଉଥିବା ଉତ୍ସବ ମଳିନ ହୋଇଛି। ରାଜ୍ୟ ସରକାର ବିଗତ ଦୁଇବର୍ଷ ମଧ୍ୟରେ କେବଳ କେନ୍ଦୁଝରକୁ ଗୁରୁତ୍ୱ ଦେଇଥିବାବେଳେ ଆନନ୍ଦପୁର ଉପଖଣ୍ଡକୁ ସମ୍ପୂର୍ଣ ଅଣଦେଖା କରାଯାଇଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲାର ଗୌରବ ଭାବେ ବିବେଚନା କରାଯାଉଥିବା ମୋହନ ମାଝୀଙ୍କ ସରକାରଙ୍କୁ ଦୁଇବର୍ଷ ପୂରିଲା। ଏହି ସରକାରରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ସର୍ବାଧିକ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଗତ ଦୁଇବର୍ଷ ମଧ୍ୟରେ ମୋହନ ଚରଣ ମାଝୀ କେନ୍ଦୁଝରକୁ ସର୍ବାଧିକ ୪୫ ଥର ଗସ୍ତ କରିଛନ୍ତି। କେନ୍ଦୁଝର ପାଇଁ ହାତଖୋଲି ଅନୁଦାନ ମଧ୍ୟ ଯୋଗାଇ ଦେଇଛନ୍ତି। ପାଟଣାଠାରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ଇସ୍ପାତ କାରଖାନା ନିର୍ମାଣ ହେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଯେତେବେଳେ କେନ୍ଦୁଝର ଗସ୍ତ କରିଛନ୍ତି କେନ୍ଦୁଝର ପାଇଁ ଅନୁଦାନ ଘୋଷଣା କରିଛନ୍ତି। ତେବେ ପରିତାପର ବିଷୟ ଯେ ଆନନ୍ଦପୁର ଉପଖଣ୍ଡ କଥା ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁରକୁ ମାତ୍ର ତିନି ଥର ଆସିଛନ୍ତି। ୨୦୨୫ ମାର୍ଚ୍ଚ ୯ରେ ଆନନ୍ଦପୁର କଲେଜର ବାର୍ଷିକ ଉତ୍ସବ, ନଭେମ୍ବର୨୩ରେ ଆନନ୍ଦପୁରରେ ବିଜେପିନେତା ରାମଚନ୍ଦ୍ର ସାହୁଙ୍କ ଝିଅର ବିବାହ ଉତ୍ସବରେ ଓ ଗତ ଏପ୍ରିଲ ୧୨ତାରିଖରେ ଆନନ୍ଦପୁର ମହୋତ୍ସବରେ ଯୋଗ ଦେଇଥିଲେ। ତେବେ ଆଜି ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଆନନ୍ଦପୁରର ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ସମୀକ୍ଷା ମଧ୍ୟ କରିନାହାନ୍ତି। ଆନନ୍ଦପୁର କଲେଜ ବାର୍ଷିକ ଉତ୍ସବରେ ନିଜେ ପାଠ ପଢିଥିବା କଲେଜପାଇଁ ୭କୋଟିର ଅନୁଦାନ ଘୋଷଣା କରିଥିଲେ। ତେବେ ଅଦ୍ୟାବଧି ଏହା ମିଳିପାରିନାହିଁ। ଆନନ୍ଦପୁରକୁ ରେଳପଥ ସଂଯୋଗ, ବୈତରଣୀରେ ପାଦଚଲା ସେତୁ, ଆନନ୍ଦପୁର କଲେଜକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ସହିତ ଅନେକ ଦାବି ଗତ ଦୁଇବର୍ଷ ମଧ୍ୟରେ ଉପସ୍ଥାପନ କରାଯାଇଛି। ତେବେ ଅଦ୍ୟାବଧି ଏଥିପାଇଁ ସବୁଜ ସଂକେତ ମିଳିପାରିନାହିଁ। ଫଳରେ ଆନନ୍ଦପୁରରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ଏକପ୍ରକାର ଫିକା ପଡିଯାଇଥିବା ନେଇ ଆଲୋଚନା ହେଉଛି। ଏନେଇ ଆନନ୍ଦପୁର ବିକାଶ ପରିଷଦର ସଭାପତି କହିଛନ୍ତି, ଆନନ୍ଦପୁରର ବିଭିନ୍ନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏନେଇ ଅଦ୍ୟାବଧି କୌଣସି ଘୋଷଣା ହୋଇନାହିଁ। ତେବେ ଆଗାମୀ ଦିନରେ ଏହି ଦାବି ହାସଲ ହେବାନେଇ ଆନନ୍ଦପୁରବାସୀ ଆଶାବାନ୍ଧି ରହିଛନ୍ତି। ରାଜନୈତିକ ସମୀକ୍ଷକ ବିରଞ୍ଚି ମହାପାତ୍ର କହିଛନ୍ତି, ଆନନ୍ଦପୁର ଓ ଘସିପୁରାରେ ବିଜେଡି ବିଧାୟକ ରହିଥିବାରୁ ବିଜେପି ସରକାର ଏଠାକାର ଜନସାଧାରଣଙ୍କ ଉପରେ ରାଗ ଶୁଝାଉଛନ୍ତି। ତେବେ ସମଗ୍ର କେନ୍ଦୁଝରର ବିକାଶ ସମାନ ଭାବରେ ହେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି।

● କର୍ତ୍ତବ୍ୟ ପଥରେ ହାର୍ ମାନିଛି ଶାରୀରିକ ଭିନ୍ନକ୍ଷମତା

## ଏସ୍‌ଆଇଆର୍ କାର୍ଯ୍ୟରେ ଦିବ୍ୟାଙ୍ଗ ତନ୍ମୟ



ହାଟଡ଼ିହୀ,୧୩।୬(ସମିସ): ଦୃଢ଼ ଇଚ୍ଛାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଥିଲେ ଶାରୀରିକ ଅକ୍ଷମତା କେବେ ବି ସଫଳତାର ପଥରେ ବାଧକ ସାଜିପାରେ ନାହିଁ। ଏହାର ଜୀବନ୍ତ ଉଦାହରଣ ପାଲଟିଛନ୍ତି ହାଟଡିହୀ ବ୍ଲକ ବଞ୍ଚୋ ଗ୍ରାମର ଯୁବ ଶିକ୍ଷକ ତନ୍ମୟ ପଟ୍ଟନାୟକ। ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିଲେ ମଧ୍ୟ ସେ ନିଜର କର୍ମନିଷ୍ଠା ଓ ଲୋକସେବା ମନୋଭାବ ପାଇଁ ସମଗ୍ର ହାଟଡ଼ିହୀ ଅଞ୍ଚଳରେ ପ୍ରଶଂସା ସାଉଁଟୁଛନ୍ତି। ତନ୍ମୟ ବର୍ତ୍ତମାନ ଶିବନାରାୟଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ଚାଲିବାରେ ଅସମର୍ଥ ହେତୁ ସେ ଏକ ଟ୍ରାଇସାଇକଲ ସ୍କୁଟି ସାହାଯ୍ୟରେ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ନିଜର ଶାରୀରିକ ସମସ୍ୟାକୁ କେବେ ବି କର୍ତ୍ତବ୍ୟ ପାଳନରେ ବାଧା ହେବାକୁ ଦେଇନାହାନ୍ତି। ଶିକ୍ଷକତା ସହିତ ସେ ବଞ୍ଚୋ ଗ୍ରାମର ୧ ଓ ୨ ନମ୍ବର ୱାର୍ଡର ବୁଥ୍ ଲେଭେଲ ଅଫିସର (ବିଏଲଓ) ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ପଞ୍ଜୀକରଣ, ଘରକୁ ଘର ବୁଲି ସର୍ଭେ ଏବଂ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ସେ ନିଷ୍ଠାର ସହିତ ସମ୍ପାଦନ କରୁଛନ୍ତି। ସମ୍ପ୍ରତି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ତନ୍ମୟ ପଟ୍ଟନାୟକଙ୍କ ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା ମଧ୍ୟ କରିଛନ୍ତି। ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇ ମଧ୍ୟ ସରକାରୀ ଦାୟିତ୍ୱକୁ ସଫଳତାର ସହ ପାଳନ କରିବା ଏବଂ ସମାଜ ପାଇଁ ଆଦର୍ଶ ସୃଷ୍ଟି କରିଥିବାରୁ ଉପଜିଲ୍ଲାପାଳ ଶିକ୍ଷକ ତନ୍ମୟଙ୍କୁ ସାଧୁବାଦ ଜଣାଇଛନ୍ତି। ତନ୍ମୟ ପଟ୍ଟନାୟକଙ୍କ ଜୀବନ ସଂଘର୍ଷ ଓ ସଫଳତାର କାହାଣୀ ଆଜି ଅନେକ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛି। ଶାରୀରିକ ଅକ୍ଷମତା ନୁହେଁ, ବରଂ ଦୃଢ଼ ମନୋବଳ, ଆତ୍ମବିଶ୍ୱାସ ଓ କର୍ତ୍ତବ୍ୟ ପରାୟଣତା ହିଁ ଜୀବନର ପ୍ରକୃତ ପରିଚୟ ବୋଲି ତନ୍ମୟ ପ୍ରମାଣ କରି ଦେଖାଇଛନ୍ତି।

### ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

ହାଟଡ଼ିହୀ,୧୩।୬(ସମିସ): ସୋସୋ ଥାନା ଅଧୀନସ୍ଥ ମଢ଼େଇସାହି ନିକଟରୁ ଏକ ଲିମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକର ମୃତଦେହ ଠାବ ହୋଇଛି। ବାଲେଶ୍ୱର ଜିଲ୍ଲା ଖଇରା ଥାନା ଓସ୍ତପାଳ ଗ୍ରାମର ବାପି ସିଂଙ୍କ ପୁଅ ବବଲୁ ସିଂ(୨୦) ଶୁକ୍ରବାର ବଜାରକୁ ଆସି ଘରକୁ ଫେରି ନଥିଲେ। ଏନେଇ ବବଲୁଙ୍କ ବାପା ବାପି ସିଂ ଖଇରା ଥାନାରେ ଅଭିଯୋଗ କରିଥିଲେ। ବହୁ ଖୋଜାଖୋଜା ପରେ ସୋସୋ ଥାନା ମଢ଼େଇସାହି ନିକଟରୁ ବବଲୁର ମୃତଦେହ ଏକ ଲିମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ସୋସୋ ପୁଲିସ।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଡୁରୁମୁଙ୍ଗା, ୧୩।୬(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ଗ୍ରାମର ଗୁଜୁରି ସାହିରେ ପୋଖରୀରୁ ଶନିବାର ଅପରାହ୍ନରେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଲକ୍ଷ୍ମଣ ମହାନ୍ତ(୬୬)। ସେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ସମୟରେ ଅସାବଧାନତା ଯୋଗୁଁ ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି। ସ୍ଥାନୀୟ ଲୋକେ ପୋଖରୀରେ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଡୁରୁମୁଙ୍ଗା ପୁଲିସ ମୃତଦେହକୁ ଉଦ୍ଧାର କରି ଜବତ କରିଛି। ରାତି ହେବାରୁ ବ୍ୟବଚ୍ଛେଦ ହୋଇ ପାରିନାହିଁ।

### ଏମ୍ସ ପକ୍ଷରୁ ରାଇରଙ୍ଗପୁରରେ ହେବ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

# ଶିବିରରେ ଯୋଗଦେବେ ରାଷ୍ଟ୍ରପତି

ରାଇରଙ୍ଗପୁର,୧୩।୬ (ସମିସ):

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୁନ ୧୯ ଓ ୨୦ ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ଅବସରରେ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (ଏମ୍ସ) ଭୁବନେଶ୍ୱର ପକ୍ଷରୁ ରାଇରଙ୍ଗପୁରରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ ହେବାକୁ ଯାଉଛି। ଯାହାକୁ ନେଇ ଏମ୍ସ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ରାଇରଙ୍ଗପୁର ଗସ୍ତରେ ଆସି ପରିଦର୍ଶନ କରିଛନ୍ତି। ଉକ୍ତ ଦଳରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡା ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡା ପ୍ରଭାସ ରଞ୍ଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜକିଶୋର ଦାଶ, ସହକାରୀ ପ୍ରଶାସନିକ ଅଧିକାରୀ ଦିବ୍ୟ ପଟ୍ଟନାୟକଙ୍କ



ସମେତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା ଧନୁର୍ଜୟ ମହାନ୍ତ, ରାଇରଙ୍ଗପୁର ଏସଡିଏମଓ ଡା ରବୀନ୍ଦ୍ର କୁମାର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ମେଗା ସ୍ୱାସ୍ଥ୍ୟ ଶିବିର ଜରିଆରେ ଚିକିତ୍ସା ସୁବିଧା ଯୋଗାଇବାକୁ ପ୍ରୟାସ କରାଯାଉଛି। ୧୯ ତାରିଖରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ପରିସରରେ ଉକ୍ତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ଯେଉଁଥିରେ ଏମ୍ସ ଭୁବନେଶ୍ୱରର ୨୦ ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ମିଶାଇ ମୋଟ ୪୫ ଜଣ ଯୋଗଦାନ କରିବେ। ୧୯ ତାରିଖ ପୂର୍ବାହ୍ନ ୧୧ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଦିନିକିଆ ଶିବିର ଆୟୋଜନ ହେବ। ମେଡିସିନ, ଶିଶୁ ରୋଗ, ଚର୍ମ ରୋଗ, ଚକ୍ଷୁ, ଡାଇବେଟିଶ, ଶଲ୍ୟ ଚିକିତ୍ସା, ସ୍ତ୍ରୀ ଓ ପ୍ରସୂତୀ ଚିକିତ୍ସା, ନ୍ୟୁରୋଲୋଜି, ନେଫ୍ରୋଲୋଜି ଭଳି ୨୦ରୁ ଊର୍ଦ୍ଧ୍ୱ ବିଭାଗର ଚିକିତ୍ସା ପରାମର୍ଶ ସହିତ ମାଗଣାରେ ଔଷଧ ପ୍ରଦାନ କରାଯିବ। ଏଥିସହିତ ସ୍ଥାନୀୟ ଡାକ୍ତର ମଧ୍ୟ ଉପସ୍ଥିତ ରହିବେ। ରକ୍ତ ପରୀକ୍ଷା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ମାଗଣାରେ କରାଯିବ। ରାଷ୍ଟ୍ରପତି ଜୁନ ୧୯ ତାରିଖ ପ୍ରଥମ ଦିନ ଗସ୍ତ ଅବସରରେ ଉକ୍ତ ଶିବିରରେ ଯୋଗଦାନ କରିବେ। ଶିବିରରେ ଯୋଗ ଦେଇ ଚିକିତ୍ସା ନିମନ୍ତେ ଆସିଥିବା ରୋଗୀ ଓ ତାଙ୍କ ପରିବାରବର୍ଗଙ୍କ ସହ ରାଷ୍ଟ୍ରପତି ଭାବବିନିମୟ କରିବାର କାର୍ଯ୍ୟକ୍ରମ ନେଇ ସୂଚନା ରହିଛି। ସମସ୍ତ ପ୍ରସ୍ତୁତି ନେଇ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ଏମ୍ସ ଭୁବନେଶ୍ୱରର ଦଳ ପରିଦର୍ଶନ କରିଥିଲେ। ସ୍ଥାନ ଚୟନ କରିବା, ଟେଣ୍ଟ ବ୍ୟବସ୍ଥା, ପାନୀୟ ଜଳ, ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ଔଷଧ ଆଦି ବାବଦରେ ଅନୁଧ୍ୟାନ କରିଛନ୍ତି। ଏହାସହିତ ଉକ୍ତ ପ୍ରତିନିଧୀ ଦଳ ଜିଲ୍ଲା ମୁଖ୍ୟ ସ୍?ାସ୍ଥ୍ୟ ଅଧିକାରୀ ଡ଼ା ଧନୁର୍ଜୟ ମହାନ୍ତ ଓ ରାଇରଙ୍ଗପୁର ଏସଡିଏମଓ ଡ଼ା ରବୀନ୍ଦ୍ର କୁମାର ମାର୍ଣ୍ଡିଙ୍କ ସହ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ଶିବିର ଜରିଆରେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକେ ଉପକୃତ ହେବେ।



## ପୀୟୂଷ ଓ କୁକୁଜ୍‌ଙ୍କ 'ଛନକି ଗୋରୀ'ର କମାଲ୍



ଆସିଯାଇଛି ରଜ। ରଜ ପାଇଁ ଏବେ ସାରା ଓଡ଼ିଶାରେ ସଜବାଜ। ଏହି ଅବସରରେ ରଜ ବଜାରକୁ ଆଉ ଟିକେ ସରଗରମ କରିବା ଲାଗି ରୋଜାଲିନ ପ୍ରଡକ୍ସନ ଦ୍ୱାରା ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହୋଇଛି ମ୍ୟୁଜିକ ଭିଡିଓ 'ଛନକି ଗୋରୀ'। ଏହି ଭିଡିଓଟିରେ ଅଭିନୟ କରିଛନ୍ତି ବହୁ ଚର୍ଚ୍ଚିତ ଅଭିନେତା ପୀୟୂଷ ତ୍ରିପାଠୀ ଓ କୁକିଜ୍ ସ୍ୱାଇଁ। ଏହାର ପ୍ରଯୋଜିକା ହେଉଛନ୍ତି ରୋଜାଲିନ୍ ପ୍ରଧାନ। ଗୀତରେ ମଣ୍ଟୁ ଛୁରିଆ ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସମ୍ବିତ୍ ମହାନ୍ତି ଓ ଗୀତ ଲେଖିଛନ୍ତି ଶାଶ୍ୱତ ଆଚାର୍ଯ୍ୟ। କୋରିଓଗ୍ରାଫି କରିଛନ୍ତି ଡି .ଦୀପକ। ଏହି ଗୀତଟି ସୋସିଆଲ୍ ମିଡିଆରେ ବେଶ୍ ଚାହିଦାରେ ଅଛି। ଏହାର ଭିଡ଼ିଓଟିକୁ ଦର୍ଶକମାନେ ବେଶ୍ ଭଲପାଇବା ଦେଉଛନ୍ତି ବୋଲି କହିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ। ■




## ପହିଲି ରଜରେ 'ଗଣ୍ଡ ଭୈରବ'ର ଟିଜର୍ ରିଲିଜ

ଆଜି (ପହିଲି ରଜ) ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ର ଟିଜର୍ ରିଲିଜ ହେବ। ବାବୁ ଭାଇ ପ୍ରଡକ୍ସନ ୟୁଟ୍ୟୁବ୍ ଚ୍ୟାନେଲରେ ସକାଳ ୧୧ଟା ୧୧ରେ ଏହାର ଟିଜର୍ ସାମ୍ନାକୁ ଆସିବ। ଟିଜର୍‌କୁ ଦର୍ଶକେ ନିହାତି ପସନ୍ଦ କରିବା ଆଶା କରାଯାଉଛି। ଆଜି ଟିଜର ରିଲିଜ୍ ହେଉଥିବା ବେଳେ ରଥଯାତ୍ରା ଅବସରରେ ଏହା ପ୍ରେକ୍ଷାଳୟକୁ ଆସିବ। ଆର୍. ଆର୍. ଇଭେଣ୍ଟ ଏବଂ ସିନେ ପ୍ରଡକ୍ସନ ନିବେଦିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନେତା ଦେବଶିଷ ଏବଂ ଶିବାନୀଙ୍କୁ ଦେଖିବାକୁ ମିଳିବ। ଅବଶ୍ୟ ଏଥିରେ ଦେବାଶିଷଙ୍କୁ ଦର୍ଶକେ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂଆ ଲୁକ୍‌ରେ ଦେଖିବାକୁ ପାଇବେ। ସିନେମାଟି ଜଣେ ଅବଢ଼ା ବୋଝିଆର ଜୀବନୀ ଉପରେ ଆଧାରିତ। ଭକ୍ତି, ସଂସ୍କୃତି, ପ୍ରେମ, ତ୍ୟାଗ, ହାସ୍ୟ, କ୍ରୋଧ, ପ୍ରତିଶୋଧ, ଆକ୍ସନ ଏବଂ ସର୍ବୋପରି ଏକ ସୁନ୍ଦର କାହାଣୀ ଏହି ସିନେମାରେ ରହିଛି। କେବଳ ସେତିକି ନୁହେଁ, ଏଥିରେ ଖୁବ୍ ସୁନ୍ଦର ଗୀତ ମଧ୍ୟ ରହିଛି। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏବଂ ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାରେ ପୃଥ୍ୱୀରାଜ, ଅସିତ, ପୁଷ୍ପା ପଣ୍ଡା, ସୋମା ଭୌମିକ, କେକେ ପ୍ରମୁଖ ଅଭିନୟ କରିଛନ୍ତି। ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ। ■

## 'ଚାନ୍ଦନୀ ବାର-୨'ରେ କ୍ୟାଟ୍ରିନା



ଦୀର୍ଘ ଦିନ ହେବ ବଡ଼ ପରଦାଠାରୁ ଦୂରରେ ଅଛନ୍ତି ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍। ଏବେ ତାଙ୍କର ଏକ ସିକ୍ୱେଲ୍ ସିନେମାରୁ ବଡ଼ ପରଦାକୁ ଲେଉଟାଣି ହେବା କୁହାଯାଉଛି। ସେହିପରି ଏହି ସିନେମାରେ ଅଭିନେତ୍ରୀ ତବୁ ମଧ୍ୟ ସାମିଲ ହେବା ଚର୍ଚ୍ଚା ହେଉଛି। ହେଲେ ବିଧିବଦ୍ଧ ଭାବେ ଏନେଇ କିଛି ଘୋଷଣା କରାଯାଇ ନାହିଁ। କ୍ୟାଟ୍ରିନା ୨୦୦୧ ମସିହାରେ ମୁକ୍ତିଲାଭ କରିଥିବା ସିନେମା 'ଚାନ୍ଦନୀ ବାର'ର ସିକ୍ୱେଲରେ ନଜର ଆସିପାରନ୍ତି। ଏହି ସିନେମାର ନିର୍ଦ୍ଦେଶନା ଅଜୟ ବହଲ କରୁଛନ୍ତି। ସେହିପରି 'ଚାନ୍ଦନୀ ବାର' ସିନେମାର ନିର୍ଦ୍ଦେଶନା ଦେଇଥିଲେ ମଧୁର ଭଣ୍ଡାରକର। ଏଥିରେ ମୁମ୍ବାଇ ଅଣ୍ଡରୱାର୍ଲ୍ଡର ଅନ୍ଧକାର ସତ୍ୟକୁ ଦେଖାଇବାକୁ ଚେଷ୍ଟା କରାଯାଇଥିଲା। ସିନେମାରେ ତବୁ ମୁମତାଜ ଚରିତ୍ରରେ ଅଭିନୟ କରିଥିଲେ। ■

ସା କ୍ଷା ତ କା ର

## 'ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଇଚ୍ଛା'

**ରଚନା ବେହେରା, ଅଭିନେତ୍ରୀ**

**ଡାକ୍ତରାଣୀ ହୋଇ ରୋଗୀ ସେବା କରିବାକୁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ସୌଭାଗ୍ୟବଶତଃ ସେ ପାଲଟିଗଲେ ଜଣେ ଅଭିନେତ୍ରୀ। ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମର ରଚନା ବେହେରା। ୨୦୨୫ ମସିହାରେ ରିଆଲିଟି ଶୋ' 'ସିନେ ଷ୍ଟାର କି ଖୋଜ୍'ରେ ସେ ଭାଗ ନେଇଥିଲେ। ଏହି ଶୋ'ର ସେ ଥିଲେ ଫାଇନାଲିଷ୍ଟ। ମ୍ୟୁଜିକ୍ ଭିଡିଓରେ କାମ କରିବା ପରେ ଏବେ ସେ ଧାରାବାହିକ 'ମୁଁ ନୁହେଁ ମୁଁ ତୁମ ବିନା'ରେ ଖଳନାୟିକା ଭାବେ ଅଭିନୟ କରୁଛନ୍ତି। ନିଜର ଜୀବନ୍ତ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣୁଥିବା ରଚନାଙ୍କ ଅଭିନୟ ଯାତ୍ରା ସଂପର୍କରେ ଶୁଣିବା ତାଙ୍କରି ମୁହଁରୁ।**

**ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

● ପାଠପଢ଼ାକୁ ନେଇ ମୁଁ ସବୁବେଳେ ସିରିୟସ୍। ଭବିଷ୍ୟତରେ ଡାକ୍ତର ହେବାକୁ ଇଚ୍ଛା ରଖି ପ୍ରସ୍ତୁତ ହେଉଥିଲି। ହଠାତ୍ ମା'ଙ୍କର ଦେହାନ୍ତ ହୋଇଗଲା। ଯେହେତୁ ମୁଁ ଜଣେ ଅଭିନେତ୍ରୀ ହୁଏ ବୋଲି ମୋର ମା' ଚାହୁଁଥିଲେ, ତେଣୁ ବଡ଼ ଭଉଣୀ ମୋତେ ରିଆଲିଟି ଶୋ' 'ସିନେଷ୍ଟାର କି ଖୋଜ୍'ରେ ଭାଗ ନେବାକୁ କହିଥିଲେ। ଏହି ପ୍ଲାଟ୍‌ଫର୍ମରେ ନିଜର ପ୍ରତିଭା ପ୍ରଦର୍ଶନ କରି ଫାଇନାଲିଷ୍ଟ ହୋଇଥିଲି। ପରେ 'ବାବା ହେଇ ବୁଲିବେ' ମ୍ୟୁଜିକ୍ ଭିଡିଓରେ ରଞ୍ଜନ ଭାଇ ଏବଂ ସିମ୍ରନଙ୍କ ସହିତ କାମ କଲି। ଏହା ପରେ ମୋତେ 'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା।

**ଖଳନାୟିକା ଚରିତ୍ର ମିଳିବା ପରେ ମନ ଊଣା ହୋଇଥିଲା କି?**

● ଧାରାବାହିକ ହେଉ କି ଫିଲ୍ମ, ସବୁଥିରେ ନାୟିକା ପରି ଖଳନାୟିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। 'ମୁଁ ନୁହେଁ ମୁଁ ତୁମ ବିନା'ରେ ମୋତେ ମୁଖ୍ୟ ଖଳନାୟିକା ଚରିତ୍ର ମିଳୁଛି ବୋଲି ମୁଁ ସେଟ୍‌ରେ ଯାଇ ଜାଣିଲି। ଏହା ମୋର ପ୍ରଥମ ପ୍ରୋଜେକ୍ଟ। ମନ ଊଣା ନ କରି ଖୁସି ହୋଇଥିଲି। ଏହି ଚରିତ୍ରକୁ ନିଭାଇବା ମୋ ପାଇଁ ଚ୍ୟାଲେଞ୍ଜ ସଦୃଶ୍ୟ ଥିଲା।

**'ମୁଁ ନୁହେଁ ମୁଁ ତୁମବିନା' ଧାରବାହିକରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

● ଏଥିରେ ମୋର ଚରିତ୍ର ହୋଇଛି ରୀତିକା। ରୀତିକା ଜଣେ ଫ୍ୟାଶନ୍ ଡିଜାଇନର୍। ତା' ଭଉଣୀ ଆଉ ଭିଣୋଇ ହେଉଛନ୍ତି ପଟ୍ଟନାୟକ ପରିବାରର ବଡ଼ ପୁଅ ବୋହୂ। ସେମାନେ ଚାହୁଁଛନ୍ତି ରୀତିକା ସେହି ପରିବାରକୁ ଯାଉ। ସାଇକୁ ବାହା ହୋଇ ପଟ୍ଟନାୟକ କ୍ରିଏସନ୍‌ରେ ସିନିୟର୍ ଡିଜାଇନର୍ ଭାବେ ଯୋଗ ଦେଉ। ରୀତିକାର ବି ସମାନ ଇଚ୍ଛା ଅଛି। ସେ ସାଇକୁ ଭଲ ପାଉଛି। ସାଇକୁ ବାହା ହେବା ରୀତିକାର ମୂଳ ଲକ୍ଷ୍ୟ। ତା' ଭିତରେ ଟ୍ୱିଷ୍ଟ ଅଛି।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ପ୍ରଥମ ପାରିଶ୍ରମିକ ମୁଁ ଏକ ମ୍ୟୁଜିକ୍ ଭିଡିଓ ତରଫରୁ ପାଇଥିଲି। ଏଥିରେ ଘରଲୋକଙ୍କୁ କିଛି ଉପହାର ଦେଇଥିଲି। ଶ୍ରୀମନ୍ଦିରରେ ଭୋଗ ଯାଚିଥିବାବେଳେ ଆଜି ଯାଏଁ କାଳିଆ ସାଆନ୍ତଙ୍କ ଡୋରି ଲାଗି ନାହିଁ।

**ଅଭିନୟକୁ ଜୀବନ୍ତ କରିବାକୁ ରଚନା କ'ଣ କରନ୍ତି?**

● ଅଭିନୟ ପାଇଁ ମୁଁ ବିଧିବଦ୍ଧ ଭାବେ ତାଲିମ ନେଇ ନାହିଁ। ସିନିୟର୍ କଳାକାରଙ୍କ ପାଖରୁ କାମ କରିବାର ଅନୁଭୂତି ବିଷୟରେ ଜାଣିବାକୁ ଚେଷ୍ଟା କରେ। ଦର୍ପଣ ସାମ୍ନାରେ ସଂଳାପ ଅଭ୍ୟାସ କରେ।

**ସୁଟିଂ ସେଟ୍‌ରେ ସମୟ ମିଳିଲେ କ'ଣ କରନ୍ତି?**

● ମୁଁ ଯୁକ୍ତ ତିନି (ଉଦ୍ଭିଦ ବିଜ୍ଞାନ)ର ଛାତ୍ରୀ। ସେଟ୍‌ରେ ଫୁରସ୍‌ତ ମିଳିଲେ ପଢ଼ାପଢ଼ି କରେ।

**ଖରାଦିନେ ଫିଟ୍ ରହିବାର ମନ୍ତ୍ର?**

● ଜଳୀୟ ଅଂଶ ସନ୍ତୁଳିତ ରଖିବାକୁ ପାଣି ପିଏ, ଫଳ ଖାଏ। ଘର ତିଆରି ସନ୍ତୁଳିତ ଖାଦ୍ୟ ଖାଏ। ଶାରୀରିକ ବ୍ୟାୟାମ କରେ।

**ଆପଣଙ୍କ ଡ୍ରିମ୍‌ରୋଲ?**

● ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରହିଛି। ହେଲେ ଡାକ୍ତରାଣୀ ଚରିତ୍ର ମୋର ଡ୍ରିମ୍ ରୋଲ।

**ଅଭିନୟ ଜଗତକୁ ଆସିବାକୁ ଚାହୁଁଥିବା ପିଲାଙ୍କୁ କ'ଣ କହିବେ?**

● ଦିନ ଥିଲା ଅନେକ ପ୍ରତିଭାଶାଳୀ ପିଲା ଏହି ପ୍ଲାଟଫର୍ମକୁ ଆସିବା ପାଇଁ ସୁଯୋଗ ପାଉନଥିଲେ। ବର୍ତ୍ତମାନ ରିଆଲିଟି ଶୋ'ରେ ଭାଗ ନେଇ ଜଣେ ନିଜର ପ୍ରତିଭାକୁ ଦେଖାଇ ପାରୁଛନ୍ତି। ରିଆଲିଟି ଶୋ'ର ନିର୍ଦ୍ଦେଶକ ହୁଅନ୍ତୁ ବା କୋରିଓଗ୍ରାଫର୍ ସେମାନେ କଳାକାର ଗଢ଼ନ୍ତି। ତେଣୁ କଠିନ ପରିଶ୍ରମ ଏବଂ ଦୃଢ଼ ଇଚ୍ଛା ଶକ୍ତି ସହିତ ନିଜ ଉପରେ ଭରସା ରଖି ଏହି ଲାଇନ୍‌କୁ ଆସନ୍ତୁ। ■

**ପ୍ରଥମଥର କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ରିଆଲିଟି ଶୋ'ରେ ସକାରାତ୍ମକ ଚରିତ୍ରରେ ଅଭିନୟ କରିଥିଲି। ହେଲେ ଲାଇଟ୍, କ୍ୟାମେରା, ଆକ୍ସନ ଭିତରେ କିପରି ଅଭିନୟ କରିବି ସେ ବିଷୟରେ ଜଣା ନ ଥିଲା। ଭଗବାନଙ୍କ ଆଶୀର୍ବାଦରୁ ସୁଟିଂ ସେଟ୍‌ରେ ପ୍ରଥମ ଦିନ ଭୟ ନକରି ସଠିକ୍ ଭାବେ ମୋ କାମ କରିଥିଲି।



## ଟେଲିଭିଜନ ପ୍ରିମିୟର୍ 'ଡେଲିଭରି ବୟ୨'

ରଜ ଓ ଓଡ଼ିଆ ସିନେମାର ସମ୍ପର୍କ ବହୁତ ପୁରୁଣା। ଏହି ଗଣପର୍ବର ମାହୋଲକୁ ଆହୁରି ଜମେଇବା ପାଇଁ ଜୀ ସାର୍ଥକରେ ଆଜି (ଜୁନ୍ ୧୪) ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ କ୍ରାଇମ୍-ଥ୍ରୀଲର ସିକ୍ୱେଲ 'ଡେଲିଭରି ବୟ୨'। ସତ୍ୟ ଓ ମିଥ୍ୟାର ଅସ୍ପଷ୍ଟ ଗାର ଭିତରେ ଛନ୍ଦି ହୋଇ ପଡ଼ିଥିବା ଏକ ଜୀବନର କାହାଣୀକୁ ନେଇ ଗତିଶୀଳ ଏହି ସିନେମାଟି ଓଡ଼ିଆ ଦର୍ଶକଙ୍କୁ ଟିଭି ପରଦାରେ ବାନ୍ଧି ରଖିବାରେ ସଫଳ ହେବ ବୋଲି ଆଶା କରାଯାଉଛି। ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶନା ଏବଂ ଜେଆର୍‌ଏମ୍ ଓ ରୋଜାଲିନ ମହାନ୍ତିଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିଲା। ସମାଜର ଏକ ସମ୍ବେଦନଶୀଳ ଦିଗ ଉପରେ ଆଧାରିତ, ମିଛ ସାମ୍ବାଦିକତା ଏବଂ ଗଣମାଧ୍ୟମର ଅଯଥା ଚାପ କିଭଳି ଜଣେ ନିରୀହ ମଣିଷର ଜୀବନକୁ ଛାରଖାର କରିଦିଏ, ତାହା ଏଥିରେ ବେଶ୍ ନିପୁଣ ଭାବେ ଦେଖାଯାଇଛି। ଅର୍ଚ୍ଚିତା ସାହୁ ଏବଂ ବୁଦ୍ଧାଦିତ୍ୟ ମହାନ୍ତିଙ୍କ ଦମ୍‌ଦାର ଅଭିନୟ ସିନେମାକୁ ଏକ ନୂଆ ଦିଗ ଦେଇଥିଲା। ମୁଖ୍ୟ କଳାକାର ଭାବରେ ଶୈଳେନ୍ଦ୍ର ସାମନ୍ତରାୟ, ପ୍ରିୟମ୍ବଦା, ଶ୍ରୀତମ ଦାସ ଓ ପୁପିନ୍ଦର ସିଂଙ୍କ ସହ ସନ୍ତୁ ନିଜେ ଓ ଶକ୍ତି ବରାଳ ଭଳି କଳାକାରଙ୍କ ଉପସ୍ଥିତି ଏହାକୁ ଆହୁରି ଆକର୍ଷଣୀୟ କରିଥିଲା। ଅନ୍ୟପଟେ ପ୍ରେକ୍ଷାଳୟରୁ ବଞ୍ଚିତ ଥିବା ଦର୍ଶକେ ଽ ରଜରେ ସିନେମାଟିକୁ ଘରେ ବସି ଟିଭିରେ ଉପଭୋଗ କରିପାରିବେ। ■



## ଗୀତ ସୁଟିଂ ସେଟ୍‌ରେ ଦର୍ଶକଙ୍କ ପଥର ମାଡ଼

ପରଦା ପଛର କାହାଣୀ

ବଲିଉଡ୍‌ର ଏଭରଗ୍ରୀନ୍ ସୁନ୍ଦରୀ ତଥା ପ୍ରସିଦ୍ଧ ଅଭିନେତ୍ରୀ ଆଶା ପାରେଖ୍ ନିଜର ଦମ୍‌ଦାର ଅଭିନୟ ପାଇଁ ବେଶ୍ ଲୋକପ୍ରିୟ। ଅଭିନୟ ଜୀବନରେ ସେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ନିକଟରେ 'ଇଣ୍ଡିଆନ୍ ଆଇଡଲ୍' ମଞ୍ଚରେ ଯୋଗଦେଇ ଶୋ'ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛନ୍ତି। ହୋଷ୍ଟ ହର୍ଷ ଲମ୍ବାଚିୟାଙ୍କ ସହ ମିଶି କ୍ଲଟ୍ କ୍ଲାସିକ୍ ଫିଲ୍ମ 'କଟୀ ପତଙ୍ଗ'ର ସୁପରହିଟ୍ ଗୀତ 'ଜିସ୍ ଗଲି ମେଁ ତେରା ଘର୍...'କୁ ରି-କ୍ରିଏଟ୍ କରିଥିଲେ। ରାଜେଶ ଖାନ୍ନା ଓ ଆଶାଙ୍କ ଏହି ରୋମାଣ୍ଟିକ୍ ଓ ମସ୍ତିଭରା ଅନ୍ଦାଜ୍ ସାମାଜିକ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଏହା ଦର୍ଶକଙ୍କୁ ପୁରୁଣା ସମୟକୁ ସ୍ମରଣ କରାଉଛି। ଏହି ଶୋ'ରେ ରାଜେଶ ଖାନ୍ନାଙ୍କ ସହ ଆଶା ଏହି ଗୀତର ସୁଟିଂ ସହ ଜଡ଼ିତ ଅଭୁଲା ସ୍ମୃତି ମନେ ପକାଇଥିଲେ। ସେହି ସମୟକୁ ମନେ ପକାଇ ସେ କହିଛନ୍ତି, ଏହି ଗୀତ ସୁଟିଂ ପାଇଁ ଆମେ ସମସ୍ତେ ନୈନିତାଲ ଯାଇଥିଲୁ। ସୁଟିଂ ଆରମ୍ଭ ଦୃଶ୍ୟରେ ରାଜେଶ ଖାନ୍ନା ହ୍ରଦ ନିକଟରେ ପହଞ୍ଚିବା ପରେ ଦୁହିଁଙ୍କୁ ସେଠାରେ ଥିବା ଏକ ଡଙ୍ଗାରେ ବସିବାର ଥିଲା। ହେଲେ ରାଜେଶ ଖାନ୍ନାକୁ ଦେଖିବା ପାଇଁ ସେଠାରେ ଏତେ ଭିଡ଼ ଜମି ଥିଲା ଯେ, ଆମେ ଚାହିଁ ମଧ୍ୟ ଡଙ୍ଗା ନିକଟରେ ପହଞ୍ଚିପାରିନଥିଲୁ। ଏପରିକି ଭିଡ଼କୁ ସାମ୍ନା କରି ଡଙ୍ଗାରେ ଚଢ଼ିବା ମଧ୍ୟ ଅସମ୍ଭବ ଥିଲା। ଭିଡ଼ ପାଇଁ ସୁଟିଂ ସେଟ୍‌ରେ ହୋହାଲ୍ଲା ହୋଇଗଲା। ଭିଡ଼ ଏତେ ଥିଲା ଯେ, ଲୋକେ ରାଜେଶ ଖାନ୍ନାଙ୍କୁ ଭେଟିବା ପାଇଁ ସୁଯୋଗ ମଧ୍ୟ ପାଇ ନ ଥିଲେ। ଫଳରେ ସେଠାରେ ଥିବା ଦର୍ଶକମାନେ କ୍ଷୁବ୍ଧ ହୋଇ ଅଚାନକ ପଥରମାଡ଼ ଆରମ୍ଭ କରିଥିଲେ। ଏତେ ମାତ୍ରାରେ ପଥର ମାଡ଼ ଦେଖି ସମସ୍ତେ ଚକିତ ହୋଇଯାଇଥିଲୁ। ତେଣୁ ସୁରକ୍ଷାକୁ ଦୃଷ୍ଟି ରଖି ସୁଟିଂ ବନ୍ଦ କରିବା ଛଡ଼ା ନିର୍ଦ୍ଦେଶକ ଶକ୍ତି ସାମନ୍ତଙ୍କ ପାଖରେ ଆଉ କୌଣସି ବାଟ ନଥିଲା। ଏହାପରେ ପୁଲିସକୁ ଖବର ଦିଆଯାଇଥିଲା। ଭିଡ଼ ନିୟନ୍ତ୍ରଣ ହେବା ପରେ ଯାଇ ହିଁ ସୁଟି ସମ୍ଭବ ହୋଇପାରିଥିଲା। 'କଟୀ ପତଙ୍ଗ' ୧୯୭୧ ମସିହାରେ ମୁକ୍ତିଲାଭ କରିଥିଲା। ଏହା ବଲିଉଡ୍‌ର ସବୁଠୁ ସୁନ୍ଦର ଏବଂ ସ୍ମରଣୀୟ ଫିଲ୍ମ ମଧ୍ୟରୁ ଗୋଟିଏ। ଏହି ଫିଲ୍ମ ରାଜେଶ ଖାନ୍ନାଙ୍କ କ୍ୟାରିୟର୍ ପାଇଁ ଏକ ଟର୍ଣ୍ଣି ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ■



ସକାଳ THE SAKALA







ଆମେରିକାରେ ଶନିବାର ସକାଳେ ଅନୁଷ୍ଠିତ ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ କେଟି ପେରୀ

## ଫାଇନାଲ ଟିକଟର ମୂଲ୍ୟ ସର୍ବାଧିକ ୭ ଲକ୍ଷ ୨୨ ହଜାର ଟଙ୍କା

ୱାଶିଂଟନ,୧୩।୬(ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଟିକଟର ମୂଲ୍ୟକୁ ନେଇ ଆୟୋଜକ ଫିଫାକୁ ସବୁଆଡୁ ସମାଲୋଚନା କରାଯାଇଛି। ଏପରିକି ମେକ୍ସିକୋରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଷ୍ଟାଡିୟମ୍ ଫାଙ୍କା ପଡ଼ିବା ଘଟଣାରେ ମଧ୍ୟ ଫିଫାକୁ ସମାଲୋଚିତ ହେବାକୁ ପଡ଼ିଛି। ଏହା ମଧ୍ୟରେ ବିଶ୍ୱକପ୍‌ର ସମସ୍ତ ଟିକଟର ମୂଲ୍ୟ ଆସିଯାଇଛି। ଏହା ମଧ୍ୟରେ ଫାଇନାଲ ମ୍ୟାଚ୍‌ର ଟିକଟର ମୂଲ୍ୟ ସର୍ବାଧିକ ୭,୫୯୮ ଆମେରିକୀୟ ଡଲାର ରହିଛି। ଭାରତୀୟ ମୁଦ୍ରାରେ ଏହାର ଦାମ୍ ହେଉଛି ୭ ଲକ୍ଷ, ୨୨ହଜାର ୬୪୯ ଟଙ୍କା। ଏଥିରୁ ଫିଫା ବିଶ୍ୱକପ୍‌ର ମୂଲ୍ୟ କେତେ ତାହା ସହଜରେ ଅନୁମାନ କରାଯାଇପାରେ। ସେହିପରି ଲିଗ୍ ପର୍ଯ୍ୟାୟରେ ଦୁଇଟି ମ୍ୟାଚ୍‌ର ମୂଲ୍ୟ ସର୍ବାଧିକ ରହିଛି। ପର୍ତ୍ତୁଗାଲ ଓ କଲମ୍ବିଆ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ମୂଲ୍ୟ ୨,୬୮୧ ଡଲାର ବା ୨ଲକ୍ଷ ୫୫ ହଜାର ଟଙ୍କା ରହିଛି। ସେହିପରି ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ର ମୂଲ୍ୟ ଦ୍ୱିତୀୟ ସର୍ବାଧିକ ବା ୨,୫୬୧ ଡଲାର ବା ୨ଲକ୍ଷ ୪୩ ହଜାର ୫୭୭ ଟଙ୍କା ରହିଥିଲା। ସେହିପରି ଲିଗ୍ ପର୍ଯ୍ୟାୟରେ ସବୁଠାରୁ କମ୍ ଦାମର ଟିକଟ ରହିଛି ସାଉଦି ଆରବ ଓ କେପ ଭର୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ। ଏହି ମ୍ୟାଚ୍‌ର ଟିକଟ ମୂଲ୍ୟ ରହିଛି ୧୮୨ ଡଲାର ବା ୧୭,୩୧୦ ଟଙ୍କା। ଜୋର୍ଡାନ ଓ ଆଲଜେରିଆ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ଟିକଟ ମୂଲ୍ୟ ୧୯୮ ଡଲାର ବା ୧୮,୮୩୧ ଟଙ୍କା ରହିଛି।

## ଫିଫା ବିଶ୍ୱକପ୍ ଚାମ୍ପିଅନଙ୍କୁ ୪୭୫; କ୍ରିକେଟ ଚାମ୍ପିଅନଙ୍କୁ ୩୮ କୋଟି

ୱାଶିଂଟନ,୧୩।୬(ଏଜେନ୍ସି): ଭାରତ, ଭାରତୀୟ ଉପମହାଦେଶରେ କ୍ରିକେଟ ଏକ ଲୋକପ୍ରିୟଖେଳ ହୋଇପାରେ, କିନ୍ତୁ ଫୁଟବଲର ଲୋକପ୍ରିୟତା ବହୁ ଅଧିକ। ସେହିପରି ଫୁଟବଲ ବା ଫିଫା ବିଶ୍ୱକପ୍‌ରେ ପୁରସ୍କାର ରାଶି ମଧ୍ୟ ଅଧିକ। ଚଳିତ ବିଶ୍ୱକପ୍‌ରେ ଚାମ୍ପିଅନ ଦଳକୁ ମିଳିବ ୫୦ ମିଲିଅନ ଡଲାର ବା ୪୭୫ କୋଟି ୫୦ଲକ୍ଷ ଟଙ୍କା। ସେହିପରି ରନର୍ସ ଅପ୍ ଦଳକୁ ୩୧୪ କୋଟି ୪୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ସେହି ତୁଳନାରେ ୨୦୨୩ର କ୍ରିକେଟରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଦଳକୁ ୩୮ କୋଟି ଓ ରନର୍ସ ଅପ୍ ଦଳକୁ ୧୯ କୋଟି ଟଙ୍କା ମିଳିଥିଲା। ସେହିପରି ୨୦୨୬ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳକୁ ୨୩.୩୦ କୋଟି ଟଙ୍କାର ପୁରସ୍କାର ମିଳିଥିଲା। ଏଥିରୁ କାହାର ସ୍ଥାନ କେଉଁଠି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ।

### ଫିଫା ବିଶ୍ୱକପ୍ ଗ୍ରୁପ୍-ଡି ମୁକାବିଲା

# ବୃହତ୍ ବିଜୟରୁ ଆମେରିକାର ଅଭିଯାନ

ଲସ୍‌ଏଞ୍ଜେଲ୍ସ,୧୩।୬(ଏଜେନ୍ସି)

ନାଇଜେରିଆ ଜନ୍ମିତ ଫରୱାର୍ଡ ଫ୍ଲୋରିଆନ ବାଲୋଗୁନ୍‌ଙ୍କ ଡବଲ ଗୋଲ ବଳରେ ଯୁଗ୍ମ ଆୟୋଜକ ଆମେରିକା ତାହାର ପ୍ରଥମ ବିଶ୍ୱକପ୍ ମ୍ୟାଚ୍‌ରେ ପାରାଗୁଏକୁ ୪-୧ ଗୋଲରେ ପରାସ୍ତ କରିଛି। ଫଳରେ ଆମେରିକା ନିଜର ୩୨ ବର୍ଷର ଫିଫା ବିଶ୍ୱକପ୍ ଇତିହାସରେ ବୃହତ୍ ବିଜୟ ହାସଲ କରିବାର ରେକର୍ଡ କରିଛି। ଏହି ବିଜୟରୁ ଆମେରିକା ପ୍ରଥମ ଗ୍ରୁପ୍ ମ୍ୟାଚ୍‌ରେ ପୂରା ୩ ପଏଣ୍ଟ ହାସଲ କରିଛି। ଦଳ ପକ୍ଷରୁ ୨୪ ବର୍ଷୀୟ ଡେବ୍ୟୁଟାଣ୍ଟ ବାଲୋଗୁନଙ୍କ ଡବଲ ଗୋଲ ବ୍ୟତୀତ ଇଞ୍ଜୁରୀ ଟାଇମ୍‌ରେ ଜିଓ ରେନା ଗୋଟିଏ ଏବଂ ପାରାଗୁଏର ଡିମାନିଆ ବାବୋଡିଲା ୭ମ ମିନିଟ୍‌ରେ ଆଉ ଗୋଟିଏ ଆତ୍ମଘାତୀ ଗୋଲ ସ୍କୋର କରିଥଲେ। ପାରାଗୁଏର ମୌରିସିଓ ଗୋଟିଏ ଗୋଲ ଶୁଝାଇଦେଇଥିଲେ।

ସୋଫି ଷ୍ଟାଡିୟମ୍‌ରେ ୭୦, ୪୯୨ଜଣ ଦର୍ଶକ ଏବଂ କିଂବଦନ୍ତୀ ଖେଳାଳି ଡେଭିଡ୍ ବେକ୍‌ହାମଙ୍କ ଉପସ୍ଥିତି ଆମେରିକା ଖେଳାଳିଙ୍କୁ ବେଶ ଉତ୍ସାହିତ କରିଥିଲା। ଖେଳ ଆରମ୍ଭ ହେବା ମାତ୍ରେ ଆମେରିକାର ଖେଳାଳିମାନେ ଘନଘନ ଆକ୍ରମଣ କରିଥିଲେ। ଏହାର ଫଳ ମିଳିଥିଲା ୭ମ ମିନିଟ୍‌ରେ। ବାମପଟୁ ଖ୍ରୀଷ୍ଟିଆନ୍ ପୁଲିସିଚ୍‌ଙ୍କ ଆକ୍ରମଣର ମୁକାବିଲା କରି ନ ପାରି ପାରାଗୁଏ ଆତ୍ମଘାତୀ ଗୋଲ କରିଥିଲା। ଏହାର କିଛି ସମୟ ପରେ ବାଲୋଗୁନ୍ ଗୋଲ ଦେବାରେ ସଫଳ ହୋଇଥିଲେ। ତାହା କିନ୍ତୁ ଅଫ୍‌ସାଇଡ୍ ହୋଇଯାଇଥିଲା। ୩୧ତମ ମିନିଟ୍‌ରେ ପୁଲିସିଚ୍‌ଙ୍କଠାରୁ ପାସ୍ ପାଇ ବାଲୋଗାନ୍ ଗୋଲ ଦେବାରେ କୌଣସି ତ୍ରୁଟି କରି ନଥିଲେ। ଷ୍ଟପେଜ୍ ଟାଇମ୍ ବା ୪୬ତମ ମିନିଟ୍‌ରେ ସେ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୩-୦ ଗୋଲରେ ଆଗୁଆ ରଖିଥିଲେ। ଏହି ଗୋଲ ବଳରେ ବାଲୋଗୁନ୍ ୧୯୩୦ ପରେ ଆମେରିକା ପକ୍ଷରୁ ପ୍ରଥମ ଖେଳାଳି ଭାବେ ଗୋଟିଏ ମ୍ୟାଚ୍‌ରେ ଏକାଧିକ ଗୋଲ ସ୍କୋର କରିଥିଲେ। ଶେଷଥର ୧୯୩୦ ବିଶ୍ୱକପ୍‌ରେ ବର୍ଟ ପାଟେନାଇଡ୍ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ପାରାଗୁଏର ମୌରିସିଓ ଗୋଟିଏ ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲେ। ଖେଳର ଶେଷଭାଗ ଇଞ୍ଜୁରୀ ଟାଇମ୍‌ରେ ଜିଓ ରେନା ଆଉ ଏକ ଗୋଲ ଦେଇ ଆମେରିକାକୁ ୪-୧ରେ ବିଜୟୀ କରାଇଥିଲେ। ୨୦୨୨ ବିଶ୍ୱକପ୍‌ରେ ଆମେରିକା ମୋଟ ୩ଟି ଗୋଲ ଦେଇଥିଲା। ଏହି ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଦଳ ୪ଟି ଗୋଲ ଦେଇଛି।



### ଫ୍ଲୋରିଆନ ବାଲୋଗୁନ୍: ବ୍ରୁକ୍‌ଲିନ୍‌ରୁ ଲଣ୍ଡନ ଭାୟା ନାଇଜେରିଆ

ଆମେରିକା ଦଳରେ ସାମିଲ ହୋଇଥିବା ବାଲୋଗୁନ୍ ନିଜ କ୍ୟାରିୟରରେ ଏକାଧିକ କଷ୍ଟସାଧ୍ୟ ରାସ୍ତା ଅତିକ୍ରମ କରିଛନ୍ତି। ବ୍ରୁକ୍‌ଲିନ୍‌ରେ ଏକ ନାଇଜେରୀୟ ଦମ୍ପତିଙ୍କଠାରୁ ଜନ୍ମ ହେବାର ମାସକ ପରେ ବାଲୋଗୁନ୍ ମାତାପିତାଙ୍କ ସହ ଇଂଲଣ୍ଡ ଚାଲିଯାଇଥିଲେ। ସେଠାରେ ୮ ବର୍ଷ ବୟସରେ ଆର୍ସେନଲ ଏକାଡେମୀରେ ଯୋଗଦେଇ ଇଂଲଣ୍ଡ ପକ୍ଷରୁ ବିଭିନ୍ନ ଏଜ୍‌ଗ୍ରୁପ୍ ମ୍ୟାଚ୍ ଖେଳିଥିଲେ। ଆମେରିକା ପକ୍ଷରୁ ମଧ୍ୟ ୧୮ ବର୍ଷରୁ କମ୍ ଟିମ୍‌ରେ ଖେଳିଥିଲେ। ଏହା ଫଳରେ ସେ ୩ଟି ଦେଶ ନାଇଜେରିଆ, ଆମେରିକା ଓ ଇଂଲଣ୍ଡ ପକ୍ଷରୁ ଅନ୍ତର୍ଜାତୀୟ ଫୁଟବଲ ଖେଳିବାକୁ ଯୋଗ୍ୟ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଖେଳିବାର ଇଚ୍ଛା ଥିଲା। ସେଠାରେ ଏତେ ପ୍ରତିଭାସମ୍ପନ୍ନ ଖେଳାଳି ଥିବାରୁ ତାଙ୍କୁ ଦଳରେ ସ୍ଥାନ ପାଇବା କଷ୍ଟକର ହୋଇଥିଲା। ଫଳରେ ୩ ବର୍ଷ ପୂର୍ବେ ବାଲୋଗୁନ୍ ଆମେରିକା ପକ୍ଷରୁ ଖେଳିବାକୁ ନିଷ୍ପତି ନେଇଥିଲେ।




| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୧୪, ରବିବାର ରାତି |
| ଜର୍ମାନୀ- କୁରାସାଓ |
| ହଷ୍ଟନ, ରାତି ୧୦ଟା ୩୦ |
| ନେଦରଲ୍ୟାଣ୍ଡସ- ଜାପାନ |
| ଆର୍ଲିଙ୍ଗଟନ, ରାତି- ୧ଟା ୩୦ |
| ଆଇଭରି କୋଷ୍ଟ- ଇକ୍ୱେଡର |
| ଫିଲାଡେଲଫିଆ- ରାତି ୪ଟା ୩୦ (୧୫ ତାରିଖ ଭୋର) |
| ଜୁନ୍-୧୫ ସୋମବାର |
| ସ୍ୱିଡେନ- ଟ୍ୟୁନିସିଆ |
| ଗୌଦାଲାଜରା, ସକାଳ ୭ଟା୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

### ସାଇଲ ଲାରିନ୍‌ଙ୍କ ଚମତ୍କାର ଗୋଲ୍

## କାନାଡା-ବୋସ୍‌ନିଆ ମ୍ୟାଚ୍ ଡ୍ର'

ଟରଣ୍ଟୋ,୧୩।୬(ଏଜେନ୍ସି): ବଦଳ ଖେଳାଳି ସାଇଲ ଲାରିନ୍‌ଙ୍କ ଚମତ୍କାର ଗୋଲ ବଳରେ ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା କାନାଡା ବନାମ ବୋସନିଆ ହର୍ଜଗୋଭିନା ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍-ଡି ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଏହା ଫଳରେ ଆୟୋଜକ ଦଳ ଭାବେ କାନାଡା ପରାଜୟରୁ ବଞ୍ଚିଯାଇଥିଲାବେଳେ ବିଶ୍ୱକପ୍‌ରେ ପ୍ରଥମ ପଏଣ୍ଟ ହାସଲ କରିଛି। କତାରରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟରେ କାନାଡା ତାହାର ୩ଟି ଯାକ ଗ୍ରୁପ୍ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା କାନାଡାର ପ୍ରଦର୍ଶନ ପ୍ରତିଦ୍ୱନ୍ଦ୍ୱୀଙ୍କ ଅପେକ୍ଷା ଉନ୍ନତ ଥିଲା। ପ୍ରଥମାର୍ଦ୍ଧ ଖେଳର ୨୧ତମ ମିନିଟ୍‌ରେ ଜୋଭୋ ଲୁଭିଚ୍‌ଙ୍କ ହେଡର ଜରିଆରେ ଗୋଲ ସବୁକିଛି ବଦଳାଇଦେଇଥିଲା। ବୋସନିଆର ଆକ୍ରମଣ ଓ ରକ୍ଷଣାତ୍ମକ ଖେଳ ଆଗରେ କାନାଡା ଏକ ପ୍ରକାର ନିରାଶ ହୋଇଯାଇଥିଲା। ଦଳ ପକ୍ଷରୁ ୩ଟି ଗୋଲ ଦେବାର ସହଜ ସୁଯୋଗକୁ ମଧ୍ୟ ବୋସନିଆ ଖେଳାଳିମାନେ ବ୍ୟର୍ଥ କରିଦେଇଥିଲେ। ଉପାୟ ନ ପାଇ କାନାଡା କୋଚ୍ ଜେସେ ମାର୍ଶ ବଦଳ ଖେଳାଳି ଭାବେ ସାଇଲ ଲାରିନ୍‌ଙ୍କୁ ଖେଳିବା ସୁଯୋଗ ଦେଇଥିଲେ। ସେ ପଡ଼ିଆରେ ୧୨୧ ସେକେଣ୍ଡ ଖେଳିବା ପରେ ଗୋଲ ସ୍କୋର କରି କାନାଡାକୁ ଏକ ବଡ଼ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। କିନ୍ତୁ ମ୍ୟାଚ୍ ସାରା କାନାଡା ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ୍ୟ ଗୋଲ ଦେଇ ନ ପାରିବା ଦଳ ଲାଗି ଚିନ୍ତାର କାରଣ ସାଜିଛି।



## ଏସୀୟ କ୍ରୀଡ଼ା ଲାଗି ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ

ଚେନ୍ନଇ,୧୩।୬(ଏଜେନ୍ସି): ଜାପାନରେ ଅନୁଷ୍ଠିତ ହେବାକୁ ଥିବା ୨୦୨୬ ଏସୀୟ କ୍ରୀଡ଼ା (ଏସିଆନ୍ ଗେମ୍ସ) ପାଇଁ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ସଂଘ ଏକ ଶକ୍ତିଶାଳୀ ଦଳ ଘୋଷଣା କରିଛି। ପିଭି ସିନ୍ଧୁ ଏବଂ ସାତ୍ତ୍ୱିକସାଇରାଜ୍ ର୍ୟାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀଙ୍କ ଯୋଡ଼ି ଭାରତୀୟ ଦଳର ମୁଖ୍ୟ ଆକର୍ଷଣ ସାଜିବେ।

**ଘୋଷିତ ଭାରତୀୟ ଦଳ**

**ପୁରୁଷ ସିଙ୍ଗଲ୍ସ:** ଲକ୍ଷ୍ୟ ସେନ୍, ଆୟୁଷ ଶେଟ୍ଟୀ, **ମହିଳା ସିଙ୍ଗଲ୍ସ:** ପି. ଭି. ସିନ୍ଧୁ, ଉନ୍ନତି ହୁଡ୍ଡା, **ପୁରୁଷ ଡବଲ୍ସ:** ସାତ୍ତ୍ୱିକସାଇରାଜ୍ ର୍ୟାଙ୍କିରେଡ୍ଡୀ / ଚିରାଗ ଶେଟ୍ଟୀ; ହରିହରନ୍ ଅମସାକାରୁନନ୍ / ଏମ୍. ଆର୍. ଅର୍ଜୁନ, **ମହିଳା ଡବଲ୍ସ:** ତ୍ରିସା ଜଲି / ଗାୟତ୍ରୀ ଗୋପୀଚନ୍ଦ; କାଭିପ୍ରିୟା ସେଲଭମ୍ / ସିମରନ୍ ସିଂଘୀ, **ମିଶ୍ରିତ ଡବଲ୍ସ:** ଧ୍ରୁବ କପିଳା / ତନିଷା କ୍ରାଷ୍ଟୋ।

## ଭାରତ ବିପକ୍ଷରେ ଗୁର୍‌ବାଜ୍‌ଙ୍କ ଶତକ

ଧର୍ମଶାଳା,୧୩।୬(ଏଜେନ୍ସି): ୱିକେଟକିପର ତଥା ଓପନର ରହମନୁଲ୍ଲା ଗୁରବାଜ୍‌ଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିନିକିଆରେ ଭ୍ରମଣକାରୀ ଆଫଗାନିସ୍ତାନ ଘରୋଇ ଭାରତ ଆଗରେ ୧୯୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ୧୬ ଓଭର ଖେଳ ଶେଷସୁଦ୍ଧା ଭାରତ ୨ ୱିକେଟ ହରାଇ ୧୩୪ ରନ୍ ସଂଗ୍ରହ କରିନେଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଆରମ୍ଭରୁ ୱିକେଟ ହରାଇ ବିପଦରେ ପଡ଼ିଥିଲେ ମଧ୍ୟ ଏହାର ପ୍ରଭାବ ଓପନର ଗୁରବାଜ୍‌ଙ୍କ ଉପରେ ପଡ଼ି ନ ଥିଲା। ଦଳ ୫ମ ଓଭରରେ ୨୬ରନ୍ କରିଥିଲାବେଳେ ୩ଟି ୱିକେଟ ହରାଇଥିଲା। ଏହି ସମୟରେ ଗୁରବାଜ୍‌ଙ୍କୁ ସାଥ୍ ଦେଇଥିଲେ ଅଧିନାୟକ ହସ୍‌ମତୁଲ୍ଲା ସାହିଦି। ଉଭୟ ଚତୁର୍ଥ ୱିକେଟରେ ୬୬ ବଲ୍‌ରୁ ୧୧୬ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିଥିଲେ। ୨୫ବଲ୍‌ରେ ୫୦ ଓ ୪୮ ବଲ୍‌ରେ ଶତକ ପୂରଣ କରିଥିବା ଗୁରବାଜ୍ ମୋଟ ୫୧ବଲ୍‌ରୁ ୮ଟି ଲେଖାଏଁ ଚୌକା ଓ ଛକା ସହ ୧୦୨ ରନ୍ କରିବା ପରେ ନୀତୀଶ କୁମାର ରେଡ୍ଡୀଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସାହିଦି ୩୦ବଲ୍‌ରେ ୨୭, ଆଜମତୁଲ୍ଲା ୧୬ବଲ୍‌ରେ ୨୬ ରନ୍ କରିବା ଫଳରେ ଦଳ ପୁନଃନିର୍ଦ୍ଧାରିତ ୨୫ ଓଭରରୁ ଗୋଟିଏ ବଲ ବାକିଥାଇ ୨୪.୫ ଓଭରରେ ୧୯୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଡେବ୍ୟୁ କରିଥିବା ଦୁଇ ଖେଳାଳି ଯଥା ପେସ୍ ବୋଲର ଗୁରନୁର ବ୍ରାର ଓ ସ୍ପିନର ହର୍ଷ ଦୁବେ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଅର୍ଶଦୀପ ସିଂହ ଓ ନୀତୀଶ କୁମାର ରେଡ୍ଡୀଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ବର୍ଷା ଯୋଗୁଁ ଏହି ମ୍ୟାଚ୍‌ର ଅଧିକାଂଶ ଖେଳ ବାତିଲ ହୋଇଥିଲା।



### ମହିଳା ଟି-୨୦ ବିଶ୍ୱକପ୍

## ଭାରତ-ପାକ୍ ମୁକାବିଲା ଆଜି

ବିର୍ମିଂହାମ,୧୩।୬(ଏଜେନ୍ସି): ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଏବଂ ପାକିସ୍ତାନ ରବିବାର ପରସ୍ପରକୁ ଭେଟିବେ। ବିର୍ମିଂହାମର ଏଜ୍‌ବାଷ୍ଟନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଗ୍ରୁପ୍-୧ର ଏହି ହାଇ-ଭୋଲ୍‌ଟେଜ୍ ମ୍ୟାଚ୍ ଜରିଆରେ ଉଭୟ ଦଳ ବିଶ୍ୱକପ୍‌ରେ ନିଜର ଅଭିଯାନ ଆରମ୍ଭ କରିବେ। ନିକଟରେ ଦିନିକିଆ ବିଶ୍ୱକପ୍ ଜିତିଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଭାରତର ବ୍ୟାଟିଂ ବିଭାଗ ଅତ୍ୟନ୍ତ ମଜବୁତ, ଏଥିରେ ସ୍ମୃତି ମନ୍ଧନା, ଶେଫାଳି ବର୍ମା ଏବଂ ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ଭଳି ବିସ୍ଫୋରକ ବ୍ୟାଟର ଅଛନ୍ତି। ବୋଲିଂରେ ରେଣୁକା ସିଂହ ଏବଂ ଦୀପ୍ତି ଶର୍ମା ଇଂଲଣ୍ଡର ପରିବେଶରେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ଅପରପକ୍ଷରେ, ଫାତିମା ସାନାଙ୍କ ଅଧିନାୟିକତ୍ୱରେ ପାକିସ୍ତାନ ଦଳ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିବା ଆଶାରେ ପଡ଼ିଆକୁ ଓହ୍ଲାଇବ। ନିଦା ଦାର୍‌ଙ୍କ ଭଳି ଅଭିଜ୍ଞ ସ୍ପିନରଙ୍କ ଉପରେ ପାକିସ୍ତାନର ବୋଲିଂ ନିର୍ଭର କରିବ। ଏହି ମ୍ୟାଚ୍‌ରେ ଭାରତୀୟ ଟପ୍-ଅର୍ଡର ବ୍ୟାଟ୍ସମ୍ୟାନ୍ ଏବଂ ପାକିସ୍ତାନର ସ୍ପିନରଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ।



**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
ସ୍ଥାନ: ଏଜ୍‌ବାଷ୍ଟନ୍, ବର୍ମିଂହାମ
ସିଧାପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ ଓ ଜିଓହଟ୍‌ଷ୍ଟାର୍

# ଇଂଲଣ୍ଡ-୨୧୯/୧ : ମହିଳା ଟି-୨୦ ବିଶ୍ୱକପ୍‌ରେ ସର୍ବାଧିକ ସ୍କୋର


ଡାନି ଓ୍ୱାଟ୍-ହଜ୍

ଏଜ୍‌ବାଷ୍ଟନ୍,୧୩।୬(ଏଜେନ୍ସି)

ମହିଳା ଟି-୨୦ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ମହିଳା ଦଳ ସର୍ବାଧିକ ଦଳଗତ ସ୍କୋର ସହ ଏକ ଚମତ୍କାର ବିଜୟ ହାସଲ କରିଛି। ଓପନର୍ ଡାନି ୱାଟ୍-ହଜ୍ ୬୨ ବଲ୍‌ରେ ଅପରାଜିତ ୧୦୫ ରନ୍ କରି ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲାବେଳେ ଇଂଲଣ୍ଡକୁ ୮୭ ରନ୍‌ରେ ପରାସ୍ତ କରିଛି। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧ ୱିକେଟରେ ୨୧୯ ରନ୍ କରିଥିଲା। ମହିଳା ବିଶ୍ୱକପ୍ ଇତିହାସରେ ଏହା ସର୍ବୋଚ୍ଚ ସ୍କୋର ଅଟେ। ଜବାବରେ ୨୨୦ ରନ୍‌ର ବଡ଼ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ମହିଳା ଦଳ ୧୯.୫ ଓଭରରେ ମାତ୍ର ୧୩୨ ରନ୍ କରି ସମସ୍ତ ଉଇକେଟ୍ ହରାଇଥିଲା। ଇଂଲଣ୍ଡର ୨୧ ବର୍ଷୀୟା ବାମହାତୀ ବୋଲର ଫରେୟା କେମ୍ପ ମାତ୍ର ୨୧ ରନ୍ ଦେଇ ୪ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ୍ ନେଇଥିଲେ।

### ସ୍କଟଲ୍ୟାଣ୍ଡର ଐତିହାସିକ ବିଜୟ

ମାଞ୍ଚେଷ୍ଟର,୧୩।୬(ଏଜେନ୍ସି): ଚଳିତ ମହିଳା ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍-୨ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡ ଏକ ଚମତ୍କାର ପ୍ରଦର୍ଶନ କରି ଆୟରଲ୍ୟାଣ୍ଡକୁ ୪୦ ରନ୍‌ରେ ପରାସ୍ତ କରିଛି। ବିଶ୍ୱକପ୍ ଇତିହାସରେ ନିଜର ପଞ୍ଚମ ପ୍ରୟାସରେ ସ୍କଟଲ୍ୟାଣ୍ଡ ପ୍ରଥମ ଥର ପାଇଁ ବିଜୟ ସ୍ୱାଦ ଚାଖିଥିବାବେଳେ ଆୟର୍ଲାଣ୍ଡର କ୍ରମାଗତ ୧୮ତମ ପରାଜୟର କ୍ରମ ଜାରି ରହିଛି। ପ୍ରଥମେ ବ୍ୟାଟିଂ କରି ସ୍କଟ୍‌ଲାଣ୍ଡ ୫ ୱିକେଟରେ ୧୬୧ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ଦଳ ୧୯.୧ ଓଭରରେ ମାତ୍ର ୧୨୧ ରନ୍ କରି ଅଲଆଉଟ ହୋଇଥିଲା। ସ୍କଟଲ୍ୟାଣ୍ଡ ପକ୍ଷରୁ ଅଧିନାୟିକା କ୍ୟାଥରିନ୍ ବ୍ରାଇସ୍ (୬୦ ରନ୍, ୩୯ ବଲ୍) ଏବଂ ସାରା ବ୍ରାଇସ୍ ୪୯ ରନ୍‌ର ଇନିଂସ ଖେଳିଥିଲେ। ସ୍ପିନର କିର୍‌ଷ୍ଟି ଗୋର୍ଡନ ଓ କ୍ୟାଥରିନ୍ ଫ୍ରେଜର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ଲିଚ୍‌ଫିଲ୍ଡଙ୍କ ଅର୍ଦ୍ଧଶତକ

ମାଞ୍ଚେଷ୍ଟର: ଫୋଏବି ଲିଚ୍‌ଫିଲ୍ଡଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଗ୍ରୁପ୍-ଏ' ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ୱିକେଟରେ ୧୭୨ ରନ୍ ସଂଗ୍ରହ କରିଛି। ଲିଚ୍‌ଫିଲ୍ଡ ୨୪ ବଲ୍‌ରେ ୯ ଚୌକା ଓ ୧ ଛକା ସହ ୫୦ରନ୍ କରିଥିଲେ। ଏଲିସେ ପେରୀ ୨୬ବଲ୍‌ରେ ୩୬, ଜର୍ଜିଆ ୱେୟାରହାମ୍ ୨୨ ବଲ୍‌ରେ ୩୨ ଓ ଆନାବେଲ ସଦରଲାଣ୍ଡ ୧୪ ବଲ୍‌ରେ ୨୧ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ଏକ ସମ୍ମାନଜନକ ସ୍କୋର କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆୟାବାଙ୍ଗା ଖାକା, ଏନ୍ ମାଲ୍‌ବା ଓ ନାଦିନ ଡି କ୍ଲର୍କ ୨ଟି ଲେଖାଏଁ ୱିକେଟ ନେଇଛନ୍ତି। ଜବାବରେ ଦକ୍ଷିଣ ଆଫ୍ରିକା ୨ ଓଭରରେ ୨ ୱିକେଟ ହରାଇ ୧୦ ରନ୍ କରିଛି।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
MARKETING EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS